- Vol.- 46, Issue No. 104
- Tuesday, 14 July 2026
- ମଙ୍ଗଳବାର, ୧୪ ଜୁଲାଇ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


### ହର୍ମୁଜରେ ଜାହାଜଗୁଡ଼ିକ ଉପରେ

# ୨୦% ଟିକସ ଲଗାଇବ ଆମେରିକା: ଟ୍ରମ୍ପ

ନୂଆଦିଲ୍ଲୀ, ୧୩।୭: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ବଡ଼ ଏବଂ ଚମକାଇଲା ଭଳି ଘୋଷଣା କରିଛନ୍ତି । ସେ କହିଛନ୍ତି ଯେ, ବିଶ୍ୱର ସବୁଠାରୁ ବ୍ୟସ୍ତବହୁଳ ଜଳମାର୍ଗ 'ହର୍ମୁଜ ପ୍ରଣାଳୀ' ଦେଇ ଯାଉଥିବା ସମସ୍ତ ମାଲବାହୀ ଜାହାଜଗୁଡ଼ିକ ପାଖରୁ ଆମେରିକା ୨୦ ପ୍ରତିଶତ ଟିକସ ଆଦାୟ କରିବ । ଡୋନାଲ୍ଡ ଟ୍ରମ୍ପ ନିଜର ସୋସିଆଲ ମିଡିଆ ପ୍ଲାଟଫର୍ମ 'ଟ୍ରୁଥ୍ ସୋସିଆଲ'ରେ ଏକ ପୋଷ୍ଟ କରି ଲେଖିଛନ୍ତି, ଏବେଠାରୁ ଆମେରିକା ହର୍ମୁଜ ପ୍ରଣାଳୀର ଗାର୍ଡିଆନ୍ । ଏହି ଅତ୍ୟନ୍ତ ସମ୍ବେଦନଶୀଳ ଅଞ୍ଚଳକୁ ସୁରକ୍ଷା ଯୋଗାଇବା ପାଇଁ ହେଉଥିବା ଖର୍ଚ୍ଚର ଭରଣା ନିମନ୍ତେ, ଏହି ମାର୍ଗ ଦେଇ ଯାଉଥିବା ସମସ୍ତ କାର୍ଗୋ ପାଖରୁ ୨୦% ଟିକସ ଆଦାୟ କରାଯିବ । ଏହି ପ୍ରକ୍ରିୟା ତୁରନ୍ତ ଆରମ୍ଭ କରାଯିବ । ଟ୍ରମ୍ପ ସ୍ପଷ୍ଟ କରିଛନ୍ତି ଯେ, ହର୍ମୁଜ ପ୍ରଣାଳୀ ସମ୍ପୂର୍ଣ୍ଣ ଭାବରେ ଖୋଲା ଅଛି ଏବଂ ଏହା ଖୋଲା ହିଁ ରହିବ । କିନ୍ତୁ ଆମେରିକା ପୁଣି ଥରେ ଇରାନ ଉପରେ ସାମୁଦ୍ରିକ ପ୍ରତିବନ୍ଧକ ଲାଗୁ କରୁଛି । ଏହି ପ୍ରତିବନ୍ଧକ କେବଳ ଇରାନର ଜାହାଜ ଉପରେ ଲାଗିବ । ଇରାନ ବ୍ୟତୀତ ବିଶ୍ୱର ଅନ୍ୟ ସମସ୍ତ ଦେଶ ଏହି ପ୍ରଣାଳୀର ବ୍ୟବହାର ମୁକ୍ତ ଏବଂ ସ୍ୱାଭାବିକ ଭାବରେ କରିପାରିବେ । ନିଜର ଏହି ସୋସିଆଲ ମିଡିଆ ପୋଷ୍ଟର କିଛି ଘଣ୍ଟା ପୂର୍ବରୁ ଟ୍ରମ୍ପ ଏକ ସାକ୍ଷାତକାର ଦେଇଥିଲେ । ସେଥିରେ ସେ କହିଥିଲେ ଯେ, ଆମେରିକା ହର୍ମୁଜ ପ୍ରଣାଳୀର ନିୟନ୍ତ୍ରଣ ନିଜ ହାତକୁ ନେଉଛି । ସେ କହିଥିଲେ, 'ଆମେ ଏହି ଜଳପଥକୁ ନିଜ ଅଧୀନରେ ରଖିବୁ ଏବଂ ଏହାର ପରିଚାଳନା ମଧ୍ୟ କରିବୁ । ଆମେ ହେବୁ ଏହାର ରକ୍ଷାକର୍ତ୍ତା, ବୋଧହୁଏ ଆମେ ନିଜକୁ 'ଗାର୍ଡିଆନ ଏଞ୍ଜେଲ୍ ଅଫ ଦ ଷ୍ଟ୍ରେଟ୍' ବୋଲି କହିବୁ । ଆଉ ଏହି ସୁରକ୍ଷା ବଦଳରେ ଆମକୁ ଅର୍ଥ ମିଳିବା ଉଚିତ ।' ଟ୍ରମ୍ପଙ୍କ ଏହି ନୂଆ ଆଭିମୁଖ୍ୟ ପରେ ଆନ୍ତର୍ଜାତୀୟ ବାଣିଜ୍ୟ ଏବଂ ରାଜନୀତିରେ ହଇଚଇ ସୃଷ୍ଟି ହୋଇଛି ।







## କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ୨୫ ପ୍ରତିଶତ ବୋନସ୍

ଭୁବନେଶ୍ୱର: କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ଖୁସିର ଖବର । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ରାଜ୍ୟର ଲକ୍ଷ ଲକ୍ଷ କେନ୍ଦୁପତ୍ର ତୋଳାଳି, ବନ୍ଧାଳି ଓ ସିଜିନାଲ୍ ଷ୍ଟାଫଙ୍କ କଲ୍ୟାଣ ପାଇଁ ସେମାନଙ୍କ ବୋନସ ଓ ପ୍ରୋତ୍ସାହନ ରାଶି ପ୍ରଦାନକୁ ଅନୁମୋଦନ କରିଛନ୍ତି । ଏହା ସହିତ କେରି ଓ ଫାଳର ମୂଲ୍ୟରେ ମଧ୍ୟ ବୃଦ୍ଧି କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରୋସେସ ଏରିଆରେ କେନ୍ଦୁପତ୍ର କେରି (୨୦ଟି) ପିଛା ମୂଲ୍ୟ ୧୦ ପଇସା ବୃଦ୍ଧି କରାଯାଇଥିବା ବେଳେ ଫାଳ (୪୦ଟି) ପିଛା ମୂଲ୍ୟ ୨୦ ପଇସା ବୃଦ୍ଧି କରାଯାଇଛି । ଏଥିପାଇଁ ରାଜ୍ୟ ସରକାର ୧୦.୭୮ କୋଟି ଟଙ୍କା ଖର୍ଚ୍ଚ ବହନ କରିବେ । ସେହିପରି କେନ୍ଦୁପତ୍ର ତୋଳାଳିମାନଙ୍କ ପାଇଁ ୨୫ ପ୍ରତିଶତ ବୋନସ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏହା ସହିତ ବନ୍ଧାଳି ଓ ସିଜିନାଲ୍ ଷ୍ଟାଫଙ୍କ ପାଇଁ ୫ ପ୍ରତିଶତ ପ୍ରୋତ୍ସାହନ ରାଶି ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି । ଏଥିପାଇଁ ରାଜ୍ୟ ସରକାର ୬୪ କୋଟି ଟଙ୍କା ବହନ କରିବେ । ରାଜ୍ୟ ସରକାର ସମୁଦାୟ ୭୪.୭୮ କୋଟି ଟଙ୍କା ଖର୍ଚ୍ଚ କରିବେ ।



## ଆଜି କ୍ୟାବିନେଟ ବୈଠକ ଏକାଧିକ ପ୍ରସ୍ତାବ ଉପରେ ଲାଗିପାରେ ମୋହର

ଭୁବନେଶ୍ୱର, ୧୩।୭: ଆସନ୍ତାକାଲି ବସିବ ରାଜ୍ୟ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକ । ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅପରାହ୍ନରେ ୪ଟାରେ ବସିବ ବୈଠକ । ଏକାଧିକ ପ୍ରସ୍ତାବ ଉପରେ ଲାଗିପରେ ମୋହର । ରଥଯାତ୍ରା ପୂର୍ବରୁ କ୍ୟାବିନେଟ ବୈଠକ ବସୁଥିବାରୁ ବଡ଼ ନିଷ୍ପତ୍ତି ନେଇପାରନ୍ତି ରାଜ୍ୟ ସରକାର ।

---

### ସ୍କୁଲ ପାଠ୍ୟପୁସ୍ତକ ଅନିୟମିତତା ମାମଲା

## କ୍ରାଇମବ୍ରାଞ୍ଚ ହାତକୁ ଗଲା ତଦନ୍ତ ଭାର, ଗଠନ ହେଲା ସ୍ୱତନ୍ତ୍ର ଟିମ୍

ଭୁବନେଶ୍ୱର, ୧୩।୦୭ (ନି.ପ୍ର): ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ପାଠ୍ୟପୁସ୍ତକର ପ୍ରସ୍ତୁତି, ଅନୁମୋଦନ ଏବଂ ପ୍ରକାଶନ ପ୍ରକ୍ରିୟାରେ ହୋଇଥିବା ଅନିୟମିତତାର ତଦନ୍ତ ଭାର କ୍ରାଇମବ୍ରାଞ୍ଚ ଗ୍ରହଣ କରିଛି । ଏସ୍‌ସିଇଆର୍‌ଟିର ନିର୍ଦ୍ଦେଶିକା ମଧୁସ୍ମିତା ସାହୁଙ୍କ ଲିଖିତ ଅଭିଯୋଗକୁ ଆଧାର କରି କ୍ରାଇମବ୍ରାଞ୍ଚରେ କେସ୍ ନଂ– ୦୮/୨୦୨୬ ରୁଜୁ କରାଯାଇଛି । ଏହି ମାମଲା ଭାରତୀୟ ନ୍ୟାୟ ସଂହିତା ୨୦୨୩ର ଧାରା ୩୧୬(୫), ୨୦୧, ୩(୫) ଏବଂ ୬୧(୨) ଅନୁଯାୟୀ ଏହି ମାମଲା ଦାୟର କରାଯାଇଛି । କ୍ରାଇମବ୍ରାଞ୍ଚ ଏସ୍‌ପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡିଏସ୍‌ପି ନରେନ୍ଦ୍ର କୁମାର ବେହେରାଙ୍କୁ ଏହି ସମ୍ବେଦନଶୀଳ ମାମଲାର ମୁଖ୍ୟ ତଦନ୍ତକାରୀ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି । ତଦନ୍ତକୁ ବ୍ୟାପକ ଓ ନିରପେକ୍ଷ ଭାବେ ପରିଚାଳନା କରିବା ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ ଏକାଧିକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଗଠନ କରାଯାଇଛି । ପାଠ୍ୟପୁସ୍ତକ ପ୍ରସ୍ତୁତି, ବିଷୟବସ୍ତୁ ଚୟନ, ଅନୁମୋଦନ, ମୁଦ୍ରଣ, ପ୍ରକାଶନ ଏବଂ ବଣ୍ଟନ ପର୍ଯ୍ୟନ୍ତ ସମଗ୍ର ପ୍ରକ୍ରିୟାର ପ୍ରତ୍ୟେକ ପର୍ଯ୍ୟାୟକୁ ତନ୍ନତନ୍ନ କରି ଯାଞ୍ଚ କରାଯିବ । ଆବଶ୍ୟକ ସ୍ଥଳେ ସମ୍ପୃକ୍ତ ଦସ୍ତାବିଜ, ରେକର୍ଡ ଓ ଅନ୍ୟାନ୍ୟ ସାକ୍ଷ୍ୟ ସଂଗ୍ରହ କରାଯିବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପଚରାଉଚରା କରାଯିବ ।

---

## ମୌସୁମୀ ଅଧିବେଶନ ପାଇଁ ବିଜେଡିର ରଣନୀତି ପ୍ରସ୍ତୁତ

ଭୁବନେଶ୍ୱର, ୧୩।୭: ଆଗକୁ ରହିଛି ମୌସୁମୀ ଅଧିବେଶନ । ସଂସଦରେ ବେଶ ସରଗରମ ରହିବ ମୌସୁମୀ ସେସନ । ଏହାକୁ ନେଇ ନବୀନ ନିବାସରେ ସୋମବାର ଅନୁଷ୍ଠିତ ହୋଇଛି ସଂସଦୀୟ ଦଳ ବୈଠକ । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ବସିଥିଲା । ଆଗାମୀ ସଂସଦର ମୌସୁମୀ ଅଧିବେଶନକୁ ନେଇ ଏହି ବୈଠକରେ ରଣନୀତି ପ୍ରସ୍ତୁତ ହୋଇଛି । ସଂସଦୀୟ ଦଳ ନେତା ମାନସ ମଙ୍ଗରାଜ, ସଂସଦୀୟ ଦଳ ଉପନେତା ସୁଲତା ଦେଓ ବୈଠକରେ ସାମିଲ । ସାଂସଦ ସସ୍ମିତ ପାତ୍ର, ପୁରୀ ସାଂସଦ ଶୁଭାଶିଷ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ । ଆସନ୍ତା ସଂସଦ ଅଧିବେଶନ ପାଇଁ ଦଳର ରଣନୀତି ପ୍ରସ୍ତୁତ କରାଯାଇଛି । ଓଡ଼ିଶାର ସ୍ୱାର୍ଥ ସମ୍ବନ୍ଧୀୟ ପ୍ରସଙ୍ଗକୁ ସଂସଦରେ କିଭଳି ଜୋରଦାର ଭାବେ ଉଠାଯିବ ସେ ନେଇ ଆଲୋଚନା ହୋଇଛି । ରାଜ୍ୟର ବର୍ତ୍ତମାନ ସ୍ଥିତି, ମହଙ୍ଗା ମାଡ, ବେରୋଜଗାରୀ, କୃଷକଙ୍କ ସମସ୍ୟା ଏବଂ କେନ୍ଦ୍ର ସରକାରଙ୍କଠୁ ରାଜ୍ୟକୁ ମିଳୁଥିବା ଅନୁଦାନ ପ୍ରସଙ୍ଗରେ ଦଳ କ'ଣ ଆଭିମୁଖ୍ୟ ରଖିବ ତାହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ବିଷୟରେ ଆଲୋଚନା କରାଇଛି ।

## ୪ ଦିନ ଯାଏ ରାଜ୍ୟରେ ପ୍ରବଳ ବର୍ଷା



ଭୁବନେଶ୍ୱର, ୧୩।୭: ୪ ଦିନ ଯାଏ ରାଜ୍ୟରେ ପ୍ରବଳ ବର୍ଷା । ୨୪ ଘଣ୍ଟା ପାଇଁ ୧୪ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି । ତେବେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକରେ ପ୍ରବଳ ବର୍ଷା ଆଶଙ୍କା ଥିବା ପାଣିପାଗ ବିଭାଗ ସୂଚନା ଦେଇଛି । ତେବେ ବିଭିନ୍ନ ଜିଲାରେ ବର୍ଷା ସହିତ ଗୁଲୁଗୁଲି ଜାରି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ୨୦ ଜିଲାରେ ବର୍ଷା ସମ୍ଭାବନା ରହିଥିବାବେଳେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ସୁନ୍ଦରଗଡ଼, ଝାରସୁଗୁଡା, ବରଗଡ଼, ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ, କଳାହାଣ୍ଡି, କନ୍ଧମାଳ ଏବଂ ରାୟଗଡ଼ା ଜିଲାକୁ ପ୍ରବଳ ବର୍ଷା ନେଇ ୱାର୍ନିଂ ଦିଆଯାଇଛି ।


### ॥ ମିଳିଲା ନିଖୋଜ ଜୟ ମା କାଳୀ ଟ୍ରଲର ॥

# ୯ ମତ୍ସ୍ୟଜୀବୀଙ୍କ ମୃତଦେହ ଉଦ୍ଧାର

ଭୋଗରାଇ, ୧୩।୭: ଗତ ୨ ତାରିଖରୁ ନିଖୋଜ ଥିବା ବୋଟ୍ ମିଳିଛି । ସମୁଦ୍ରରୁ ଉଦ୍ଧାର ହୋଇଥିବା ଏହି ଟ୍ରଲରରୁ ଏପର୍ଯ୍ୟନ୍ତ ୯ ଜଣ ମତ୍ସ୍ୟଜୀବୀଙ୍କ ମୃତଦେହ ଉଦ୍ଧାର କରାଯାଇଛି । ଅନ୍ୟ ୬ ଜଣ ଏବେ ମଧ୍ୟ ନିଖୋଜ ଅଛନ୍ତି । ସମୁଦ୍ରରେ ବୋଟ୍‌ଟି ଓଲଟି ପଡ଼ିଥିବାରୁ ସେମାନଙ୍କର ବି ମୃତ୍ୟୁ ଆଶଙ୍କା କରାଯାଉଛି । ଗତ ଜୁଲାଇ ୨ ତାରିଖରେ ୧୫ ଜଣ ମତ୍ସ୍ୟଜୀବୀଙ୍କୁ ନେଇ ମେଦିନୀପୁରର ଶଙ୍କରପୁରରୁ ଏହି ଟ୍ରଲରଟି ଇଲିସି ମାଛ ଧରିବା ପାଇଁ ସମୁଦ୍ରକୁ ବାହାରିଥିଲା । ମାତ୍ର ଦୁଇ ଦିନ ପରେ ଟ୍ରଲର ସହ ସମସ୍ତ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା । ରିପୋର୍ଟ ଲେଖାଯିବ ସୁଦ୍ଧା ୯ ଜଣଙ୍କର ମୃତଦେହ ମିଳିଛି । ଆଉ ୬ ଜଣଙ୍କର ସନ୍ଧାନ ନମିଳିବା ଚିନ୍ତା ବଢାଇଛି । ପରବର୍ତ୍ତୀ ସମୟରେ ବକଖାଲିଠାରୁ ପ୍ରାୟ ୧୬ କିଲୋମିଟର ଦୂର ରକ୍ତାଚର ଦୀପ ନିକଟରୁ ଏହି ଟ୍ରଲରକୁ ଠାବ କରାଯାଇ ଥିଲା । ଗତକାଲି ଅପରାହ୍ନରେ ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାର ଗୋବର୍ଦ୍ଧନପୁର ଥାନା ପୁଲିସ, ବନ ବିଭାଗ ଏବଂ ଭାରତୀୟ ତଟରକ୍ଷୀ ବାହିନୀ ମିଳିତ ଭାବରେ ଏହି ଟ୍ରଲରକୁ ଚିହ୍ନଟ କରିଥିଲେ । ଏହାପରେ ଟ୍ରଲରକୁ ଗୋବର୍ଦ୍ଧନପୁରର ସୀତାରାମପୁରକୁ ଅଣାଯାଇଥିଲା ଏବଂ ସେଠାରେ ରାତାରାତି ବ୍ୟାପକ ଖୋଜାଖୋଜି କରାଯାଇଥିଲା । ଏହି ସର୍ଚ୍ଚ ଅପରେସନ ସମୟରେ ଏବେ ସୁଦ୍ଧା ୯ଜଣ ମତ୍ସ୍ୟଜୀବୀଙ୍କ ମୃତଦେହ ମିଳି ସାରିଛି । ଉଦ୍ଧାର ହୋଇଥିବା ସମସ୍ତ ମୃତଦେହ ବ୍ୟବଚ୍ଛେଦ ପାଇଁ କାକଦ୍ୱୀପ ସବଡିଭିଜନ ହସ୍ପିଟାଲକୁ ପଠାଯାଇଛି । ଅନ୍ୟପଟେ ବାକି ୬ଜଣ ନିଖୋଜ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରୟାସ ଜାରି ରହିଛି । ସମୁଦ୍ରର ବିଭିନ୍ନ ଅଞ୍ଚଳରେ ତଲାସୀ ଜାରି ରହିଛି ।



## ଆନ୍ଧ୍ରରେ କୋଭିଡ, ଓଡ଼ିଶାରେ ହାଇଆଲର୍ଟ



ଭୁବନେଶ୍ୱର, ୧୩।୭: ଆନ୍ଧ୍ରପ୍ରଦେଶରେ ପୁଣି କାୟା ମେଲାଇଲାଣି କୋଭିଡ । ଆନ୍ଧ୍ରରେ ୨ ମୃତ୍ୟୁ ପରେ ସୀମାନ୍ତ ଓଡ଼ିଶାରେ ହାଇଆଲର୍ଟ । ରାଜ୍ୟରେ ସବୁ ସମୟରେ କୋଭିଡ ସତର୍କତା ରହିଛି ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ । ସବୁବେଳେ ଟେଷ୍ଟ ହେଉଛି । ଆନ୍ଧ୍ର ସୀମାନ୍ତ ଓଡ଼ିଶାର ସମସ୍ତ ଜିଲ୍ଲାର ସିଡିଏମଓଙ୍କୁ କୋଭିଡ ଟେଷ୍ଟ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲରେ ଟେଷ୍ଟ କରନ୍ତୁ । ଲକ୍ଷଣ ଦେଖାଗଲେ କୋଭିଡ ନିୟମ ଅନୁସାରେ ଚିକିତ୍ସା ହେବ ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ରବୀନ୍ଦ୍ରନାଥ ମିଶ୍ର । ଆଗକୁ ରଥଯାତ୍ରା ଭଳି ବଡ଼ ଧାର୍ମିକ ସମାଗମ ଥିବାରୁ ସଂକ୍ରମଣ ରୋକିବା ଦିଗରେ ସ୍ୱାସ୍ଥ୍ୟ ବିଭାଗ ଅଧିକ ସତର୍କ ରହିଛି । ବିଶେଷ କରି ଜ୍ୱର, କାଶ, ଗଳାବ୍ୟଥା କିମ୍ବା ଶ୍ୱାସକଷ୍ଟ ଭଳି କୋଭିଡ ଲକ୍ଷଣ ଦେଖାଦେଲେ ତୁରନ୍ତ ପରୀକ୍ଷା କରାଇବାକୁ ପରାମର୍ଶ ଦିଆଯାଇଛି । ସଂକ୍ରମଣ ଚିହ୍ନଟ ହେଲେ ପ୍ରଚଳିତ କୋଭିଡ ନିୟମାବଳୀ ଅନୁସାରେ ଚିକିତ୍ସା ଓ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ । ଏନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ରବୀନ୍ଦ୍ରନାଥ ମିଶ୍ର କହିଛନ୍ତି, ରାଜ୍ୟରେ ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିଛି । ତଥାପି ପଡ଼ୋଶୀ ରାଜ୍ୟର ସ୍ଥିତିକୁ ଦୃଷ୍ଟିରେ ରଖି ସୀମାନ୍ତ ଜିଲ୍ଲାଗୁଡ଼ିକରେ ସତର୍କତା ବଢ଼ାଯାଇଛି । କୌଣସି ସନ୍ଦିଗ୍ଧ ମାମଲାକୁ ତୁରନ୍ତ ଚିହ୍ନଟ କରି ପରୀକ୍ଷା ଓ ଚିକିତ୍ସା କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି ।

### ଭିଜିଲାନ୍ସ ଜାଲରେ ଓଡ଼ିଶା ନିର୍ମାଣ ନିଗମ ଲିମିଟେଡର ନିର୍ବାହୀ ଯନ୍ତ୍ରୀ

## ୧୫ ବର୍ଷରେ କୋଟି କୋଟି ଟଙ୍କାର ସମ୍ପତ୍ତି



ଭୁବନେଶ୍ୱର, ୧୩।୭: ଭିଜିଲାନ୍ସ ଜାଲରେ ଓଡ଼ିଶା ନିର୍ମାଣ ନିଗମ ଲିମିଟେଡର ନିର୍ବାହୀ ଯନ୍ତ୍ରୀ ତଥା ପୂର୍ବତନ କୋରାପୁଟ ଆଇଟିଡିଏର ପୂର୍ବତନ ସହକାରୀ ଯନ୍ତ୍ରୀ ସଞ୍ଜୟ କିସପେଟା । ଆୟବହିର୍ଭୂତ ସମ୍ପତ୍ତିଠୁଳ ଅଭିଯୋଗରେ ବଡ଼ ଧରଣର ଚଢ଼ାଉ କରିଛି ଓଡ଼ିଶା ଭିଜିଲାନ୍ସ । ରାଜ୍ୟର ୭ଟି ସ୍ଥାନରେ ଏକକାଳୀନ ତଲାସି ଜାରି ରହିଥିବା ବେଳେ ବହୁ ମୂଲ୍ୟବାନ ସମ୍ପତ୍ତି ଓ ଦସ୍ତାବିଜ ଠାବ କରାଯାଇଛି । ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତଙ୍କ ସର୍ଚ୍ଚ ୱାରେଣ୍ଟ ଆଧାରରେ ୬ ଜଣ ଡିଏସପି, ୮ ଜଣ ଇନ୍ସପେକ୍ଟର, ୭ ଜଣ ଏଏସଆଇ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କୁ ନେଇ ଗଠିତ ଟିମ୍ ସଞ୍ଜୟ କୁମାର କିସପେଟାଙ୍କ ସହ ସମ୍ପୃକ୍ତ ୭ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରିଥିଲା । ଏହି ତଲାସି କୋରାପୁଟର ଭଡ଼ା ଘର, କୁମ୍ଭା-୧ ମୌଜାରେ ଥିବା ୪ ମହଲା ହୋଟେଲ, କୁମ୍ଭା-୨ରେ ନିର୍ମାଣାଧୀନ ବାସଭବନ, ସୁନ୍ଦରଗଡ଼ର ପୈତୃକ ଘର ଓ ନିର୍ମାଣାଧୀନ ୩ ମହଲା କୋଠା ସହ ଭୁବନେଶ୍ୱର ଓ ବଲାଙ୍ଗିରର ବାସଭବନ ଏବଂ କାର୍ଯ୍ୟାଳୟରେ କରାଯାଇଥିଲା । କୋରାପୁଟରେ ୫ଟି ପ୍ଲଟ୍, ଭୁବନେଶ୍ୱରରେ ଗୋଟିଏ ପ୍ଲଟ୍ ଏବଂ ରାଉରକେଲାର ଲହୁଣୀପଡ଼ାରେ ୨ଟି ଦାମୀ ପ୍ଲଟ୍ ଠାବ କରାଯାଇଛି । ଏହାଛଡ଼ା କୋରାପୁଟରେ ଥିବା ୪ ମହଲା ବିଶିଷ୍ଟ ବିଳାସପୂର୍ଣ୍ଣ ହୋଟେଲ, ଯାହାର ଆନୁମାନିକ ମୂଲ୍ୟ ୨ କୋଟି ଟଙ୍କାରୁ ଅଧିକ ବୋଲି ଭିଜିଲାନ୍ସ ସୂଚନା ଦେଇଛି । ତଲାସି ବେଳେ ଦୁଇଟି ଦାମୀ କାର, ଗୋଟିଏ ବୁଲେଟ, ଗୋଟିଏ ସ୍କୁଟି, ବହୁ ପରିମାଣର ସୁନା ଓ ରୂପା ଅଳଙ୍କାର, ବିଭିନ୍ନ ଜୀବନ ବୀମା ସମ୍ବନ୍ଧୀୟ କାଗଜପତ୍ର ଏବଂ ଅନେକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଠାବ ହୋଇଛି । ତଲାସି ଜାରି ରହିଛି । ସମସ୍ତ ସମ୍ପତ୍ତିର ମୂଲ୍ୟାଙ୍କନ ଓ ଯାଞ୍ଚ ଶେଷ ହେବା ପରେ ଜବତ ସାମଗ୍ରୀ ଓ ଆୟବହିର୍ଭୂତ ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ ସହ ବିସ୍ତୃତ ରିପୋର୍ଟ ପ୍ରକାଶ କରାଯିବ ।

### ଭାରତୀୟ ରେଳରେ ନୂଆ ଯୁଗ

# ୧୭ରେ ହାଇଡ୍ରୋଜେନ୍ ଟ୍ରେନ୍‌ର ଶୁଭାରମ୍ଭ କରିବେ ମୋଦି




ନୂଆଦିଲ୍ଲୀ, ୧୩।୭: ଭାରତୀୟ ରେଳ ଇତିହାସରେ ଆଉ ଏକ ନୂଆ ଅଧ୍ୟାୟ ଯୋଡ଼ିବାକୁ ଯାଉଛି । ଦେଶର ପ୍ରଥମଥର ହାଇଡ୍ରୋଜେନ୍ ଇନ୍ଧନଚାଳିତ ଟ୍ରେନ୍ ଆସନ୍ତା ଜୁଲାଇ ୧୭ରେ ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଏହି ଟ୍ରେନ୍ ହରିୟାଣାର ଜିନ୍ଦ ଓ ସୋନିପତ ମଧ୍ୟରେ ୮୯ କିଲୋମିଟର ଦୂରତା ପ୍ରାୟ ଦୁଇ ଘଣ୍ଟାରେ ଅତିକ୍ରମ କରିବ । ରେଳ ବୋର୍ଡ ପକ୍ଷରୁ ୮ ଜୁଲାଇରେ ଉତ୍ତର ରେଳବାଇକୁ ଜାରି କରାଯାଇଥିବା ଟ୍ରେନ୍ ନମ୍ବର ୭୪୦୧୦ ସକାଳ ୭ଟା ୪୦ ମିନିଟରେ ଜିନ୍ଦରୁ ଛାଡ଼ି ସକାଳ ୯ଟା ୪୦ ମିନିଟରେ ସୋନିପତରେ ପହଞ୍ଚିବ । ଫେରନ୍ତା ଯାତ୍ରାରେ ଟ୍ରେନ୍ ନମ୍ବର ୭୪୦୦୯ ସକାଳ ୧୦ଟା ୪୦ ମିନିଟରେ ସୋନିପତରୁ ଛାଡ଼ି ଅପରାହ୍ନ ୧ଟାରେ ଜିନ୍ଦରେ ପହଞ୍ଚିବ । ଏହି ଟ୍ରେନ୍ ଜିନ୍ଦ ସିଟି, ପାଣ୍ଡୁ ପିଣ୍ଡାରା, ଲଳିତ ଖେରା, ଭାମ୍ଭେବା, ଇଶାପୁର ଖେରି, ବୁଟାନା, ଖଣ୍ଡରାଇ, ଗୋହାନା, ରାଭରା, ଲାଥ, ମୋହନା ହରିୟାଣା ଓ ବରୱାସନି ସମେତ ମୋଟ ୧୨ଟି ମଧ୍ୟବର୍ତ୍ତୀ ଷ୍ଟେସନରେ ରହଣି କରିବ । ତେବେ ନିୟମିତ ଯାତ୍ରୀ ସେବା କେବେ ଆରମ୍ଭ ହେବ, ସେନେଇ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ । ରେଳ ବୋର୍ଡ ଉତ୍ତର ରେଳବାଇକୁ ଏହାକୁ ଶୀଘ୍ର ଚୂଡ଼ାନ୍ତ କରିବାକୁ ନିର୍ଦ୍ଦେଶ ଦେଇଛି । ୧୦ଟି କୋଚ୍ ବିଶିଷ୍ଟ ଏହି ଉରଗଟ ଟ୍ରେନ୍‌ରେ ୬୮୨ଟି ଆସନ ରହିଛି ଏବଂ ମୋଟ ୨,୬୦୦ ଯାତ୍ରୀ ବହନ କରିବାର କ୍ଷମତା ରହିଛି । ଟ୍ରେନ୍‌ଟି ପ୍ରତିଦିନ ୩୫୬ କିଲୋମିଟର ଚଳାଚଳ କରିବ ଏବଂ ଜିନ୍ଦ-ସୋନିପତ ରୁଟ୍‌ରେ ଦୁଇଟି ରାଉଣ୍ଡ ଟ୍ରିପ୍ ସମ୍ପୂର୍ଣ୍ଣ କରିବ । ପରୀକ୍ଷଣ ସମୟରେ ଟ୍ରେନ୍‌ଟି ଘଣ୍ଟାପ୍ରତି ୧୨୦ କିଲୋମିଟର ବେଗ ହାସଲ କରିଥିଲେ ମଧ୍ୟ ନିୟମିତ ସେବାରେ ଏହାର ସର୍ବାଧିକ କାର୍ଯ୍ୟକ୍ଷମ ବେଗ ଘଣ୍ଟାପ୍ରତି ୭୫ କିଲୋମିଟର ରହିବ । ଡିଜେଲ ପରିବର୍ତ୍ତେ ହାଇଡ୍ରୋଜେନ୍ ଫ୍ୟୁଏଲ୍ ସେଲ୍‌ରୁ ଶକ୍ତି ପାଉଥିବା ଏହି ଟ୍ରେନ୍ ପରିବେଶ ଅନୁକୂଳ ପରିବହନ ବ୍ୟବସ୍ଥା ଦିଗରେ ଭାରତୀୟ ରେଳର ଏକ ବଡ଼ ପଦକ୍ଷେପ ବୋଲି କୁହାଯାଉଛି । ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇ ରେଳ ମନ୍ତ୍ରଣାଳୟ ପ୍ରଥମ ତିନି ମାସ ପାଇଁ ଟ୍ରେନ୍ ସହ ବିଶେଷ ତାଲିମପ୍ରାପ୍ତ ବୈଷୟିକ କର୍ମଚାରୀଙ୍କୁ ନିୟୋଜିତ କରିବାକୁ ନିଷ୍ପତ୍ତି ନେଇଛି । ରୁଟ୍‌ରେ କୌଣସି ଯାନ୍ତ୍ରିକ ସମସ୍ୟା ଦେଖାଦେଲେ ସେମାନେ ତୁରନ୍ତ ସମାଧାନ କରିବେ । ହାଇଡ୍ରୋଜେନ୍ ଇନ୍ଧନଚାଳିତ ଏହି ଟ୍ରେନ୍ ଦେଶର ସବୁଜ ପରିବହନ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ସହ କାର୍ବନ ନିର୍ଗମନ ହ୍ରାସ ଦିଗରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ରେଳ ମନ୍ତ୍ରଣାଳୟ ଆଶା ପ୍ରକାଶ କରିଛି ।

### ୧୦ ମହଲା ଆପାର୍ଟମେଣ୍ଟରୁ ପଡି ଛାତ୍ର ମୃତ

## ହତ୍ୟା ନୁହେଁ, ଦୁର୍ଘଟଣା: ଡିସିପି

ଭୁବନେଶ୍ୱର, ୧୩।୭(ନିପ୍ର): ୧୦ ମହଲା ଆପାର୍ଟମେଣ୍ଟରୁ ପଡି ଛାତ୍ରଙ୍କ ଜୀବନ ଯିବା ଘଟଣା ସମସ୍ତଙ୍କୁ ଚକିତ କରି ଦେଇଛି । ମୃତ ନାବାଳକ ଛାତ୍ର ଜଣଙ୍କ ରଫାନ ଖୁର୍ସିଦ ବୋଲି ଜଣାପଡିଛି । ସେ ପରିବାର ସହ ଲକ୍ଷ୍ମୀସାଗରରେ ରହୁଥିଲେ । ଖବର ପାଇ କମିଶନରେଟ୍ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଛାତ୍ରଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ । ଡାକ୍ତର ଛାତ୍ରଙ୍କୁ ମୃତ ଛାତ୍ର ଜଣଙ୍କ ଭୁବନେଶ୍ୱରର ଏକ ଘରୋଇ ସ୍କୁଲରେ ପଢୁଥିବା ଜଣାପଡିଛି । ଏନେଇ ଚନ୍ଦ୍ରଶେଖରପୁର ଥାନା ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ପରିବାର ଲୋକଙ୍କୁ ସୂଚନା ଦେଇଛି । ମୃତ ଛାତ୍ରଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବ ବୋଲି କମିଶନରେଟ୍ ପୋଲିସ ସୂଚନା ଦିଆଯାଇଛି । ଅନ୍ୟପଟେ ସାଇଣ୍ଟିଫିକ୍ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ମୃତ ଛାତ୍ରଙ୍କ ପ୍ରେମିକା ଓ ତାଙ୍କ ମା'ଙ୍କୁ ପଚରାଉଚରା କରିଛି । ପୋଲିସ ମୃତ ଛାତ୍ରଙ୍କ ଫୋନକୁ ଜବତ କରିବା ତଦନ୍ତକୁ ଜୋରଦାର କରିଛି । ଅନ୍ୟ ପଟେ ଘଟଣାସ୍ଥଳରେ ଭୁବନେଶ୍ୱର ଡିସିପି ଜଗମୋହନ ମୀନା ପହଞ୍ଚି ଯାଞ୍ଚ କରିଛନ୍ତି । ହତ୍ୟା ନୁହେଁ, ଦୁର୍ଘଟଣା ବୋଲି ଭୁବନେଶ୍ୱର ଡିସିପି ଜଗମୋହନ ମୀନା କହିଛନ୍ତି । ସୂଚନାଯୋଗ୍ୟ ଯେ, ଚନ୍ଦ୍ରଶେଖରପୁର ଥାନା ନୀଳାଦ୍ରିବିହାର ଜଳବାୟୁ କ୍ୟାମ୍ପସ ଟାୱାର ଆପାର୍ଟମେଣ୍ଟର ୧୦ ମହଲା ଫ୍ଲାଟ ନମ୍ବର ଇ-୧୦୦୪ରହୁଥିଲେ ଏକାଦଶ ଶ୍ରେଣୀରେ ପଢୁଥିବା ଛାତ୍ରଙ୍କ ପ୍ରେମିକା । ଅନେକ ସମୟରେ ଫ୍ଲାଟରେ ପ୍ରେମିକା ଜଣଙ୍କ ଏକା ରହୁଥିଲେ । ସୋମବାର ସକାଳୁ ଛାତ୍ର ଜଣଙ୍କ ପ୍ରେମିକାକୁ ଦେଖା କରିବାକୁ ଆପାର୍ଟମେଣ୍ଟକୁ ଆସିଥିଲେ । ଠିକ୍ ସେତିକି ବେଳେ ଘରେ ପହଞ୍ଚି ଯାଇଥିଲେ ପ୍ରେମିକାଙ୍କ ମା' । ଆଉ ନିଜକୁ ଲୁଚାଇବାକୁ ଯାଇ ପ୍ରେମିକ ୧୦ ମହଲା କୋଠା ଉପରେ ପାଇପ୍‌ରେ ଲାଖି ରହିଯାଇଥିଲେ । କିଛି ସମୟ ରହିବା ପରେ ଭାରସାମ୍ୟ ହରାଇ ତଳେ ପଡି ଯିବାରୁ ଘଟଣା ସ୍ଥଳରେ ହିଁ ତାଙ୍କର ପ୍ରାଣବାୟୁ ଚାଲିଯାଇଥିଲା ।








# ମହାଦେବଙ୍କ ପ୍ରିୟ ପୁଷ୍ପ

**ହିନ୍ଦୁ ଧର୍ମରେ ପ୍ରତ୍ୟେକ ଶୁଭ କାମ, ପୂଜାପାଠରେ ଫୁଲ ବ୍ୟବହାର କରାଯାଏ। ବିଭିନ୍ନ ଦେବଦେବୀଙ୍କୁ ଭିନ୍ନ ଭିନ୍ନ ପୁଷ୍ପ ଅର୍ପଣ କରାଯାଏ। ଏହିକ୍ରମରେ ମହାଦେବଙ୍କୁ କେଉଁ ଫୁଲ ଅର୍ପଣ କଲେ ଶୁଭଫଳ ମିଳିଥାଏ ଆସନ୍ତୁ ଜାଣିବା। ଦୁଦୁରା ଶିବଲିଙ୍ଗରେ ନିୟମିତ ଦୁଦୁରା ଫୁଲ ସହ ବେଲପତ୍ର ଓ ଦୂବ ଅର୍ପଣ କଲେ ଧନପ୍ରାପ୍ତି ହୋଇଥାଏ। ସନ୍ତାନ ପ୍ରାପ୍ତି ଉଦ୍ଦେଶ୍ୟରେ ମହାଦେବଙ୍କୁ ଏହି ଫୁଲ ଅର୍ପଣ କଲେ ମନୋକାମନା ପୂର୍ଣ୍ଣ ହୋଇଥାଏ। ଅରଖ ଫୁଲ ଅର୍ପଣ କରିବା କଥା। ହିନ୍ଦୁ ଧର୍ମରେ ପ୍ରତ୍ୟେକ ଶୁଭ କାମ, ପୂଜାପାଠରେ ଫୁଲ ବ୍ୟବହାର କରାଯାଏ। ବିଭିନ୍ନ ଦେବଦେବୀଙ୍କୁ ଭିନ୍ନ ଭିନ୍ନ ପୁଷ୍ପ ଅର୍ପଣ କରାଯାଏ। ଏହିକ୍ରମରେ ମହାଦେବଙ୍କୁ କେଉଁ ଫୁଲ ଅର୍ପଣ କଲେ ଶୁଭଫଳ ମିଳିଥାଏ**

### ଦୁଦୁରା:

ଶିବଲିଙ୍ଗରେ ନିୟମିତ ଦୁଦୁରା ଫୁଲ ସହ ବେଲପତ୍ର ଓ ଦୂବ ଅର୍ପଣ କଲେ ଧନପ୍ରାପ୍ତି ହୋଇଥାଏ। ସନ୍ତାନ ପ୍ରାପ୍ତି ଉଦ୍ଦେଶ୍ୟରେ ମହାଦେବଙ୍କୁ ଏହି ଫୁଲ ଅର୍ପଣ କଲେ ମନୋକାମନା ପୂର୍ଣ୍ଣ ହୋଇଥାଏ।



### ଅରଖ:

ଅରଖ ଫୁଲ ଅର୍ପଣ କରିବା ଦ୍ୱାରା କର୍ମ କ୍ଷେତ୍ରରେ ସଫଳତା ମିଳିବା ସହ, ଆର୍ଥିକ ଉନ୍ନତି ଘଟିଥାଏ । ବିଦ୍ୟାର୍ଥୀମାନେ ଶିବଲିଙ୍ଗରେ ଅରଖ ଫୁଲ ଅର୍ପଣ କଲେ ବିଦ୍ୟା କ୍ଷେତ୍ରରେ ଉନ୍ନତି ହୋଇଥାଏ। ଯେଉଁ ବ୍ୟକ୍ତି ନିୟମିତ ଅରଖ ଫୁଲ ଅର୍ପଣ କରେ, ତା'ର ମୃତ୍ୟୁପରେ ତାକୁ ଶିବଲୋକ ପ୍ରାପ୍ତ ହୋଇଥାଏ ବୋଲି କୁହାଯାଏ।



### କନିଅର:

ଏହି ଫୁଲ ଭଗବାନ ଶିବଙ୍କର ଖୁବ ପ୍ରିୟ ଅଟେ। ଏହାକୁ ନିୟମିତ ଅର୍ପଣ କଲେ ନିଜ ଇଚ୍ଛା ଅନୁଯାୟୀ ଭଲ ଜୀବନ ସାଥୀ ପ୍ରାପ୍ତି ହୋଇଥାଏ। ଶିବପୁରାଣରେ ଏହି ଫୁଲର ବିଶେଷତ୍ୱ ବର୍ଣ୍ଣନା କରାଯାଇଛି। ଶାସ୍ତ୍ରରେ କୁହାଯାଇଛି ଯେ, ଏକଲକ୍ଷ କନିଅର ଫୁଲ ଶିବଙ୍କୁ ଅର୍ପଣକଲେ ସମସ୍ତ ରୋଗ ଓ ଶୋକ ନାଶ ହୋଇଥାଏ।

### ଅଗସ୍ତି:

ଏହାକୁ ଅର୍ପଣ କଲେ ସମାଜରେ ମାନସମ୍ମାନ ଓ ଖ୍ୟାତି ପ୍ରାପ୍ତି ହୋଇଥାଏ। ଯେଉଁ ବ୍ୟକ୍ତି ଅଗସ୍ତି ଫୁଲ ମହାଦେବଙ୍କୁ ଅର୍ପଣ କରେ, ସେ ଶ୍ରୀହରିଙ୍କ ମଧ୍ୟ ପ୍ରିୟ ହୋଇଥାଏ।

### ଶେଫାଳି:

ଭଗବାନ ଶିବଙ୍କୁ ଶେଫାଳି ଅର୍ପଣ କଲେ ମାନସିକ ଶାନ୍ତି ମିଳିବା ସହ ଜୀବନରେ ଥିବା ସମସ୍ତ କଷ୍ଟ ଦୂର ହୋଇଥାଏ। ମହାଦେବଙ୍କୁ ଏହି ଫୁଲ ଅତ୍ୟନ୍ତ ପ୍ରିୟ, ତେଣୁ ଏହାକୁ ଅର୍ପଣ କଲେ ମୋକ୍ଷପ୍ରାପ୍ତି ହୋଇଥାଏ।



# ଶ୍ରୀମନ୍ଦିରର ରୋଚକ ତଥ୍ୟ

ଶ୍ରୀଜଗନ୍ନାଥଙ୍କ ନାମ ମନକୁ ଆସିଲେ କେବଳ ଓଡ଼ିଆ ନୁହନ୍ତି ବିଶ୍ୱର କୋଟି କୋଟି ଲୋକ ଭାବବିହ୍ୱଳ ହୋଇପଡ଼ନ୍ତି । ଆମ ସଂସ୍କୃତି, ଆଉ ଭକ୍ତି ଓ ଜନଜୀବନ ସହ କାହିଁ କେତେ କାଳରୁ ଜଡ଼ିତ ପ୍ରଭୁ ଜଗନ୍ନାଥ । ଶ୍ରୀକ୍ଷେତ୍ରରେ ପାଦ ପଡ଼ିଲେ ଭକ୍ତିରେ ମୁଣ୍ଡ ନଇଁଯାଏ । ମନ ଭିତରେ ଛୁଟେ ଭକ୍ତି ଭାବନାର ସ୍ରୋତ । ଏସବୁ ଯୋଗୁଁ ସବୁବେଳେ ଆମେ ପ୍ରଭୁଙ୍କ କଥାମୃତ ଶୁଣିଲେ ବି ନୂଆ ଲାଗେ। ଆଜି ଏମିତି କିଛି ଅଦଭୁତ, ରହସ୍ୟମୟ କଥା ଜଣାଉଛି ଶ୍ରୀମନ୍ଦିର ବିଷୟରେ । ଯେଉଁଠି ଆଧୁନିକ ବିଜ୍ଞାନ ବି ଫେଲ୍ ମାରିଛି।

ଶ୍ରୀମନ୍ଦିରରେ ବର୍ଷକୁ ପ୍ରାୟ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଭକ୍ତ ପ୍ରସାଦ ଗ୍ରହଣ କରିଥାନ୍ତି । ଏଠାରେ କେବେବି ଅନ୍ନ ପ୍ରସାଦର ଅଭାବ ଘଟିନଥାଏ । ରୋଷେଇଶାଳାରେ ମାଟି ହାଣ୍ଡିରେ ଖାଦ୍ୟ ପ୍ରସ୍ତୁତ କରାଯାଇଥାଏ । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ପ୍ରତି ଦିନ ପହଡ଼ ପଡ଼ିବା ପରେ ଆପେ ଆପେ ସମସ୍ତ ଖାଦ୍ୟ ଭଣ୍ଡାରରୁ ଖାଲି ହୋଇଯାଇଥାଏ ଏବଂ ପୁଣି ପରଦିନ ଷାଠିଏ ପଉଟି ମହାପ୍ରସାଦ ରନ୍ଧା ହୋଇଥାଏ । ମନ୍ଦିରର ଅତି ନିକଟରେ ରହିଛି ସମୁଦ୍ର । ଯାହାର ନାଁ ମହୋଦଧି । ମନ୍ଦିର ବାହାରେ ଠିଆ ହେବା ମାତ୍ରେ ସମୁଦ୍ର ଗର୍ଜନର ଶବ୍ଦ ଶୁଭିଥାଏ । ହେଲେ ମନ୍ଦିର ଭିତରକୁ ସାମାନ୍ୟ ଶବ୍ଦ ବି ଶୁଭାଯାଇନଥାଏ । ଏହାର କାରଣ ଆଜି ପର୍ଯ୍ୟନ୍ତ ବୈଜ୍ଞାନିକ ମଧ୍ୟ ଜାଣି ପାରିନାହାନ୍ତି । ଆଉ ଗୋଟିଏ ବିଶେଷ କଥା ହେଉଛି ଆଜି ପର୍ଯ୍ୟନ୍ତ ମନ୍ଦିର ଉପରେ କୌଣସି ପକ୍ଷୀ କିମ୍ବା ଚଢ଼େଇ ବସିଥିବାର ଦେଖାଯାଇ ନାହିଁ। ଏହା ଏକ ଅଲୌକିକ ଘଟଣା । ଏପରି ମଧ୍ୟ ବିଶ୍ୱାସ ରହିଛି, ଯଦି ଶ୍ରୀମନ୍ଦିର ଉପରେ କୌଣସି ପକ୍ଷୀ ଉଡୁଥିବା ବା ବସିଥିବା ଦେଖାଯାଏ ତେବେ ଏହା ଅର୍ଥ ଆଗକୁ କିଛି ବିପଦ ଆସିପାରେ । ଜଗନ୍ନାଥ ମନ୍ଦିରର ବାନାରେ ମଧ୍ୟ ରହିଛି ଏକ ଅଦ୍ଭୁତ ରହସ୍ୟ । ଶ୍ରୀମନ୍ଦିର ବାନା ସର୍ବଦା ପବନ ବହୁଥିବାର ଦିଗର ବିପରୀତ ଦିଗରେ ଉଡ଼ିଥାଏ । ସବୁଠାରୁ ଖାସ କଥା ହେଉଛି ଏହି ପତିତପାବନ ବାନାକୁ ବଦଳାଉଥିବା ବ୍ୟକ୍ତି ମଧ୍ୟ ସବୁବେଳେ ଓଲଟା ଚଢ଼ି ମନ୍ଦିର ଉପରକୁ ଯାଇଥାନ୍ତି । ଦୈନିକ ନୀତିରେ ମନ୍ଦିରର ବାନା ପରିବର୍ତ୍ତନ କରାଯାଇଥାଏ । ଯଦି ଏହି ନୀତିରେ ବାଧା ହୁଏ ତେବେ ମନ୍ଦିର ପୂରା ୧୮ ବର୍ଷ ପାଇଁ ବନ୍ଦ ହୋଇଯିବ ବୋଲି ମାନ୍ୟତା ରହିଛି। ସାଧାରଣତଃ ସୂର୍ଯ୍ୟଙ୍କ କିରଣ ପଡ଼ିବା ମାତ୍ରେ ସମସ୍ତ ଜିନିଷ ଏବଂ ମନୁଷ୍ୟ ଓ ପଶୁ ପକ୍ଷୀଙ୍କର ଛାଇ ସୃଷ୍ଟି ହୋଇଥାଏ । କିନ୍ତୁ ମନ୍ଦିର ମୁଣ୍ଡିରେ ଯେତେ ଖରା ପଡ଼ିଲେ ମଧ୍ୟ କେବେ ଛାଇ ସୃଷ୍ଟି ହୁଏନାହିଁ । ଏଥି ସହ ମନ୍ଦିର ମୁଣ୍ଡିରେ ଲାଗିଥିବା ନୀଳଚକ୍ର ମଧ୍ୟ ବହୁ ରହସ୍ୟମୟ । ଏହାକୁ ଯେଉଁ ଦିଗରୁ ଦେଖିଲେ ତାହା ସିଧା ହିଁ ଦେଖାଯାଇଥାଏ । ଶ୍ରୀମନ୍ଦିର ପରିସରରେ ରହିଥିବା ଭେଙ୍କେଟେଶ୍ୱର ମୂର୍ତ୍ତିଙ୍କ କେଶ ବାସ୍ତବ କୁହାଯାଇଥିବା ବେଳେ ଏଥିରେ ସର୍ବଦା ଏପରି ଚମକ ରହିଥାଏ ବୋଲି କୁହାଯାଏ । ଏଥିସହ ଭେଙ୍କେଟେଶ୍ୱରଙ୍କ ମୂର୍ତ୍ତିର ପଛ ପାଖକୁ ସ୍ପର୍ଶ କଲେ ନରମ ଲାଗିଥାଏ । ଏମିତି ଅନେକ ଅଲୌକିକତା ରହିଛି ଶ୍ରୀଜଗନ୍ନାଥଙ୍କର ଓ ଶ୍ରୀମନ୍ଦିରର । ଯାହାକୁ ବଖାଣିଲେ ସରିବ ନାହିଁ ।




# ନବଯୌବନ ଦର୍ଶନ



ଦେବସ୍ନାନ ପୂର୍ଣ୍ଣିମା ରାତ୍ରରେ ସ୍ନାନ ବେଦୀରୁ ପହଣ୍ଡି ବିଜେରେ ଶ୍ରୀମନ୍ଦିର ଭିତର କାଠ ନିକଟସ୍ଥ ଅଣସର ପିଣ୍ଡିରେ ଶ୍ରୀବିଗ୍ରହମାନ କରିଥାନ୍ତି। ଅଣସର ତାଟି ସମ୍ମୁଖରେ ତିନୋଟି ପଟି ଚିତ୍ର ପ୍ରତିମା ରହିଥାଏ। ଏହି ପଟି ଠାକୁର ମଧ୍ୟରେ ବଳଭଦ୍ରଙ୍କ ବାଡ଼ରେ ବାସୁଦେବ, ସୁଭଦ୍ରାଙ୍କ ବାଡ଼ରେ ଭୁବନେଶ୍ୱରୀ ଓ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ନାରାୟଣ ଅନ୍ତର୍ଭୁକ୍ତ। ପରମ୍ପରା ଅନୁଯାୟୀ ଏହି ପଟି ଦିଅଁ ଦଶାବତାର ଠାକୁର ରୂପେ ପରିଚିତ । ସୂଚନାଯୋଗ୍ୟ ଯେ, ବାସୁଦେବଙ୍କ ଚିତ୍ର ସମ୍ମୁଖରେ ଦୋଳଗୋବିନ୍ଦ, ରାମ ଓ ନୃସିଂହ ବିରାଜମାନ କରିଥିବା ବେଳେ ଭୁବନେଶ୍ୱରୀଙ୍କ ପାର୍ଶ୍ୱରେ ଭୂଦେବୀ ଓ ଶ୍ରୀଦେବୀ ଏବଂ ନାରାୟଣଙ୍କ ଚିତ୍ର ସମ୍ମୁଖରେ ମଦନମୋହନ ଓ କୃଷ୍ଣ ବିଗ୍ରହମାନେ ଖଟ ଉପରେ ଅଧିଷ୍ଠିତ ହୋଇଥାନ୍ତି। କୁହାଯାଏ ଯେ, ଏହି ସମୟରେ ଠାକୁରମାନେ ଜ୍ୱର ରୋଗରେ ପୀଡ଼ିତ ହୋଇଥାନ୍ତି। ଶ୍ରୀମନ୍ଦିରର ବୈଦ୍ୟ ସେବକମାନଙ୍କଦ୍ୱାରା ପ୍ରସ୍ତୁତ ଦଶମୂଳ ପାଚକ (ମୋଦକ) ମହାପ୍ରଭୁଙ୍କୁ ଭୋଗ କରାଯିବା ପରେ ଜ୍ୱର ରୋଗ ଭଲ ହୋଇଥାଏ। ବାସ୍ତବିକ ଏହି ଅଣସର ସମୟରେ ପତି ମହାପାତ୍ର ଓ ଦଇତାପତି ସେବକମାନେ ଠାକୁରମାନଙ୍କର ଅତ୍ୟନ୍ତ ଗୋପନୀୟ ନୀତିରେ ଅଂଶଗ୍ରହଣ କରିଥାନ୍ତି। ଏହି ସମୟରେ ଅଣସର ପଣା, ଘଣାଲାଗି, ଖଳି ଲାଗି, ଚକା ଅପସର ଓ ଅନ୍ୟାନ୍ୟ ଗୁପ୍ତ ନୀତିମାନ ଅନୁଷ୍ଠିତ ହୋଇଥାଏ। ଦୀର୍ଘ ପନ୍ଦର ଦିନର ଅନବସର ପରେ ନବଯୌବନ ଦିନ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଦର୍ଶନ ମିଳିଥାଏ। ସେଦିନ ପ୍ରଭାତରେ ମଙ୍ଗଳ ଆଳତି, ଅବକାଶ ଓ ବେଶ ଇତ୍ୟାଦି୮ ନୀତି ବଢ଼ିବା ପରେ ଦଶାବତାର ପଟି ଦିଅଁମାନଙ୍କର ବାହୁଡା ବିଜେ ହୋଇଥାଏ। ତପ୍ରରେ କୋଠ ସୁଆଁସିଆମାନେ ଅଣସର ଗୃହ ତାଟି ଖୋଲିଥାନ୍ତି। ଠାକୁରମାନେ ଚକା ଉପରେ ବିରାଜମାନ କରିଥିବା ସମ୍ମୁଖସ୍ଥାନ ପାଣିରେ ଭଲ ଭାବରେ ଧୁଆଯିବା ପରେ ନବଯୌବନ ଦର୍ଶନ ନିମିତ୍ତ ପରିମାଣିକ ଟିକେଟ କିଣିଥିବା ଦର୍ଶନାର୍ଥୀମାନଙ୍କୁ ପ୍ରଥମେ ଜଗମୋହନ ଭିତରକୁ ଛଡ଼ା ଯାଇଥାଏ। ପ୍ରାୟ ଏକ ଘଣ୍ଟା ଧରି ପରିମାଣିକ ଦର୍ଶନ ଚାଲିବା ପରେ ଜନସାଧାରଣଙ୍କ ନିମନ୍ତେ ସାହାଣ ମେଲା ଦର୍ଶନ ହୋଇଥାଏ। ଉକ୍ତ ଦିନ ଠାକୁରମାନଙ୍କର କେତେକ ବିଶେଷ ନୀତି ହୋଇଥାଏ।

# ସେବା ମାଧ୍ୟମରେ ଅନେକ ମହାପୁରୁଷ ହୋଇଥିଲେ





**ପିଲାମାନଙ୍କ ମଧ୍ୟରେ ଦାନଶୀଳତାର ଭାବନା ଚାଷ କରିବା ଉଚିତ। ଏହା ପାରସ୍ପରିକ ପ୍ରେମ ଏବଂ ଭ୍ରାତୃତ୍ୱକୁ ସୁଦୃଢ଼ କରେ ଏବଂ ସମାଜରେ ବିଭାଜନ ଏବଂ ଖଣ୍ଡବିଖଣ୍ଡନର ଆଶଙ୍କା ହ୍ରାସ କରେ।**

ଇତିହାସର ପୃଷ୍ଠାଗୁଡ଼ିକୁ ଦେଖିବା ଦ୍ୱାରା ଅନେକ ମହାପୁରୁଷଙ୍କ ନାମ ପ୍ରକାଶ ପାଏ ଯାହା ସେମାନଙ୍କ ସେବା ଆଧାରରେ ଲେଖାଯାଇଥିଲା। କେତେକ ଜାତିର ସେବା କରି, କେତେକ ମାନବତାର ସେବା କରି ଏବଂ ଅନ୍ୟମାନେ ପଶୁ ଏବଂ ପକ୍ଷୀଙ୍କୁ ଭଲପାଇ ଏବଂ ସେବା କରି ନିଜର ପତାକା ଉଠାଇଥିଲେ। ଆଜିର ପିଲା ଏବଂ କିଶୋରମାନଙ୍କୁ ଏହି ମହାପୁରୁଷଙ୍କ ଆଦର୍ଶକୁ ଅନୁକରଣ କରି ସେବା ମନୋଭାବରେ ନିୟୋଜିତ ହେବା ଆବଶ୍ୟକ। ଏହା ନିଜର, ପରିବାର, ସମାଜ ଏବଂ ଜାତିର ସର୍ବାଙ୍ଗୀନ ବିକାଶ ସୁନିଶ୍ଚିତ କରିବ। ପିଲାମାନଙ୍କ ମଧ୍ୟରେ ଦାନଶୀଳତାର ଭାବନା ଚାଷ କରିବା ଉଚିତ। ଏହା ପାରସ୍ପରିକ ପ୍ରେମ ଏବଂ ଭ୍ରାତୃତ୍ୱକୁ ସୁଦୃଢ଼ କରେ ଏବଂ ସମାଜରେ ବିଭାଜନ ଏବଂ ଖଣ୍ଡବିଖଣ୍ଡନର ଆଶଙ୍କା ହ୍ରାସ କରେ। ଆଜି ମଧ୍ୟ, ଯେଉଁ ପିଲାମାନଙ୍କ ଭିତରେ ସେବା ମନୋଭାବ ଥାଏ ସେମାନେ ଏକ ସ୍ୱତନ୍ତ୍ର ସଂସ୍କୃତି ପ୍ରଦର୍ଶନ କରନ୍ତି, ପ୍ରମାଣ କରନ୍ତି ଯେ ସେବା ଏବଂ ସଂସ୍କୃତି ପରସ୍ପର ନିର୍ଭରଶୀଳ।

# ପବିତ୍ର ମନ୍ଦିର



ଆନ୍ଧ୍ରପ୍ରଦେଶର ଖମ୍ମାମ ଜିଲ୍ଲାରେ ରହିଥିବା ଲକ୍ଷ୍ମୀ ନୃସିଂହ ମନ୍ଦିର ଆଧ୍ୟାତ୍ମିକତା ଏବଂ ପ୍ରାକୃତିକ ଦୃଷ୍ଟିକୋଣରୁ ସର୍ବଦା ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜି ଆସିଛି । ସହରର ଭିଡ଼ ଠାରୁ ଦୂର ଏହି ସ୍ଥାନଟି ଚତୁର୍ଦ୍ଦିଗରୁ ପର୍ବତ ପରିବେଷ୍ଟିତ । ଏହି ମନ୍ଦିର ପ୍ରତ୍ୟେକ ସମୟରେ ଭକ୍ତଙ୍କ ପାଇଁ ଖୋଲା ରହିଥାଏ । ଆଧ୍ୟାତ୍ମିକତା ଦୃଷ୍ଟିକୋଣରୁ ଏହି ପୀଠର ମହତ୍ତ୍ୱକୁ ଅନୁଭବ କରି ବହୁ ସଂଖ୍ୟାରେ ଭକ୍ତ ଏହି ସ୍ଥାନକୁ ଧାଇଁ ଆସିଥାନ୍ତି । ଏହି ମନ୍ଦିରରେ ଭଗବାନ ବିଷ୍ଣୁଙ୍କ ଅବତାର ନୃସିଂହଙ୍କୁ ପୂଜା କରାଯାଇଥାଏ । ଭଗବାନ ବିଷ୍ଣୁଙ୍କ ଭିନ୍ନ ଭିନ୍ନ ଅବତାର ମଧ୍ୟରୁ ନୃସିଂହ ଅବତାରର କଥା ମହାନ । ଧର୍ମ ସ୍ଥାପନା ଏବଂ ଭକ୍ତର ରକ୍ଷା ନିମନ୍ତେ ଭଗବାନ ବିଷ୍ଣୁ ଏହି ଅବତାର ଧାରଣ କରିଥିଲେ । ନୃସିଂହ ବା ନରସିଂହ ଅବତାରରେ ଭଗବାନ ବିଷ୍ଣୁଙ୍କ ଶରୀରରେ ମୁଣ୍ଡ ସିଂହ ଭଳି ହୋଇଥିବା ବେଳେ ନିମ୍ନ ଭାଗ ନର ବା ମନୁଷ୍ୟ ଭଳି ହୋଇଥିଲା । ଏହି ସ୍ୱରୂପରେ ସେ ରାକ୍ଷସ ହିରଣ୍ୟକଶ୍ୟପର ବଧ କରିଥିଲେ । ଖମ୍ମାମରେ ଥିବା ଲକ୍ଷ୍ମୀ ନୃସିଂହ ମନ୍ଦିରରେ ସ୍ଥାପନା କରାଯାଇଥିବା ନୃସିଂହ ମୂର୍ତ୍ତିର ଶ୍ରୀ ସ୍ୱରୂପ ପଞ୍ଚ ନୃସିଂହ ମୂର୍ତ୍ତି ରୂପରେ ପୂଜା କରାଯାଇଥାଏ । ମନ୍ଦିର ବାହାରେ ଭଗବାନ ବିଷ୍ଣୁଙ୍କ ଆଉ ଏକ ମୂର୍ତ୍ତି ରହିଛି । ଯେଉଁଥିରେ ଭଗବାନ ବିଷ୍ଣୁ ଯୋଗ ମୁଦ୍ରାରେ ଭକ୍ତଗଣଙ୍କୁ ଆଶୀର୍ବାଦ ଦେଉଥିବା ଦେଖିବାକୁ ମିଳିଥାଏ ।

## ବଲାଙ୍ଗୀର : 'ଓଜନ ଉତ୍ସବ ୨୦୨୬-୨୭'

# ଶିଶୁଙ୍କ ପୋଷଣ ସ୍ଥିତି ଯାଞ୍ଚ କଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର :(ହି.ସ.): ଶିଶୁମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଓ ସାମଗ୍ରିକ ବିକାଶ ଲକ୍ଷ୍ୟରେ ପୋଷଣ ଅଭିଯାନ ଅଧୀନରେ ରାଜ୍ୟରେ 'ଓଜନ ଉତ୍ସବ ୨୦୨୬-୨୭' ପାଳନ କରାଯାଉଛି। ଏହି ଅଭିଯାନ ଜୁଲାଇ ୧ ତାରିଖରୁ ଆରମ୍ଭ ହୋଇ ଜୁଲାଇ ୨୫ ପର୍ଯ୍ୟନ୍ତ ଚାଲିବ।

ଏହି ଅବସରରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ବଲାଙ୍ଗୀର ଜିଲ୍ଲା ଲୋଇସିଂହା ବ୍ଲକର ହୀରାପୁର ଅଙ୍ଗନବାଡି କେନ୍ଦ୍ର-୧ ପରିଦର୍ଶନ କରିଛନ୍ତି। ସେଠାରେ ସେ ଶିଶୁମାନଙ୍କର ପୋଷଣ ସ୍ଥିତି, ଓଜନ ଓ ଉଚ୍ଚତା ମାପ ପ୍ରକ୍ରିୟାର ସମୀକ୍ଷା କରିଥିଲେ। ପରିଦର୍ଶନ ସମୟରେ ମନ୍ତ୍ରୀ ଶିଶୁମାନଙ୍କର ସଠିକ୍ ଯତ୍ନ, ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ ଏବଂ ପୋଷଣ ଖାଦ୍ୟର ଗୁଣବତ୍ତା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଅଙ୍ଗନବାଡି କର୍ମୀ ଓ ସମ୍ପୃକ୍ତ ଅଧିକାରୀମାନଙ୍କୁ ଶିଶୁମାନଙ୍କ ସ୍ୱାସ୍ଥ୍ୟ ଓ ପୋଷଣ ଦିଗରେ ଅଧିକ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ। ମନ୍ତ୍ରୀ ମୁକେଶ ମହାଲିଙ୍ଗ ସୋସିଆଲ ମିଡିଆ ମାଧ୍ୟମରେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟର ପ୍ରତ୍ୟେକ ଶିଶୁଙ୍କୁ ସୁପୋଷିତ ଓ ସୁସ୍ଥ କରି ଗଢ଼ି ତୋଳିବା ପାଇଁ ପୋଷଣ ଅଭିଯାନକୁ ଆହୁରି ସୁଦୃଢ଼ ଭାବେ କାର୍ଯ୍ୟକାରୀ କରାଯାଉଛି। 'ଓଜନ ଉତ୍ସବ' ଅଭିଯାନ ମାଧ୍ୟମରେ ଶିଶୁମାନଙ୍କର ଓଜନ, ଉଚ୍ଚତା ଓ ପୋଷଣ ସ୍ଥିତିର ନିୟମିତ ମୂଲ୍ୟାଙ୍କନ କରାଯାଇ ସେମାନଙ୍କ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ପଦକ୍ଷେପ ନିଆଯାଉଛି।

## ସଫଳ ଚାଷୀଙ୍କୁ ଯାଦବ ମହାସଭା ପକ୍ଷରୁ ସମ୍ବର୍ଦ୍ଧନା

ଗୋଲାମୁଣ୍ଡା,(ନିପ୍ର): ନୂଆପଡ଼ା ଜିଲ୍ଲା ଯାଦବ ମହାସଭାର କାର୍ଯ୍ୟକାରିଣୀ ବୈଠକ ରବିବାର କୋମନା ବ୍ଲକ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର ସାନଚେରଗା ଗ୍ରାମର



ବିଶିଷ୍ଟ ଓ ସଫଳ ଚାଷୀ କୃଷ୍ଣଚନ୍ଦ୍ର ନାଗଙ୍କୁ ସ୍ୱତନ୍ତ୍ର ଅତିଥି ଭାବେ ଆମନ୍ତ୍ରଣ କରାଯାଇ ସମ୍ମାନିତ କରାଯାଇଥିଲା। ଶ୍ରୀ ନାଗ ଜଣେ ପ୍ରଗତିଶୀଳ କୃଷକ ଭାବେ ଅଞ୍ଚଳରେ ସୁପରିଚିତ। ଆଧୁନିକ କୃଷି ପଦ୍ଧତି ଅବଲମ୍ବନ କରି ସେ କେବଳ କୃଷି କ୍ଷେତ୍ରରେ ସଫଳତା ହାସଲ କରିନାହାନ୍ତି, ବରଂ ପ୍ରାୟ ୫୦ଟି ପରିବାରଙ୍କୁ ନିୟମିତ ରୋଜଗାରର ସୁଯୋଗ ମଧ୍ୟ ସୃଷ୍ଟି କରିଛନ୍ତି। ତାଙ୍କର ଏହି ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ଦେଇ ନୂଆପଡ଼ା ଜିଲ୍ଲା ଯାଦବ ମହାସଭା ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ସମ୍ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମ୍ମାନ ପାଇଁ ଶ୍ରୀ ନାଗ ନୂଆପଡ଼ା ଜିଲ୍ଲା ଯାଦବ ମହାସଭାର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟଙ୍କ ପ୍ରତି କୃତଜ୍ଞତା ଜଣାଇଥିଲେ।

## ବିଜେଡିର କୁଶ ପୁତ୍ତଳିକା ଦାହ

ରାୟଗଡା,(ନିପ୍ର) : ରାୟଗଡ଼ ଜିଲ୍ଲା ବିଜୁ ଯୁବ-ଛାତ୍ର ଜନତା ଦଳ ତରଫରୁ ରାଜ୍ୟରେ ଶିକ୍ଷା ବ୍ୟବସ୍ଥାକୁ ଅପଭ୍ରଂଶ କରୁଥିବା ବିଜେପି ସରକାର ବିରୁଦ୍ଧରେ ରାୟଗଡ଼ ଜିଲ୍ଲା ସଦରମହକୁମା କପିଳାସ ଛକ ଠାରେ ଏକ ବିଶାଳ ଶୋଭାଯାତ୍ରା ଆୟୋଜନ କରି ପଦଯାତ୍ରାରେ ବାହାରି ସହର ମୁଖ୍ୟ ରାସ୍ତା ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହିତ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଜିଲ୍ଲାସ୍ତରୀୟ ପ୍ରତିବାଦ ସଭା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରାଗଲା। ପ୍ରଦର୍ଶନରେ ରାଜ୍ୟ



ସାଧାରଣ ସମ୍ପାଦକ ଜଗଦୀଶ ପାତ୍ର, ରାୟଗଡ଼ ଜିଲ୍ଲା ସଭାପତି ଜଗନ୍ନାଥ ସାରକା, ପୃଥୀରାଜ ସାହୁ, ପୁର୍ବତନ ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗ, ରାଜ୍ୟ ସଂପାଦକ ସୁଧୀର ଦାସ, ବିଜୁ ମହିଳା ମୋର୍ଚ୍ଚା ସଭାନେତ୍ରୀ ଅନୁଷୟା ମାଝି, ସରସ୍ୱତୀ ମାଝୀ ସୁଭ୍ରାପଣ୍ଡା ପ୍ରମୁଖ ଉପସ୍ଥିତ ରହି ଏହି ଭିକ୍ଷଭ ପ୍ରଦର୍ଶନରେ ସାମିଲ୍ ହୋଇଥିଲେ।

## ଘୋଷଯାତ୍ରା ନେଇ ପାରିକୁଦ ଗଡ଼ରେ ଚାଲିଛି ରଥ ନିର୍ମାଣ କାର୍ଯ୍ୟ

କୃଷ୍ଣପ୍ରସାଦ (ନିପ୍ର): ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକ ଅଧୀନ ଗଡ଼ଜାତ ପାରିକୁଦ ଗଡ଼ ଠାରେ ଶ୍ରୀଜୀଉଙ୍କ ଘୋଷଯାତ୍ରା ନିମନ୍ତେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଥିବା ଜଣାପଡିଛି। ମାର୍ଫତଦାର ତଥା ସଭାପତି ପାରିକୁଦ ରାଜା ସାହେବ ସନ୍ତୋଷ ଚନ୍ଦ୍ର ଦେଓଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ସମ୍ପାଦକ ପ୍ରଶାନ୍ତ କୁମାର ନନ୍ଦଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟ ଆୟୋଜନ କରାଯାଇଛି । ଉକ୍ତ ପାରିକୁଦ ଗଡ଼ରେ ଅନୁଷ୍ଠିତ ଘୋଷଯାତ୍ରାରେ ଗୋଟିଏ ରଥରେ ଚତୁର୍ଦ୍ଧାମୂର୍ତ୍ତି ଯାତ୍ରା କରିଥାନ୍ତି। ଚଳିତ ବର୍ଷ ଘୋଷଯାତ୍ରାକୁ ସରସ ସୁନ୍ଦର କରିବା ପାଇଁ ରଥ ଯାତ୍ରା ପରିଚାଳନା କମିଟି ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ଜଣାପଡିଛି।ସେହିପରି ତିତିପ ଗ୍ରାମସ୍ଥିତ ଶ୍ରୀଜଗନ୍ନାଥଜୀଉ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଘୋଷଯାତ୍ରା ନେଇ ସମସ୍ତ ପ୍ରସ୍ତୁତି ପର୍ବ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚି ଥିବା ଜଣାପଡିଛି।ସେହିପରି ଦେଉଳପଡା ଠାରେ ବିଗ୍ରହମାନଙ୍କ ଘୋଷଯାତ୍ରା ପରିପ୍ରେକ୍ଷୀରେ ରଥ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଜଣାପଡିଛି।

## ପାଣିରେ ବୁଡି ବୃଦ୍ଧଙ୍କ ମୃତ୍ୟୁ

ଚାରିଛକ,(ନିପ୍ର): ଚାରିଛକ ଥାନା ଅନ୍ତର୍ଗତ ଭୋଦର ପଞ୍ଚାୟତ ଓଳାଂଶ ପଦ୍ମପୋଖରୀରେ ବୁଡି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ସୂଚନା ମୁତାବକ ଓଳାଂଶ ଗ୍ରାମର ମାଧବ ବେହେରା (୭୦) ସୋମବାର ସକାଳୁ ଗ୍ରାମର ପଦ୍ମପୋଖରୀକୁ ଶୌଚ ପାଇଁ ଯାଇଥିବା ସମୟରେ ଅସାବଧାନ ହେତୁ ଗୋଡ ଖସିଯିବାରୁ ପାଣିରେ ବୁଡିଯାଇଥିଲେ। ପରିବାରଲୋକ ସେଠାରୁ ତାଙ୍କୁ ଉଦ୍ଧାରକରି ଚିକିତ୍ସା ପାଇଁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ ମାତ୍ର ଡାକ୍ତର ଦେଖିବା ପରେ ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ଦେଇଥିଲେ। ମୃତକଙ୍କ ପୁଅ କୃଷ୍ଣଚନ୍ଦ୍ର ଥାନାରେ ଅଭିଯୋଗ କରିବାପରେ ପୁଲିସ ୧୦/୨୬ରେ ଏକ ମାମଲା ରୁଜୁକରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ସ୍କୁଲ ଓ ଗାଁରେ ନିଶୁଳ୍କ ଚକ୍ଷୁ, ଦନ୍ତ ଓ ସ୍ୱାସ୍ଥ୍ୟ ପରୀକ୍ଷା

କଳିଙ୍ଗନଗର,(ନି.ପ୍ର): ଯାଜପୁର ଜିଲ୍ଲାରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟରେ ଭିସା ଇଣ୍ଡଷ୍ଟ୍ରିଜ୍ ଗ୍ରୁପ୍ ନିଜର ସିଏସଆର୍ କାର୍ଯ୍ୟକ୍ରମ 'ସଞ୍ଜୀବନୀ' ଅଧୀନରେ ବ୍ୟାପକ ସ୍ୱାସ୍ଥ୍ୟ ଓ ସଚେତନତା ଅଭିଯାନ ଆରମ୍ଭ କରିଛି। ଏହି ପଦକ୍ଷେପ ମାଧ୍ୟମରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଓ ଗ୍ରାମାଞ୍ଚଳରେ ନିୟମିତ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇ ଛାତ୍ରଛାତ୍ରୀ ଏବଂ ସାଧାରଣ ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। ଏହି କ୍ରମରେ ବାଲୁଙ୍ଗାବନ୍ଧି ପ୍ରୋଜେକ୍ଟ ଅପର ପ୍ରାଥମିକ ଉଚ୍ଚ ବିଦ୍ୟାଳୟରେ ପ୍ରଥମ ସ୍କୁଲ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ଛାତ୍ରଛାତ୍ରୀଙ୍କ ଚକ୍ଷୁ ଓ ଦନ୍ତ ପରୀକ୍ଷା ସହ ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଯାଜପୁର ରୋଡ଼ର ଅଭିଜ୍ଞ ଦନ୍ତ ଚିକିତ୍ସକ ଓ ଭୂମିକା ଆଇ କେୟାରର ବିଶେଷଜ୍ଞ ଟିମ୍ ଏହି ଶିବିରରେ ସେବା ପ୍ରଦାନ କରିଥିଲେ।

କେବଳ ସ୍ୱାସ୍ଥ୍ୟ ପରୀକ୍ଷା ନୁହେଁ, ଛାତ୍ରଛାତ୍ରୀଙ୍କୁ ବ୍ୟକ୍ତିଗତ ପରିଷ୍କାର-ପରିଚ୍ଛନ୍ନତା, ସୁସ୍ଥ ଜୀବନଶୈଳୀ ଓ ରୋଗ ପ୍ରତିରୋଧକ ସ୍ୱାସ୍ଥ୍ୟ ଅଭ୍ୟାସ ସମ୍ପର୍କରେ ସଚେତନ କରାଯାଇଥିଲା। ଭିସା ଇଣ୍ଡଷ୍ଟ୍ରିଜ୍‌ର କର୍ମଚାରୀମାନେ ମଧ୍ୟ ଏହି ଶିବିରରେ ସକ୍ରିୟ ଭାବେ ଭାଗ ନେଇ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ।

ଅନ୍ୟପକ୍ଷରେ ଗ୍ରାମାଞ୍ଚଳରେ ମଧ୍ୟ ଭିସା ଇଣ୍ଡଷ୍ଟ୍ରିଜ୍‌ର ସ୍ୱାସ୍ଥ୍ୟ ସେବା ଜାରି ରହିଛି। କେନ୍ଦୁଡିପି, ଦାମୋଦରପୁର ଓ ଅନାପାଳ ଗ୍ରାମରେ ଆୟୋଜିତ ଶିବିରରେ ହିମୋଗ୍ଲୋବିନ୍ ପରୀକ୍ଷା, ରକ୍ତଚାପ ପରୀକ୍ଷା, ଚିକିତ୍ସା ପରାମର୍ଶ ଓ ନିଶୁଳ୍କ ଔଷଧ ବଣ୍ଟନ କରାଯାଇଛି। ଏହି ଅଭିଯାନ ମାଧ୍ୟମରେ ୬ ହଜାରରୁ ଅଧିକ ଲୋକ ଉପକୃତ ହେବାର ଲକ୍ଷ୍ୟ ରଖାଯାଇଛି।

ବାଲୁଙ୍ଗାବନ୍ଧି ପ୍ରୋଜେକ୍ଟ ଅପର ପ୍ରାଥମିକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଦ୍ୟାଧର ରାଉତ କହିଛନ୍ତି, ଭିସା ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ଆୟୋଜିତ ଏହି ଚକ୍ଷୁ ଓ ଦନ୍ତ ପରୀକ୍ଷା ଶିବିର ଛାତ୍ରଛାତ୍ରୀଙ୍କ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଛି। ଏହା ମାଧ୍ୟମରେ ପ୍ରାରମ୍ଭିକ ସ୍ତରରେ ସ୍ୱାସ୍ଥ୍ୟ ସମସ୍ୟା ଚିହ୍ନଟ ସହ ପ୍ରତିଷେଧକ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ପାଇଛି।

## ହାଡୁଭାଙ୍ଗି ଠାରେ ଗ୍ରାମ୍ୟ ମୁଖ୍ୟ ମିଳିତ ଅଭିଯୋଗ ଶୁଣାଣି



କାଶୀନଗର,(ନିପ୍ର): କାଶୀନଗର ପଞ୍ଚାୟତ ଅଧୀନରେ ଥିବା ହାଡୁଭାଙ୍ଗି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଂଚାୟତ ସ୍ତରୀୟ ଗ୍ରାମ୍ୟ ମୁଖ୍ୟ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ହୋଇଛି। କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ମ୍ବୁରୁ ଧର ମଲ୍ଲିକ ,ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ରଜତ କୁମାର ପାଢ଼ୀ, ସି ଡ଼ି ପି ଓ କୋଟେଶ୍ୱରୀ ଦେବୀ ଓ ସରପଞ୍ଚ ମଂଚାସୀନ ହୋଇ ଅଭିଯୋଗ ଶୁଣାଣି କରିଥିଲେ। ଆସିଥିବା ଅଭିଯୋଗ ଗୁଡିକୁ ତୁରନ୍ତ ସମଧାନ କରିବା ପାଇଁ ବିଭଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କାଶୀନଗର ବ୍ଲକର ସବୁ ଲାଇନ ଡ଼ିପାର୍ଟମେଣ୍ଟ ଓ ବିଭଗୀୟ ଅଧିକାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଆଭାସ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବନ ମହୋତ୍ସବ

ରମ୍ଭା,(ନିପ୍ର): ଆଭାସ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ 'ବନ ମହୋତ୍ସବ' ଆନୁଷ୍ଠାନିକ ରୀତିରେ ପାଳିତ ହୋଇଯାଇଛି । ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ତଥା ଗଂଜାମ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ସେଠୀ, ସ୍ୱତନ୍ତ୍ର ଅତିଥି ଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟନାରାୟଣ ଦାସ, ବି. ଆରସି. ସି. ସୁଷମା ଶବର, ୧ ନଂ ଓ୍ୱାର୍ଡ଼ ସଭ୍ୟ ତଥା ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ପଟ୍ଟନାୟକ, ଆଭାସ କ୍ଲଷ୍ଟର ସି.ଆର.ସି.ସି. କୃଷ୍ଣଚନ୍ଦ୍ର ପରିଡ଼ା ପ୍ରମୁଖ ସମ୍ମାନୀତ ଅତିଥି ରୂପେ ଯୋଗଦେଇ ବୃକ୍ଷ ରୋପଣର ଆବଶ୍ୟକତା, ପରିବେଶ ସୁରକ୍ଷାରେ ବୃକ୍ଷର ଭୂମିକା, ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ବୃକ୍ଷରୋପଣର ବିଶେଷ ପ୍ରୟୋଜନତା ଆଦି ବହୁବିଧ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ ।



ଶିକ୍ଷକ ଶିକ୍ଷୟିତ୍ରୀ କିଭଳି ଉପକୃତ ହେବା ସହିତ ପରିବେଶ ସୁରକ୍ଷା ଦିଗରେ ଯତ୍ନବାନ ହୋଇପାରିବେ, ସେ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଉପସ୍ଥିତ ଅତିଥିମାନେ ବିଦ୍ୟାଳୟକୁ ସ୍ୱଚ୍ଛ ସୁନ୍ଦର ସବୁଜ କରିବା ପାଇଁ ବିଦ୍ୟାଳୟ ପରିସରରେ ଅଁଳା, ବେଲ, ସୀତାଫଳ, ଅର୍ଜ୍ଜୁନ ଆଦି ବୃକ୍ଷ ରୋପଣ କରିଥିଲେ । ବୃକ୍ଷ ସୁରକ୍ଷା ପାଇଁ ସାମୂହିକ ଶପଥଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ଜୟକୃଷ୍ଣ ବାଲା ସଂଯୋଜନା କରିଥିଲାବେଳେ ସହକାରୀ ଶିକ୍ଷୟିତ୍ରୀ ସୁଲୋଚନା ପଣ୍ଡା, ମଧୁସ୍ମିତା ରଥ, ଇତିଶ୍ରୀ ରାଉତବର୍ମା, ମୀନାରାଣୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିତାରାଣୀ ପଟ୍ଟନାୟକ ଅତିଥିମାନଙ୍କୁ ସ୍ୱାଗତ ଅଭିନନ୍ଦନ ଜଣାଇବା ସହିତ ବନ ମହୋତ୍ସବ ପାଳନ ଫଳରେ ଛାତ୍ରଛାତ୍ରୀ, ଅଭିଭାବକ ଅଭିଭାବିକା,

## ବର୍ଷା ପାଇଁ 'ବେଙ୍ଗବେଙ୍ଗୁଲି ' ବାହାଘର



ନବରଙ୍ଗପୁର(ନିପ୍ର): ନବରଙ୍ଗପୁର ଜିଲ୍ଲା ସବୁଠୁ ନିଆରା ଏହାର ପରମ୍ପରା। ସବୁଠୁ ଭିନ୍ନ ଅଭିବକ୍ତ କରପୁଟ ଜିଲ୍ଲା ବା ନବରଙ୍ଗପୁର ଅଞ୍ଚଳରେ ସ୍ଥାନୀୟ ଲୋକ ମାନଙ୍କର ଗୋଟିଏ ପରମ୍ପରା ଅଛି ଯଦି ବର୍ଷା ମାସ ହୋଇଥିବ ଏବଂ ଜମି କାମ ଚାଲିଥିବା ସମୟରେ ବର୍ଷା ହଠାତ ବନ୍ଦ ହୋଇଯାଏ। ବହୁ ଦିନ ଅପେକ୍ଷା ପରେ ମଧ୍ୟ ବର୍ଷା ନ ହୁଏ, ତେବେ ଆମ ଗାଁ ଗହଳିରେ ଗ୍ରାମର ଇଷ୍ଟଦେବଙ୍କୁ ପୂଜା କରାଯାଏ ଏବଂ ବେଙ୍ଗ ବେଙ୍ଗୁଲିର ବାହାଘର କରେଇ ଥାନ୍ତି । ଏଭଳି କରିବା ଫଳରେ ବର୍ଷା ହେବ ବୋଲି ବିଶ୍ୱାସ ମଧ୍ୟ ଅଛି । ଏଭଳି ଏକ ପରମ୍ପରା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ଡୁମଣିଗୁଡା ଗ୍ରାମରେ। ଏଭଳି କଲେ ପ୍ରବଳ ବର୍ଷା ହେବ ବୋଲି ଗ୍ରାମ ବାସୀମାନେ ମତ ପ୍ରକାଶ କରିଛନ୍ତି। ଏଭଳି ପରମ୍ପରା ଏହି ଅଞ୍ଚଳରେ ଆଦିମ କାଳରୁ ଚାଲି ଆସିଛି । ଆଉ ଲୋକେ ବିଶ୍ୱାସ କରି ଆସୁଛନ୍ତି। ହଁ ଏହା ସତ ବୈଜ୍ଞାନିକମାନେ ଏହାକୁ ବିଶ୍ୱାସ କରନ୍ତି ନାହିଁ। କିନ୍ତୁ ସମାଜରେ ଆଦିମ କାଳରୁ ଚାଲି ଆସୁଥିବା ପ୍ରଥାକୁ ବଞ୍ଚେଇ ରଖିବା ଏହା ହିଁ ହେଉଛି ଆମ ନବରଙ୍ଗପୁର ଜିଲ୍ଲାର ସଂସ୍କୃତି,ପରମ୍ପରା ଓ ବିଶ୍ୱାସ କହିଲେ ଚଳେ। ଫଳାଫଳ ଯାହାବି ହେଉନା କାହିଁକି ଆମ ସମାଜରେ ସଂସ୍କୃତି ବଜାୟୀ ରହିଛି ଏବଂ ଆଗାମୀ ଦିନରେ ମଧ୍ୟ ବଞ୍ଚି ରହିବ । ଆମ ସଂସ୍କୃତି ଏବେବି ବଞ୍ଚିରହିଛି। ଅତି ପୁରାତନ ତଥା ପ୍ରାଚୀନ ପରମ୍ପରାକୁ ଆଗକୁ ମଧ୍ୟ ବଞ୍ଚାଇ ରଖିବାକୁ ଜାରି ରହିଛି ଆମ ନବରଙ୍ଗପୁର ଗାଁ ଗହଳିରେ ପ୍ରୟାସ। ବର୍ଷା ପାଇଁ ବେଙ୍ଗବେଙ୍ଗୁଲି ବିବାହ ପରମ୍ପରା ନବରଙ୍ଗପୁର ଭଳି ଅତି କମ ଜାଗାରେ ଦେଖିବାକୁ ମିଳେ ଏଥିରେ କିଛି ସନ୍ଦେହ ନାହିଁ ।

## ପଞ୍ଚାୟତସ୍ତରୀୟ ଜନ ଶୁଣାଣିରେ ୨୬ ଅଭିଯୋଗ

ହିଞ୍ଜିଳିକାଟୁ,(ନିପ୍ର): ଜିଲ୍ଲା ପ୍ରଶାସନ, ଗଞ୍ଜାମ ଆନୁକୂଲ୍ୟରେ ସୋମବାର ହିଞ୍ଜିଳିକାଟୁ ବ୍ଲକ ବେଲଗାଁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ହିଞ୍ଜିଳିକାଟୁ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାଗରୀକା ଷଡ଼ଙ୍ଗୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ସରପଞ୍ଚ ଲକ୍ଷ୍ମୀ ସାହୁ, ଏବିଡିଓ ଅରୁଣ କୁମାର ପ୍ରଧାନ, ବେଲଗାଁ ଥାନା ଆଇଆଇସି ସ୍ମିତାଞ୍ଜଳି ପ୍ରଧାନ, ସିଡ଼ିପିଓ ବିଜୟଲକ୍ଷ୍ମୀ ପାଢି ପ୍ରମୁଖ ଯୋଗ ଦେଇଥିଲେ। ସଂପୃକ୍ତ ପଞ୍ଚାୟତରେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରୁ ବଞ୍ଚିତ ଓ ସରକାରୀ ସୁବିଧାରୁ ଉପେକ୍ଷିତ ହିତାଧିକାରୀ ବିଭାଗୀୟ ଅଧିକାରୀଙ୍କ ନିକଟରେ ବିଭିନ୍ନ ଯୋଜନା ଅନୁଯାୟୀ ଅଭିଯୋଗ କରିଥିଲେ। ଶିବିରରେ ଭିନ୍ନ ଭିନ୍ନ ଯୋଜନା ପାଇଁ ସମୁଦାୟ ୨୬ଟି ଅଭିଯୋଗ ଦାଖଲ ହୋଇଥିଲା । ସେଥି ମଧ୍ୟରୁ ଗ୍ରାମୀଣ ଆବାସ ୧୮ଟି, ରାଜସ୍ୱ ବିଭାଗ ଓ ସୁଭଦ୍ରା ଯୋଜନାରେ ୨ଟି ଲେଖାଏଁ ଏବଂ ସାମାଜିକ ସୁରକ୍ଷା, ଉନ୍ନୟନ, ରାସନ୍ କାର୍ଡ ଓ କିଶୋରୀ ବାଳିକା ଯୋଜନାର ଗୋଟିଏ ଲେଖାଏଁ ଅଭିଯୋଗ ଦାଖଲ ହୋଇଥିଲା । ଶିବିରରେ ବ୍ଲକସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ଦାନଗଦୀ ତହସିଲଦାରଙ୍କ ରାଜସ୍ୱ କ୍ୟାମ୍ପ କୋର୍ଟ:

# ୬୦ରୁ ଅଧିକ ଲୋକଙ୍କୁ ତ୍ୱରିତ ସେବା

କଳିଙ୍ଗନଗର,(ନି:ପ୍ର): ସରକାରୀ ସେବାକୁ ସିଧାସଳଖ ଜନସାଧାରଣଙ୍କ ଦ୍ୱାରଦେଶରେ ପହଞ୍ଚାଇବା ଲକ୍ଷ୍ୟରେ ଦାନଗଦୀ ତହସିଲ ପକ୍ଷରୁ ରାଣୀପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ମିଳିତ ରାଜସ୍ୱ କ୍ୟାମ୍ପ କୋର୍ଟ ସଫଳତାର ସହ ଅନୁଷ୍ଠିତ ହୋଇଛି। ଦାନଗଦୀ ତହସିଲଦାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କ୍ୟାମ୍ପରେ ସ୍ଥାନୀୟ ଅଞ୍ଚଳର ୬୦ରୁ ଅଧିକ ଜନସାଧାରଣ ଯୋଗଦେଇ ବିଭିନ୍ନ ରାଜସ୍ୱ ସମ୍ବନ୍ଧୀୟ ସମସ୍ୟାର ତ୍ୱରିତ ସମାଧାନ ପାଇଥିଲେ।



ଦିନସାରା ଚାଲିଥିବା ଏହି କ୍ୟାମ୍ପରେ ୬,୫୦୦ ଟଙ୍କା ରାଜସ୍ୱ ସଂଗ୍ରହ କରାଯାଇଥିବା ବେଳେ, ଭୂମିହୀନଙ୍କ ଚିହ୍ନଟ ପ୍ରକ୍ରିୟା (କଲମ-୨) ଅଧୀନରେ ୧୪ଟି ନୂଆ ଆବେଦନ ଗ୍ରହଣ କରାଯାଇଛି। ସେହିପରି ପୂର୍ବରୁ ସଂଶୋଧିତ ୨୪ଟି ପଟ୍ଟା ଯୋଗ୍ୟ ହିତାଧିକାରୀଙ୍କୁ ବଣ୍ଟନ କରାଯାଇଛି। ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ୫ଟି ବିଭିନ୍ନ ପ୍ରକାରର ପ୍ରମାଣପତ୍ର ତୁରନ୍ତ ପ୍ରଦାନ କରାଯାଇଥିବା ସହ ୨ଟି ନାମଜାରୀ ମାମଲାର ସମାଧାନ ମଧ୍ୟ କରାଯାଇଛି। ଏଥିସହ ତହସିଲଦାର ଓ ରାଜସ୍ୱ ବିଭାଗର ଅଧିକାରୀମାନେ ଏକ କ୍ଷେତ୍ର ପରିଦର୍ଶନ କରି ଜମିଜମା ସ୍ଥିତିର ସମୀକ୍ଷା କରିଥିଲେ। କ୍ୟାମ୍ପ ସମୟରେ ସ୍ଥାନୀୟ ଲୋକଙ୍କ ପକ୍ଷରୁ ୨ଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିବା ବେଳେ, ସେଗୁଡ଼ିକର ଶୀଘ୍ର ବିହିତ ପ୍ରତିକାର କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ଏହି କ୍ୟାମ୍ପ କୋର୍ଟରେ ରାଣୀପଡ଼ା ସରପଞ୍ଚ, ତହସିଲି ସୁପରଭାଇଜର ଓ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ରଥଯାତ୍ରା ପ୍ରସ୍ତୁତି ବୈଠକ

ଭବାନୀପାଟଣା,(ନି.ପ୍ର): ରଥଯାତ୍ରା-୨୦୨୬ ଉପଲକ୍ଷେ ଜିଲ୍ଲା ସଂସ୍କୃତି ପରିଷଦ ଓ ଜିଲ୍ଲା ପ୍ରଶାସନ, କଳାହାଣ୍ଡିଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜନ ହେବାକୁ ଥିବା ଭକ୍ତି ସଂଗୀତର ବିଶେଷ କାର୍ଯ୍ୟକ୍ରମ ଶ୍ରୀଜଗନ୍ନାଥ ଭଜନ ଧାରା ତଥା ରଥଯାତ୍ରା ଭଜନ ସମାରୋହ - ୨୦୨୬ ର ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ, କଳାହାଣ୍ଡିଙ୍କ କାର୍ଯ୍ୟଳୟ ସ୍ଥିତ ସଦ୍‌ଭାବନା ସଭାଗୃହଠାରେ ହୋଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉପ-ଜିଲ୍ଲାପାଳ ଭବାନୀପାଟଣା, ଉପ-ନିର୍ଦ୍ଦେଶକ ଯୋଜନା ଓ ତଦାରଖ ୟୁନିଟ କଳାହାଣ୍ଡି, ନିର୍ବାହୀ ଅଧିକାରୀ ପୌରପାଳିକା ଭବାନୀପାଟଣା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ ଏବଂ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ସଂସ୍କୃତିକ ଅନୁଷ୍ଠାନର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଏହି ବୈଠକରେ ରଥଯାତ୍ରା ଭଜନ ସମାରୋହ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରଯାଇଥିଲା । ମାଉସୀ ମାଁ ମନ୍ଦିର ପରିସର ଓ ଭଜନ ପରିସରର ସ୍ୱଚ୍ଛତାର ଦାୟିତ୍ୱ ନିର୍ବାହୀ ଅଧିକାରୀ ପୌରପାଳିକା ଭବାନୀପାଟଣା ବହନ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ତା ସହିତ କଳାକାରଙ୍କ ଯାତାୟାତ ସୁବିଧା ଓ ଆଇନ ଶୃଙ୍ଖଳା ରକ୍ଷା କରିବାର ଭାର ଆରକ୍ଷୀ ଅଧିକାରୀ କଳାହାଣ୍ଡିଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା ।

## ରଥଯାତ୍ରା ପାଇଁ ଅନ୍ତିମ ପ୍ରସ୍ତୁତି ବୈଠକ

ଭାପୁର,(ନିପ୍ର): ଭାପୁର ସଦର ମହକୁମାସ୍ଥ କୈବଲ୍ୟ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ରଥଯାତ୍ରା ପରିଚାଳନା କମିଟିର ସ୍ଥାୟୀ ସଭାପତି ଭାପୁର ତହସିଲଦାର ଲୋପାମୁଦ୍ରା ରଥଙ୍କ ସଭାପତିତ୍ୱରେ ଭାପୁର ପୂର୍ତ୍ତ ଡାକବଙ୍ଗଳାରେ ଆୟୋଜିତ ଅନ୍ତିମ ପ୍ରସ୍ତୁତି ବୈଠକରେ ବିଧାୟକ ଇଂ.ଦୁଷ୍ମନ୍ତ କୁମାର ସ୍ୱାଇଁ,ଏସଡିପିଓ ସୁଦୀପ୍ତ କୁମାର ସାହୁ, ବିଡିଓ ସାରଦା ପ୍ରସନ୍ନ ପଣ୍ଡା, ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଗୟାଧର ପରିଡା, ସମାଜସେବୀ ଜିତେନ୍ଦ୍ର କୁମାର ରଣସିଂହ, ଡାକ୍ତର ବିଶ୍ୱନାଥ ସାହୁ, ଫତେଗଡ ଥାନା ଅଧିକାରୀ ଅଜୟ କୁମାର ସାହୁ, ଅଗ୍ନିଶମ ଅଧିକାରୀ ନୀଳକଣ୍ଠ ମହାନ୍ତି, ବନପାଳ ସୁବାଷ ଚନ୍ଦ୍ର ନାୟକ, ଗ୍ରାମ୍ୟ ଜଳଯୋଗାଣ ବିଭାଗ ଯନ୍ତ୍ରୀ ନୃସିଂହ ଚରଣ ଦାସ ଓ ବିଦ୍ୟୁତ ବିଭାଗ ଯନ୍ତ୍ରୀ ଉପସ୍ଥିତ ଥିଲେ। ମନ୍ଦିର ପରିଚାଳନା କମିଟିର ସଭାପତି ସୁମନ୍ତ କୁମାର ଜେନା, ସମ୍ପାଦକ ଗଙ୍ଗାଧର ବାରିକ ଓ ଜଗନ୍ନାଥ ପ୍ରେମୀ ଉପସ୍ଥିତ ଥିଲେ।ଏହି ପ୍ରସ୍ତୁତି ବୈଠକରେ,ଉପରୋକ୍ତ ଅଧିକାରୀ ମାନେ ଭକ୍ତ ଙ୍କ ଭାବାବେଗ କୁ ଦେଖି ସମସ୍ତ ସହଯୋଗ କରିବା ପାଇଁ ନିଜର ମତ୍ତ ଉପସ୍ଥାପନ କରିଥିଲେ।କାର୍ଯ୍ୟକ୍ରମରେ,ଭାପୁର ସଦର ମହକୁମାର ଶତାଧିକ ଜଗନ୍ନାଥପ୍ରେମୀ ଯୋଗଦାନ କରିଥିଲେ।

## ଆଧାତ୍ମିକତାରେ ସୁଖୀ ବୃଦ୍ଧାବସ୍ଥା ଉପରେ ଆଲୋଚନା ଚକ୍ର

ଜଟଣୀ(ନିପ୍ର) : ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରିୟ ବିଶ୍ୱବିଦ୍ୟାଳୟ ତରଫରୁ ଜଟଣୀ ସହରର ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ଆଧାତ୍ମିକତା ଜ୍ଞାନ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ବୃଦ୍ଧାବସ୍ଥାରେ କିପରି ସୁଖ ଶାନ୍ତି ଓ ଆନନ୍ଦରେ ଜୀବନ ଅତିବାହିତ କରିବା ପାଇଁ ମାର୍ଗଦର୍ଶନ କରାଯାଇଥିଲା ଓ ଏଥିରେ ଦୁଇଶହରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ମାନେ ଯୋଗ ଦେଇଥିଲେ ।

## ଜିଲ୍ଲାପାଳଙ୍କ ମିଳିତ ଜନ ଶୁଣାଣି ଶିବିର

କାକଟପୁର (ନିପ୍ର): କାକଟପୁର ବ୍ଲକ ସଭା ଗୃହ ପରିସରରେ ଜିଲ୍ଲାପାଳଙ୍କ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ପୁରୀ ଜିଲ୍ଲା ଡେପୁଟି କଲେକ୍ଟର ବିବେକାନନ୍ଦ ସାହୁ, କାକଟପୁର ବ୍ଲକ ବିଡ଼ିଓ ନାରାୟଣ ଦୀକ୍ଷିତ, ବ୍ଲକ ଅଧକ୍ଷ ଶ୍ରୀଧର ନାୟକ, ନିମାପଡା ଏସ ଡ଼ି ପିଓ ଜନାର୍ଦ୍ଦନ ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ ।

## ଆସିକା ହରିହର ହାଇସ୍କୁଲର ନୂତନ ପରିଚାଳନା କମିଟି ଗଠନ

ଆସିକା (ନିପ୍ର): ଆସିକା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନ୍ତର୍ଗତ ସର୍ବପୁରାତନ ହରିହର ଉଚ୍ଚ ବିଦ୍ୟାଳୟର ସଭ୍ୟ ଓ ସଭ୍ୟାମାନଙ୍କୁ ନେଇ ନୂତନ ପରିଚାଳନା କମିଟି ଗଠନ କରାଯାଇଛି। ସରକାରୀ ନିର୍ଦ୍ଦେଶ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ରଜନୀ ରାଣୀ ଦାସଙ୍କ ଆହ୍ୱାନ କ୍ରମେ ଆଜି ଅପରାହ୍ନରେ ବିଦ୍ୟାଳୟରେ ଅଭିଭାବକମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ,ସି ଆର ସି ସି ଓ ୧୫ ଜଣ ପୁରାତନ ବିଦ୍ୟାଳୟ ପରିଚାଳନା କମିଟିଙ୍କ ଉପସ୍ଥିତରେ ନୂତନ ବିଦ୍ୟାଳୟ ପରିଚାଳନା କମିଟି ଗଠନ କରାଯାଇଥିଲା। ଏହି କମିଟିରେ ବୁଲୁ ମହାରଣା ସଭାପତି ରୂପେ ଚୟନ ହୋଇଥିବା ବେଳେ ସତ୍ୟଭାମା ବେହେରା ଉପ ସଭାପତି ରୂପେ ଚୟନ ହୋଇଛନ୍ତି। ଅନ୍ୟ ସଭ୍ୟ ସଭ୍ୟାମାନଙ୍କ ମଧ୍ୟରେ ଅଞ୍ଜଳି ଗୌଡ଼, କୁମାର ସ୍ୱାମୀ ପାତ୍ର,ବିନୋଦ ଚନ୍ଦ୍ର ବେହେରା, ସୁଶାନ୍ତ ମାହରଣା, ବେବିନା ସ୍ୱାଇଁ, କିରଣ ଆଚାରୀ, ପି.କନାୟା କୁମାର ଦୋରା, ଏ. ରୁକ୍ମଣି ଆଚାରି, ସୁମତି ମୁନି, ସୁଶାନ୍ତ ସିଆ, ଝିଲି ପ୍ରଧାନ ତ୍ରିଲୋଚନ ନାୟକ, ବିନୋଦ ଗୌଡ଼ ପ୍ରମୁଖ ସର୍ବସମ୍ମତି କ୍ରମେ ଚୟନ ହୋଇଛନ୍ତି। ଏହି ନବ ନିର୍ବାଚିତ ପରିଚାଳନା କମିଟି ସଭ୍ୟ ସଭ୍ୟା ମାନେ ଯୁବ ସମାଜ ସେବୀ ସତ୍ୟନାରାୟଣ ସ୍ୱାଇଁ ଙ୍କ ନେତୃତ୍ୱରେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀଙ୍କୁ ଭେଟିବା ସହିତ ବିଦ୍ୟାଳୟ ସର୍ବାଙ୍ଗୀନ ଉନ୍ନତି ବିଷୟରେ ଆଲୋଚନା କରିଛନ୍ତି।

## ଜାତୀୟ ରାଜପଥ କଡରେ ୭୦ ଦୋକାନ ଉଚ୍ଛେଦ




କଟକ(ନିପ୍ର): ଜାତୀୟ ରାଜପଥ କଡରେ ଜବରଦଖଲରେ କରାଯାଇଥିବା ଦୋକାନଗୁଡିକୁ ସୋମବାର ଉଚ୍ଛେଦ କରାଯାଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଟାଙ୍ଗୀ ଚୌଦ୍ୱାର ତହସିଲଦାର ଟାଙ୍ଗୀ ଥାନା ଅଧୀନରେ ୧୬ ନମ୍ବର ଜାତୀୟ ରାଜପଥ କଡରେ ଉଚ୍ଛେଦ କରାଯାଇଥିଲା । ଏହି ସମୟରେ ପ୍ରାୟ ୭୦ଟି ଦୋକାନ ଉଚ୍ଛେଦ କରାଯାଇଥିଲା । ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।

ତିଥି :(ଅମାବାସ୍ୟା): (ପୁନର୍ବସୁ ମିଥୁନ)
ଅମୃତ ବେଳା: ଦିବା ଘ ୭।୪୩ ଗତେ ଘ ୯।୧୯ ଗତେ

## ଆଜିର ଅନୁଚିନ୍ତନ

ଇନ୍ଦ୍ରିୟଗଣ, ମନ ଓ ବୁଦ୍ଧି କାମନାର ବାସସ୍ଥାନ ବୋଲି କୁହାଯାଇଛି। ଏହି କାମନା ଏମାନଙ୍କ ଦ୍ୱାରା ଜ୍ଞାନକୁ ଆଚ୍ଛାଦିତ କରି ଦେହାଭିମାନୀ ମନୁଷ୍ୟକୁ ମୋହିତ କରିଦିଏ।। - ଶ୍ରୀମଦ୍ ଭଗବଦ୍ ଗୀତା

# ସାଇବର ଠକଙ୍କ ପ୍ରତି ସତର୍କତା

ବଜାର ବ୍ୟବସ୍ଥାରେ ଚାହିଦା, ଆକର୍ଷଣ, ଲୋଭ, ଠକେଇ ବରାବର ଜଡ଼ିତ ହୋଇ ରହିଥାଏ। ବିଶେଷକରି ଏବେ ସାଇବର ଠକମାନଙ୍କ ରାଜୁତି ଏତେ ବଢ଼ିଯାଇଛି ଯେ ପୋଲିସର ସୁଦ୍ଧା ଢେ଼ର୍ ମୁଣ୍ଡବ୍ୟଥାରେ କାରଣ ହେଲେଣି ସେମାନେ। ଭାରତର ପ୍ରମୁଖ ପର୍ଯ୍ୟଟନ ତଥା ପ୍ରମୁଖ ତୀର୍ଥସ୍ଥଳୀ ପୁରୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଇଁ ବିଶ୍ୱବିଦିତ। ଅସଂଖ୍ୟ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ସୁଅ ଏଠାକୁ ପ୍ରତ୍ୟହ ଛୁଟୁ ଥିବା ବେଳେ ବାହାରୁ ଆସୁଥିବା ବହୁ ଶ୍ରଦ୍ଧାଳୁ ରଥଯାତ୍ରା ସମୟରେ ସାମୟିକ ରହଣି କରିଥାନ୍ତି। ସେମାନେ ହୋଟେଲ,ଲଜ୍ ପ୍ରଭୃତିର କୋଠରିଗୁଡ଼ିକ ବୁକିଂ କରିଥାନ୍ତି। ତେବେ ଆଜିକାଲି ଅନଲାଇନ ବୁକିଂ ହିଁ ଅଧିକ ଓ ଏହାର ସୁଯୋଗ ନେଇ ସାଇବର ଠକ ମାୟାଜାଲ ରଚନା ପୂର୍ବକ ଠକେଇ କରିଥାନ୍ତି।

ନିକଟ ଅତୀତରେ ଏକ ନିର୍ଦ୍ଦିଷ୍ଟ ଭକ୍ତ ନିବାସର ଦୁଇଟି ରୁମ୍ ବୁକିଂ ପାଇଁ ପ୍ରାୟ ୪ ହଜାର ଟଙ୍କା ଅଗ୍ରିମ ଦେଇଥିବା ଜଣେ ଅଣଓଡ଼ିଆ ସିନେ ଅଭିନେତା ପରେ ଜାଣିବାକୁ ପାଇଲେ ଯେ ରୁମ ବୁକ୍ କରିଥିବା ୱେବସାଇଟଟି ନକଲି। ତାଙ୍କ ନାମରେ କୌଣସି ରୁମ୍ ହିଁ ବୁକିଂ ହୋଇନାହିଁ। ଅଧିକ ଚାହିଦା ଥିବା ହୋଟେଲଗୁଡ଼ିକରେ ନକଲି ୱେବସାଇଟ ଖୋଲି କମ୍ ଦାମ୍ ରୁମ୍ ମିଳୁଥିବା ଦର୍ଶାଇ ଲୋକଙ୍କୁ ପ୍ରଲୋଭିତ କରୁଛନ୍ତି ଓ ଆଗପଛ ନ ବିଚାରି ଅର୍ଥାତ୍ ବାସ୍ତବରେ ଯାଞ୍ଚ ନ କରି ବୁକିଂ କରୁଛନ୍ତି,ସେମାନେ ଠକଙ୍କ ଶିକାର ସହଜରେ ହୋଇଯାଉଛନ୍ତି।

ଏକ ରିପୋର୍ଟ ମୁତାବକ ଏପରି ଠକ ପୁରୀରେ ଗୋଟିଏ ସପ୍ତାହରେ ୪୦ରୁ ଅଧିକ ଶ୍ରଦ୍ଧାଳୁଙ୍କ ଠାରୁ ୧୦ ଲକ୍ଷରୁ ଅଧିକ ଟଙ୍କା ଠକି ନେଇଛନ୍ତି। ଗୁଗୁଲ୍‌ରେ ସର୍ଚ୍ଚ କରି ଅଜଣା ୱେବସାଇଟରେ ରୁମ୍ ବୁକ୍ କରିବା ଅର୍ଥ ଠକେଇର ଶିକାର ହେବା ନିଶ୍ଚିତପ୍ରାୟ। ରଥଯାତ୍ରା ଆଗକୁ ଆସୁଥିବା କାରଣରୁ କିଛି ହୋଟେଲ,ଲଜ୍‌ର କୋଠରି ଭଡା ବୃଦ୍ଧି ଅଭିଯୋଗ ଗଣମାଧ୍ୟମରେ ଚର୍ଚ୍ଚାକୁ ଆସିଲାଣି। ଏ ପରିପ୍ରେକ୍ଷୀରେ ମନଇଚ୍ଛା ଭଡା ବୃଦ୍ଧି ଉପରେ ରାଜ୍ୟ ସରକାରଙ୍କ ପକ୍ଷରୁ କଟକଣା ଜାରି ଆବଶ୍ୟକ। ତିନିଦିନିଆ ପ୍ୟାକେଜ ନାଁରେ ଶୋଷଣ ଅଭିଯୋଗ ମଧ୍ୟ ଆଲୋଚିତ ହେଉଛି, ଏନେଇ ଅନୁସନ୍ଧାନ ପୂର୍ବକ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ। ଅବଶ୍ୟ ନକଲି ୱେବସାଇଟ ଜାଲ ବିଛାଇଥିବା ଲୁଟେରାଙ୍କୁ ପୋଲିସ କୌଶଳକ୍ରମେ ଧରିବା ଆବଶ୍ୟକ। ଏପରି ଅପରାଧର ଶିକାର ହେଲେ ପୁରୀ ସାଇବର ଥାନାରେ ଅଭିଯୋଗ ଆଣିବା ଓ ଆବଶ୍ୟକବେଳେ ହେଲପଲାଇନର ସହାୟତା ନିଆଯିବା ଦରକାର। ସୁତରାଂ ରୁମବୁକିଂ ସ୍ୱୀକୃତିପ୍ରାପ୍ତ ଏଜେନ୍‌ସୀ ଜରିଆରେ କରାଇବା ,ଅଯଥାରେ ଏଥିଲାଗି ବ୍ୟଗ୍ର ନ ହେବା ଉଚିତ। କମ୍ ଦାମରେ ରୁମ ମିଳୁଛି ବୋଲି ଅଜଣା ୱେବସାଇଟ ପ୍ରତି ଆକର୍ଷିତ ହେବା କେବେ ବି ଉଚିତ ନୁହେଁ।

# ମାନସିକ ଶାନ୍ତି ହିଁ ପ୍ରକୃତ ସମ୍ପତ୍ତି

**ଅଖିଳ ତରାଇ**

ମଣିଷ ଜୀବନରେ ସମ୍ପର୍କର ଗୁରୁତ୍ୱ ଅପରିସୀମ, କିନ୍ତୁ ସେହି ସମ୍ପର୍କ ଯେତେବେଳେ ଭାଙ୍ଗିଯାଏ, ସେତେବେଳେ ହୃଦୟରେ ସୃଷ୍ଟି ହେଉଥିବା ଶୂନ୍ୟତା ଏବଂ ଯନ୍ତ୍ରଣାକୁ ସହଜରେ ବର୍ଣ୍ଣନା କରାଯାଇପାରେନାହିଁ। ପ୍ରେମ କିମ୍ବା ଆତ୍ମୀୟତା ଯେତିକି ଗଭୀର ହୋଇଥାଏ, ତାର ବିଚ୍ଛେଦ ଜନିତ ଆଘାତ ସେତିକି ମର୍ମନ୍ତୁଦ ହୋଇଥାଏ। କିନ୍ତୁ ସମୟ ହେଉଛି ସବୁଠାରୁ ବଡ଼ ଚିକିତ୍ସକ। ଏହି କଥାଟି ଆଜିର ଯୁବପିଢ଼ିଙ୍କ ପାଇଁ ଏକ ବଡ଼ ସତ୍ୟ ଭାବରେ ଉଭା ହୋଇଛି, ଯେଉଁମାନେ ଭାବପ୍ରବଣତାର ଝଡ଼ ମଧ୍ୟରୁ ନିଜକୁ ବାହାର କରି ପୁଣିଥରେ ଜୀବନକୁ ଏକ ନୂଆ ରୂପରେ ଗଢ଼ିବାକୁ ଚେଷ୍ଟା କରୁଛନ୍ତି। ଜୀବନର କୌଣସି ଏକ ନିର୍ଦ୍ଦିଷ୍ଟ ମୋଡ଼ରେ କାହାର ଅନୁପସ୍ଥିତି ପ୍ରଥମେ ଅସହ୍ୟ ଲାଗିଲେ ମଧ୍ୟ, ଧୀରେ ଧୀରେ ସେହି ଅନୁପସ୍ଥିତି ହିଁ ଜୀବନର ଏକ ସ୍ୱାଭାବିକ ଅଭ୍ୟାସରେ ପରିଣତ ହୋଇଯାଏ। ଏହି ପ୍ରକ୍ରିୟାଟି ରାତାରାତି ଘଟେନାହିଁ, ବରଂ ଏହା ମାନସିକ ସ୍ତରରେ ନିଜ ସହ ନିଜର ଏକ ଦୀର୍ଘ ସଂଗ୍ରାମ। ଯେତେବେଳେ ଜଣେ ବ୍ୟକ୍ତି ନିଜର ଭାବନାକୁ ନିୟନ୍ତ୍ରଣ କରିବାକୁ ଶିଖିଯାଏ, ସେତେବେଳେ ସେ ବୁଝିପାରେ ଯେ କୌଣସି ଅତୀତ ତାର ଭବିଷ୍ୟତକୁ ସୀମିତ କରିପାରିବ ନାହିଁ।

ଆଧୁନିକ ଯୁଗରେ ସୋସିଆଲ ମିଡିଆ ଏବଂ ସ୍ମାର୍ଟଫୋନ୍ ସମ୍ପର୍କକୁ ଯେତିକି ନିକଟତର କରିଛି, ବିଚ୍ଛେଦ ପରେ ଏହା ସେତିକି ଯନ୍ତ୍ରଣାଦାୟକ ମଧ୍ୟ ସାବ୍ୟସ୍ତ ହୋଇଥାଏ। ସକାଳୁ ଉଠିବା ମାତ୍ରେ କାହାର ମେସେଜ୍ ଖୋଜିବା କିମ୍ବା ବାରମ୍ବାର କାହାର ପ୍ରୋଫାଇଲ୍ ଚେକ୍ କରିବା ମାନସିକ ଅସ୍ଥିରତାର ସଙ୍କେତ ଦିଏ। ଯେତେବେଳେ ଜଣେ ବ୍ୟକ୍ତି ହୃଦୟଙ୍ଗମ କରେ ଯେ ସେପଟୁ ସମ୍ପର୍କର ସୂତା ସମ୍ପୂର୍ଣ୍ଣ ରୂପେ ଛିନ୍ନ ହୋଇସାରିଛି, ସେତେବେଳେ ନିଜ ସ୍ୱାଭିମାନ ରକ୍ଷା କରିବା ପାଇଁ ପଛକୁ ଫେରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନଥାଏ। ଏହି ସଚେତନତା ହିଁ ମଣିଷକୁ ପୁଣିଥରେ ବାସ୍ତବତାକୁ ଗ୍ରହଣ କରିବାକୁ ସାହସ ଦିଏଁ। ପୁରୁଣା ସ୍ମୃତିକୁ ଧରି କାନ୍ଦିବା ଅପେକ୍ଷା ଜୀବନକୁ ପୁଣିଥରେ ଉପଭୋଗ କରିବା, ନୂଆ ପୋଷାକ ପିନ୍ଧିବା ଏବଂ ସୁନ୍ଦର ସ୍ଥାନ ଭ୍ରମଣ କରିବା ମାଧ୍ୟମରେ ମଣିଷ ନିଜ ଭିତରେ ଥିବା ସେହି ହଜିଯାଇଥିବା ସତ୍ତାକୁ ଫେରିପାଏ। ନିଜର ଖୁସିକୁ ନିଜେ ଖୋଜିବା ଦ୍ୱାରା ଅନ୍ତର୍ନିହିତ ଆତ୍ମବିଶ୍ୱାସ ବୃଦ୍ଧି ପାଇଥାଏ, ଯାହା ବ୍ୟକ୍ତିତ୍ୱକୁ ଆହୁରି ଦୃଢ଼ କରିଥାଏ।

ନିଜର ଏକାକୀତ୍ୱକୁ ଭୟ ନକରି, ତାହାକୁ ନିଜର ଶକ୍ତି ଭାବରେ ଗ୍ରହଣ କରିବା ହେଉଛି ଆତ୍ମ-ଆବିଷ୍କାରର ପ୍ରଥମ ପାହାଚ। ଏକା ଏକା ସିନେମା ହଲକୁ ଯିବା କିମ୍ବା ରେଷ୍ଟୁରାଣ୍ଟରେ ବସି ନିଜ ମନପସନ୍ଦର ଖାଦ୍ୟ ଖାଇବା ଦ୍ୱାରା ଏହା ପ୍ରମାଣିତ ହୁଏ ଯେ ଆମର ଖୁସି କୌଣସି ବାହ୍ୟ ବ୍ୟକ୍ତି ବିଶେଷଙ୍କ ଉପରେ ନିର୍ଭରଶୀଳ ନୁହେଁ। ଯେଉଁ ସ୍ମୃତିଗୁଡ଼ିକ କେବେ ଆଖିରେ ଲୁହ ଆଣି ଦେଉଥିଲେ, ପରବର୍ତ୍ତୀ ସମୟରେ ସେହି ଅତୀତର ତିକ୍ତ ଅନୁଭୂତି ହିଁ ଆଗକୁ ବଢ଼ିବାର ପ୍ରେରଣା ଦିଏ। ସେହିପରି ଫୋନରେ ଥିବା ପୁରୁଣା ଫଟୋଗୁଡ଼ିକୁ ଡିଲିଟ୍ କରିବାର ସାହସ ନଥିଲେ ମଧ୍ୟ ସେଗୁଡ଼ିକୁ ନ ଦେଖିବା ଏବଂ କୌଣସି ଆଲୋଚନା ଚକ୍ରରେ ସେହି ବ୍ୟକ୍ତିର ନାମ ନ ନେବା ମାନସିକ ସ୍ଥିରତାର ଏକ ବଡ଼ ପ୍ରମାଣ। ଏହା ଦର୍ଶାଏ ଯେ ମଣିଷ ନିଜର ଦୁର୍ବଳତାକୁ ପଛରେ ପକାଇ ପ୍ରଗତି ପଥରେ ଅଗ୍ରସର ହେଉଛି।

ଜୀବନରେ ଏମିତି ଏକ ସମୟ ଆସେ ଯେତେବେଳେ ଆମେ ସମ୍ପୂର୍ଣ୍ଣ ଉଲ୍ଲସିତ ମଧ୍ୟ ନଥାଉ କିମ୍ବା ଅତ୍ୟଧିକ ଉଦାସ ମଧ୍ୟ ହୋଇନଥାଉ। ଏହା ହେଉଛି ଏକ ସନ୍ତୁଳିତ ମାନସିକ ସ୍ଥିତି, ଯେଉଁଠି ଅତୀତର ମଣିଷକୁ ସମ୍ପୂର୍ଣ୍ଣ ଭୁଲିବା ବଡ଼ କଥା ନୁହେଁ, ବରଂ ତାଙ୍କ କଥା ମନେ ନ ପଡ଼ିବା ହିଁ ମନର ପ୍ରକୃତ ଶାନ୍ତି। ସେହି ଶାନ୍ତି ହିଁ ମଣିଷକୁ ନୂଆ ସକାଳର ସ୍ୱାଗତ କରିବା ପାଇଁ ଶକ୍ତି ପ୍ରଦାନ କରିଥାଏ। ଏହି ଶାନ୍ତିପୂର୍ଣ୍ଣ ସ୍ଥିତିରେ ପହଞ୍ଚିବା ପରେ ଜୀବନର ପ୍ରକୃତ ସୌନ୍ଦର୍ଯ୍ୟ ଉପଲବ୍ଧ ହୁଏ। ନିଜ ଆଖପାଖର ଲୋକଙ୍କ ସହ ମିଶିବା, ସେମାନଙ୍କ ସହ ସୁଖଦୁଃଖ ବାଣ୍ଟିବା ଏବଂ ସମାଜରେ ନିଜର ଏକ ସକରାତ୍ମକ ପରିଚୟ ସୃଷ୍ଟି କରିବା ହିଁ ପ୍ରକୃତ ଜୀବନ। ଅତୀତର ଦୁଃଖକୁ ସବୁଦିନ ପାଇଁ ପୋଛି ହେବନାହିଁ, କିନ୍ତୁ ତାହାକୁ ନିଜ ବର୍ତ୍ତମାନ ଉପରେ ପ୍ରଭାବ ପକାଇବାକୁ ନ ଦେବା ଆମ ହାତରେ ଅଛି।

ଶେଷରେ, ବିଚ୍ଛେଦ କୌଣସି ଜୀବନର ଅନ୍ତ ନୁହେଁ, ବରଂ ଏହା ନିଜକୁ ନୂଆ ରୂପରେ ଗଢ଼ିବାର ଏକ ସୁବର୍ଣ୍ଣ ସୁଯୋଗ। ଯେତେବେଳେ ମଣିଷ ନିଜ ସହ ନିଜର ସମ୍ପର୍କକୁ ମଜବୁତ କରିଦିଏ, ସେତେବେଳେ ଦୁନିଆର କୌଣସି ଅଭାବ ତାକୁ ଦୁର୍ବଳ କରିପାରେନାହିଁ। ଭାଙ୍ଗିଯାଇଥିବା ହୃଦୟକୁ ପୁଣିଥରେ ଯୋଡ଼ିବା ପାଇଁ ନିଜ ପ୍ରତି ଭଲପାଇବା ଏବଂ ସମ୍ମାନ ରହିବା ନିହାତି ଜରୁରୀ। ସମୟ ସହ ବଦଳିବା ଏବଂ ପ୍ରତିଟି ପରିସ୍ଥିତିକୁ ସହର୍ଷ ଗ୍ରହଣ କରିବା ହିଁ ମାନବ ସଭ୍ୟତାର ଏକ ବଡ଼ ଗୁଣ। ଅତୀତର ଅନ୍ଧକାରକୁ ପଛରେ ପକାଇ ଆତ୍ମ-ଆବିଷ୍କାରର ଏହି ନୂତନ ଆଲୋକରେ ଯେଉଁମାନେ ଆଗକୁ ବଢ଼ନ୍ତି, ସେମାନେ ହିଁ ସଂସାରରେ ପ୍ରକୃତ ସୁଖ ଓ ଶାନ୍ତିର ଅଧିକାରୀ ହୋଇପାରନ୍ତି। ଜୀବନର ଏହି ନୂତନ ଅଧ୍ୟାୟ ସେମାନଙ୍କୁ କେବଳ ଶକ୍ତିଶାଳୀ କରେନାହିଁ, ବରଂ ଆଗାମୀ ଦିନ ପାଇଁ ଏକ ଦିଗ୍‌ଦର୍ଶନ ମଧ୍ୟ ଦେଇଥାଏ।

**ଗଞ୍ଜାମ, ମୋ-୭୭୮୭୦୦୧୦୦୧**

# ଜେଲ୍ କାନ୍ଥ ବାହାରେ ଏକ ଅପରାଧ ସାମ୍ରାଜ୍ୟ !

**ଅସିତ ମହାନ୍ତି**

> “ସାମାଜିକ ସଚେତନତା ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ। ଯୁବପିଢ଼ିଙ୍କୁ ଅପରାଧିକ ନେଟୱାର୍କରୁ ଦୂରେଇ ରଖିବା ପାଇଁ ଶିକ୍ଷା ଏବଂ ନିଯୁକ୍ତି ସୁଯୋଗକୁ ବିସ୍ତାର କରିବାକୁ ପଡିବ। ଯେତେବେଳେ ସମାଜରେ ସକାରାତ୍ମକ ବିକଳ୍ପ ଉପଲବ୍ଧ ହେବ, ସେତେବେଳେ ଅପରାଧୀ ଗୋଷ୍ଠୀର କବଳ ଦୁର୍ବଳ ହୋଇଯିବ। ତେଣୁ, ଜେଲ ସଂସ୍କାର, ଅନ୍ତର୍ଜାତୀୟ ସହଯୋଗ, କଠୋର ଦଣ୍ଡ, ଆଇନଗତ ସଂସ୍କାର ଏବଂ ସାମାଜିକ ସଚେତନତା - ଏହି ପାଞ୍ଚଟି ସ୍ତମ୍ଭ ଭାରତକୁ ଏହି ସଙ୍କଟରୁ ବାହାର କରିପାରିବ। କେବଳ ବୈଷୟିକ ପଦକ୍ଷେପ ନୁହେଁ, ରାଜନୈତିକ ଇଚ୍ଛାଶକ୍ତି ଏବଂ ସାମାଜିକ ଚେତନା ମଧ୍ୟ ଏହି ସମାଧାନର ଆଧାର ହେବା ଉଚିତ।

ଯୁକ୍ତରାଷ୍ଟ୍ର ଆମେରିକା ସମ୍ପ୍ରତି ଭାରତୀୟ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଏବଂ ତାଙ୍କ ସହଯୋଗୀଙ୍କ ବିରୁଦ୍ଧରେ ଗମ୍ଭୀର ଅଭିଯୋଗ ଦାୟର କରିଛି। ଆମେରିକାର ଏକ କୋର୍ଟରେ ଦାଖଲ ହୋଇଥିବା ଅଭିଯୋଗ ଅନୁଯାୟୀ, ବିଷ୍ଣୋଇ ତାଙ୍କ ଗୁଜୁରାଟ ଜେଲରୁ ମୋବାଇଲ୍ ଫୋନ୍ ଏବଂ ଇଣ୍ଟରନେଟ୍ କଲିଂ ଡିଭାଇସ୍ ବ୍ୟବହାର କରି ବିଦେଶରେ ହତ୍ୟା, ନିଶାଦ୍ରବ୍ୟ ଚାଲାଣ ଏବଂ ଆଦାୟ ଭଳି ଅପରାଧ ପରିଚାଳନା କରିଥିଲେ। ଏହି ମାମଲା ଭାରତର ଅନ୍ତର୍ଜାତୀୟ ପ୍ରତିଛବିକୁ ଗୁରୁତର ଭାବରେ କ୍ଷତି ପହଞ୍ଚାଇଛି ଏବଂ ଆମେରିକା ଏବେ ତାଙ୍କ ହେପାଜତକୁ ଖୋଜୁଛି।

ବିଷ୍ଣୋଇ ମାମଲା: ଘଟଣାଗୁଡ଼ିକର ପୃଷ୍ଠଭୂମି - ଗତ ଦଶନ୍ଧି ଧରି ଭାରତୀୟ ଜେଲରେ ଥିବା ଲରେନ୍ସ ବିଷ୍ଣୋଇ ତାଙ୍କ ଜେଲ୍ ଭିତରେ ଏକ ବିଶାଳ ଅପରାଧିକ ନେଟୱାର୍କ ଗଠନ କରିଥିଲେ। ୨୦୨୩ ମସିହାରେ, ସେ କାନାଡିଆନ୍ ଶିଖ୍ ବିଚ୍ଛିନ୍ନତାବାଦୀ ନେତା ହରଦୀପ ସିଂହ ନିଜ୍ଜରଙ୍କୁ ଜେଲ୍‌ରୁ ହତ୍ୟା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆମେରିକାର ଅଭିଯୋଗରେ ସ୍ପଷ୍ଟ ଭାବରେ କୁହାଯାଇଛି ଯେ ବିଷ୍ଣୋଇ, ତାଙ୍କ ସହଯୋଗୀ ଗୋଲ୍ଡି ବ୍ରାରଙ୍କ ସହିତ ମିଶି ଏହି ହତ୍ୟାକାଣ୍ଡ ଘଟାଇଥିଲେ। ଏହା ବ୍ୟତୀତ, ତାଙ୍କ ନେଟୱାର୍କ ଉପରେ ଅନ୍ତର୍ଜାତୀୟ କୋକେନ୍ ଚାଲାଣ, ଆଦାୟ ଏବଂ ଅସ୍ତ୍ରଶସ୍ତ୍ର ଚାଲାଣର ଅଭିଯୋଗ ଅଛି।

ଭାରତର ବିଫଳତା ଏବଂ ଅନ୍ତର୍ଜାତୀୟ ଅପମାନ - ସବୁଠାରୁ ବଡ଼ ପ୍ରଶ୍ନ ହେଉଛି: ଗୁଜୁରାଟର ଏକ ଉଚ୍ଚ ସୁରକ୍ଷା ଜେଲରେ ବନ୍ଦୀ ଥିବା ସମୟରେ ବିଷ୍ଣୋଇ ବିଦେଶରେ ଅପରାଧୀ ଏବଂ ଆତଙ୍କବାଦୀଙ୍କ ସହିତ କିପରି ଯୋଗାଯୋଗ କରିପାରିଲେ ? ଜେଲକୁ ମୋବାଇଲ୍ ଫୋନ୍ ଏବଂ ଇଣ୍ଟରନେଟ୍ ଡିଭାଇସ୍ ଚୋରା ଚାଲାଣ ଭାରତର ସବୁଠାରୁ ବଡ଼ ଦୁର୍ବଳତା ପ୍ରମାଣିତ କରିଥିଲା। ଏହା ମଧ୍ୟ ଅଭିଯୋଗ କରାଯାଇଛି ଯେ ଜେଲ ପ୍ରଶାସନର ସହଯୋଗ କିମ୍ବା ଅବହେଳା ଯୋଗୁଁ ବିଷ୍ଣୋଇ ସୁବିଧା ପାଇଥିଲା। ଆମେରିକା ଏବଂ କାନାଡାର ମିଳିତ କାର୍ଯ୍ୟାନୁଷ୍ଠାନ ଭାରତୀୟ ଜେଲର ଅପରାଧୀଙ୍କୁ ନିୟନ୍ତ୍ରଣ କରିବାରେ ବିଫଳତାକୁ ପ୍ରକାଶ କରିଛି।ଏହା ଭାରତର ପ୍ରତିଛବିକୁ ଗୁରୁତର ଭାବରେ କଳଙ୍କିତ କରିଛି। ଅନ୍ତର୍ଜାତୀୟ ସ୍ତରରେ ପଠାଯାଇଥିବା ବାର୍ତ୍ତା ହେଉଛି ଯେ ଭାରତ ଏହାର ଅପରାଧୀଙ୍କୁ ନିୟନ୍ତ୍ରଣ କରିବାରେ ଅକ୍ଷମ ଏବଂ ସେମାନେ ବିଶ୍ୱ ସ୍ତରରେ ଆତଙ୍କ ଏବଂ ଅପରାଧ ପ୍ରସାର କରୁଛନ୍ତି। କିଏ ଦାୟୀ ? ଦାୟିତ୍ୱର ପ୍ରଶ୍ନ ଏହି ସମଗ୍ର ମାମଲାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ। ଯେତେବେଳେ ଜଣେ ଅପରାଧୀ ଜେଲ ଭିତରେ ବନ୍ଦୀ ଥିବା ସମୟରେ ଅନ୍ତର୍ଜାତୀୟ ଅପରାଧ କରେ, ଏହା କେବଳ ତାଙ୍କର ଚତୁରତାର ପ୍ରକାଶ ନୁହେଁ ବରଂ ବ୍ୟବସ୍ଥାର ବିଫଳତା।



ପ୍ରଥମେ, ଜେଲ ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ଭୂମିକା ଉପରେ ଆଲୋଚନା କରାଯିବା ଉଚିତ। ଜେଲଗୁଡ଼ିକ ଅପରାଧୀଙ୍କୁ ସଂସ୍କାର କରିବା ଏବଂ ସମାଜରୁ ସେମାନଙ୍କୁ ଅଲଗା କରିବା ପାଇଁ ଉଦ୍ଦିଷ୍ଟ, କିନ୍ତୁ ଯେତେବେଳେ ମୋବାଇଲ୍ ଫୋନ୍, ଇଣ୍ଟରନେଟ୍ ଏବଂ ଅନ୍ୟାନ୍ୟ ସୁବିଧା ଉପଲବ୍ଧ ହୁଏ, ଏହା ସିଧାସଳଖ ସୁରକ୍ଷା ତ୍ରୁଟି ଏବଂ ଦୁର୍ନୀତିକୁ ପ୍ରତିଫଳିତ କରେ। ପ୍ରାୟତଃ, ଜେଲ୍ ଅଧିକାରୀଙ୍କ ସହମତିରେ, ଅପରାଧୀମାନେ ଏହି ଉପକରଣଗୁଡ଼ିକର ପ୍ରବେଶ ପାଇଥାନ୍ତି, ଯାହା ସେମାନଙ୍କୁ ବାହ୍ୟ ଜଗତ ସହିତ ସମ୍ପର୍କ ବଜାୟ ରଖିବାର ସୁଯୋଗ ଦେଇଥାଏ। ଏହା କେବଳ ଅବହେଳା ନୁହେଁ ବରଂ ଏକ ଗମ୍ଭୀର ଅପରାଧ, କାରଣ ଏହା ଜେଲଗୁଡ଼ିକୁ ଅପରାଧିକ କାର୍ଯ୍ୟର କେନ୍ଦ୍ରରେ ପରିଣତ କରେ।

ଦ୍ୱିତୀୟ ଦାୟିତ୍ୱ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର। ଭାରତରେ ଅନ୍ତର୍ଜାତୀୟ ଅପରାଧ ନେଟୱାର୍କ ଉପରେ ନଜର ରଖିବା ପାଇଁ ଅନେକ ଏଜେନ୍ସି ଦାୟିତ୍ୱ ଦିଆଯାଇଛି। ତଥାପି, ଯେତେବେଳେ ବିଷ୍ଣୋଇ ଭଳି ଅପରାଧୀମାନେ ବିଦେଶରେ ହତ୍ୟା ଏବଂ ନିଶା କାରବାର ପାଇଁ କାର୍ଯ୍ୟ କରନ୍ତି ଏବଂ ଏଜେନ୍ସିଗୁଡ଼ିକ ସମୟ ମଧ୍ୟରେ ସେମାନଙ୍କୁ ବନ୍ଦ କରିବାରେ ବିଫଳ ହୁଅନ୍ତି, ଏହା ସେମାନଙ୍କ ତଦାରଖରେ ଶିଥିଳତାକୁ ପ୍ରକାଶ କରେ। ଅନ୍ତର୍ଜାତୀୟ ସହଯୋଗ ଏବଂ ଗୁପ୍ତଚର ଆଦାନପ୍ରଦାନକୁ ଆହୁରି ସୁଦୃଢ଼ କରିବା ଆବଶ୍ୟକ।ତୃତୀୟ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରାଜନୈତିକ ନେତୃତ୍ୱର। ଅପରାଧୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ଜେଲ୍ ସଂସ୍କାର ପାଇଁ ରାଜନୈତିକ ଇଚ୍ଛାଶକ୍ତିର ସ୍ପଷ୍ଟ ଅଭାବ ରହିଛି। ପ୍ରାୟତଃ, ରାଜନୈତିକ ପୃଷ୍ଠପୋଷକତା ଯୋଗୁଁ, ଅପରାଧୀମାନେ ଜେଲ୍ ଭିତରେ ମଧ୍ୟ ବିଶେଷ ସୁବିଧା ପାଆନ୍ତି। ଯଦି ନେତୃତ୍ୱ ଅପରାଧୀଙ୍କ ବିରୁଦ୍ଧରେ କଠୋର ଆଭିମୁଖ୍ୟ ଗ୍ରହଣ କରେ ନାହିଁ ଏବଂ ଜେଲ୍ ସଂସ୍କାରକୁ ପ୍ରାଥମିକତା ଦିଏ ନାହିଁ, ତେବେ ଏପରି ଘଟଣା ପୁନରାବୃତ୍ତି ହେବ। ତେଣୁ, ଏହି ମାମଲା କେବଳ ଜଣେ ଅପରାଧୀଙ୍କ କାର୍ଯ୍ୟ ନୁହେଁ, ବରଂ ସମଗ୍ର ବ୍ୟବସ୍ଥାର ବିଫଳତାକୁ ପ୍ରତିଫଳିତ କରେ। ଜେଲ୍ ପ୍ରଶାସନ, କେନ୍ଦ୍ରୀୟ ଏଜେନ୍ସି ଏବଂ ରାଜନୈତିକ ନେତୃତ୍ୱ - ତିନି ଜଣଙ୍କର - ସେମାନଙ୍କର ଭୂମିକା ନିର୍ବାହ କରିବା ଏବଂ ଜେଲ୍ ଭିତରୁ ଅପରାଧୀମାନଙ୍କୁ ଅନ୍ତର୍ଜାତୀୟ ନେଟୱାର୍କ ପରିଚାଳନା କରିବାରୁ ରୋକିବାର ଦାୟିତ୍ୱ ରହିଛି।

ସମାଧାନର ପଥ: ଭାରତକୁ ଏହି ଶୋଚନୀୟ ପରିସ୍ଥିତିରୁ ମୁକ୍ତ କରିବା ପାଇଁ, ସମାଧାନର ପଥ କଂକ୍ରିଟ୍ ଏବଂ ବହୁମୁଖୀ ହେବା ଆବଶ୍ୟକ। ପ୍ରଥମତଃ, ଜେଲ ସଂସ୍କାର ପାଇଁ ପଦକ୍ଷେପ ଅତ୍ୟନ୍ତ ଜରୁରୀ। ଅପରାଧୀମାନଙ୍କୁ ବାହ୍ୟ ଜଗତ ସହିତ ଯୋଗାଯୋଗ କରିବାରୁ ରୋକିବା ପାଇଁ ଉଚ୍ଚ-ସୁରକ୍ଷା ଜେଲରେ ମୋବାଇଲ୍ ଜାମର୍ ଏବଂ ଅତ୍ୟାଧୁନିକ ନିରୀକ୍ଷଣ ବ୍ୟବସ୍ଥା ସ୍ଥାପନ କରାଯିବା ଆବଶ୍ୟକ। କୌଣସି ଚୋରା ଦ୍ରବ୍ୟ ଜେଲରେ ପ୍ରବେଶ ନ କରିବା ପାଇଁ ନିୟମିତ ଏବଂ କଠୋର ତଲାସି ଅଭିଯାନ କରାଯିବା ଆବଶ୍ୟକ। ଆନ୍ତର୍ଜାତୀୟ ସହଯୋଗକୁ ମଧ୍ୟ ମଜବୁତ କରାଯିବା ଆବଶ୍ୟକ। ଅପରାଧୀ ନେଟୱାର୍କଗୁଡ଼ିକୁ ଭାଙ୍ଗିବା ପାଇଁ ଆମେରିକା, କାନାଡା ଏବଂ ଅନ୍ୟାନ୍ୟ ଦେଶର ଏଜେନ୍ସିଗୁଡ଼ିକ ସହିତ ଗୁପ୍ତଚର ଆଦାନପ୍ରଦାନ ଏବଂ ମିଳିତ ଅଭିଯାନ କରାଯିବା ଉଚିତ। ଯେତେବେଳେ ଅପରାଧୀମାନେ ବିଶ୍ୱ ସ୍ତରରେ କାର୍ଯ୍ୟ କରନ୍ତି, କେବଳ ଜାତୀୟ କାର୍ଯ୍ୟାନୁଷ୍ଠାନ ଯଥେଷ୍ଟ ହେବ ନାହିଁ। ତୃତୀୟ ପଦକ୍ଷେପ ହେଉଛି କଠୋର ଦଣ୍ଡ। ଜେଲ୍ ଅଧିକାରୀ ଏବଂ ଅପରାଧୀଙ୍କୁ ସୁରକ୍ଷା ଦେଉଥିବା କିମ୍ବା ସେମାନଙ୍କ କାର୍ଯ୍ୟକଳାପ ପ୍ରତି ଆଖି ବୁଜି ଦେଉଥିବା ରାଜନୈତିକ ଶକ୍ତିମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ। ଦାୟୀ ବ୍ୟକ୍ତିମାନେ କଠୋର ଦଣ୍ଡର ସମ୍ମୁଖୀନ ନହେବା ପର୍ଯ୍ୟନ୍ତ, ଅପରାଧୀମାନେ ସୁବିଧା ସୁଯୋଗ ଉପଭୋଗ କରିବା ଜାରି ରଖିବେ। ଚତୁର୍ଥ ସମାଧାନ ହେଉଛି ଆଇନଗତ ସଂସ୍କାର। ଭାରତକୁ ସଂଗଠିତ ଅପରାଧ ଏବଂ ମାଫିଆ ନେଟୱାର୍କ ବିରୁଦ୍ଧରେ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବାକୁ ପଡିବ ଏବଂ ଦ୍ରୁତ ନ୍ୟାୟିକ ପ୍ରକ୍ରିୟା ସୁନିଶ୍ଚିତ କରିବାକୁ ପଡିବ। ଦୀର୍ଘକାଳୀନ ଆଇନଗତ ଲଢ଼େଇ ଅପରାଧୀମାନଙ୍କୁ ସଶକ୍ତ କରିବା ଉଚିତ, ତେଣୁ ଦ୍ରୁତ ଏବଂ ନିର୍ଣ୍ଣାୟକ ନ୍ୟାୟ ଜରୁରୀ।

ଶେଷରେ, ସାମାଜିକ ସଚେତନତା ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ। ଯୁବପିଢ଼ିଙ୍କୁ ଅପରାଧିକ ନେଟୱାର୍କରୁ ଦୂରେଇ ରଖିବା ପାଇଁ ଶିକ୍ଷା ଏବଂ ନିଯୁକ୍ତି ସୁଯୋଗକୁ ବିସ୍ତାର କରିବାକୁ ପଡିବ। ଯେତେବେଳେ ସମାଜରେ ସକାରାତ୍ମକ ବିକଳ୍ପ ଉପଲବ୍ଧ ହେବ, ସେତେବେଳେ ଅପରାଧୀ ଗୋଷ୍ଠୀର କବଳ ଦୁର୍ବଳ ହୋଇଯିବ। ତେଣୁ, ଜେଲ ସଂସ୍କାର, ଅନ୍ତର୍ଜାତୀୟ ସହଯୋଗ, କଠୋର ଦଣ୍ଡ, ଆଇନଗତ ସଂସ୍କାର ଏବଂ ସାମାଜିକ ସଚେତନତା - ଏହି ପାଞ୍ଚଟି ସ୍ତମ୍ଭ ଭାରତକୁ ଏହି ସଙ୍କଟରୁ ବାହାର କରିପାରିବ। କେବଳ ବୈଷୟିକ ପଦକ୍ଷେପ ନୁହେଁ, ରାଜନୈତିକ ଇଚ୍ଛାଶକ୍ତି ଏବଂ ସାମାଜିକ ଚେତନା ମଧ୍ୟ ଏହି ସମାଧାନର ଆଧାର ହେବା ଉଚିତ।

ଲରେନ୍ସ ବିଷ୍ଣୋଇ ମାମଲା କେବଳ ଜଣେ ଅପରାଧୀଙ୍କ କାହାଣୀ ନୁହେଁ, ବରଂ ଭାରତର ଜେଲ ବ୍ୟବସ୍ଥା, ପ୍ରଶାସନିକ ଦୁର୍ବଳତା ଏବଂ ରାଜନୈତିକ ଉଦାସୀନତାର ପ୍ରତିଫଳନ। ଯେପର୍ଯ୍ୟନ୍ତ ଭାରତ ଏହାର ଜେଲଗୁଡ଼ିକୁ ଅପରାଧୀଙ୍କ ଆଡ୍ଡାରେ ପରିଣତ ହେବାରୁ ରୋକି ନାହିଁ, ସେପର୍ଯ୍ୟନ୍ତ ଏହାର ଅନ୍ତର୍ଜାତୀୟ ପ୍ରତିଛବି କ୍ଷୁର୍ଣ୍ଣ ହେବ। ଏହି ସଙ୍କଟ କେବଳ କଠୋର ଜେଲ ସଂସ୍କାର, ଅନ୍ତର୍ଜାତୀୟ ସହଯୋଗ ଏବଂ ରାଜନୈତିକ ଇଚ୍ଛାଶକ୍ତି ମାଧ୍ୟମରେ ସମାଧାନ ହୋଇପାରିବ।


ସୁଜନପୁର, ଯାଜପୁର
ମୋ-୯୪୩୭୨୮୮୦୨୮

# ଦେଶରେ କର୍କଟ ନିୟନ୍ତ୍ରଣ ଲୋଡ଼ା

**ସୌଭାଗ୍ୟ ରଂଜନ ମହାନ୍ତି**

> “ଦଶ ଜଣରେ ୪ଜଣଙ୍କ ଠାରୁ କମ୍ ଅର୍ଥାତ୍ ୪୦ପ୍ରତିଶତରୁ କମ୍ କର୍କଟ ସେବାୟନ୍ ପାଇଁ ୟୁନିଭରସାଲ ହେଲଥର ଅନ୍ତର୍ଭୁକ୍ତ ହୋଇଥିବାବେଳେ ୨୦୩୦ ସୁଦ୍ଧା ହୁ'ର ମୃତ୍ୟୁ ସଂଖ୍ୟା ହ୍ରାସ ଲାଗି ମାତ୍ର ୧୨ଏବେ ସଠିକ୍ ମାର୍ଗରେ ରହିଛନ୍ତି। ସେହିପରି ୪୮ ପଛରେ ରହିଛନ୍ତି। ଏଚପିଭି ଟୀକା ଯାହାକି ଗର୍ଭାଶୟ କର୍କଟର ସବୁଠାରୁ ଶକ୍ତିଶାଳୀ ସୁରକ୍ଷାକାରୀ ଭାବେ ଜଣାଶୁଣା, ଏହି କାର୍ଯ୍ୟକ୍ରମରେ ୮୫ ପ୍ରତିଶତ ଅନ୍ତର୍ଭୁକ୍ତ ହୋଇଛନ୍ତି। କେବଳ ୩୧ ପ୍ରତିଶତ ବାଳିକା ଏହି ଟିକା ନେଇଛନ୍ତି ଭାରତରେ ଗତବର୍ଷ ୧୬ବର୍ଷରୁ କମ୍ ବାଳିକାଙ୍କୁ ମାଗଣାରେ ଏହି ଟୀକା ଦାନ ଯୋଜନାର ଶୁଭାରମ୍ଭ ହୋଇଥିବା ବେଳେ ୧୯୭୫ ମସିହାରୁ ଜାତୀୟ କର୍କଟ ନିୟନ୍ତ୍ରଣ ପ୍ରୋଗ୍ରାମ କାର୍ଯ୍ୟକାରୀ ହୋଇଛି।

ବିଶ୍ୱରେ ମାରାତ୍ମକ କର୍କଟ (କ୍ୟାନସର) ରୋଗର ପ୍ରାର୍ଦୁଭାବ ନେଇ ନିକଟରେ ବିଶ୍ୱସ୍ୱାସ୍ଥ୍ୟ ସଂଗଠନ(ହୁ) ପକ୍ଷରୁ ପ୍ରକାଶିତ ନୂତନ ବିଶ୍ଳେଷଣାତ୍ମକ ଆନ୍ତର୍ଜାତିକ ରିପୋର୍ଟରେ ଯେଉଁ ତଥ୍ୟ ପ୍ରକାଶ ପାଇଛି ତାହା ଯେତିକି ଆତଙ୍କ ସୃଷ୍ଟିକାରୀ ସେତିକି ଚିନ୍ତାଜନକ। ରିପୋର୍ଟରେ କୁହାଯାଇଛି ଯେ, ସମ୍ପ୍ରତି ବିଶ୍ୱରେ ପ୍ରତି ୫ଜଣରେ ଜଣେ ମାରାତ୍ମକ କର୍କଟ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ଥିବାବେଳେ ବିଶ୍ୱ ଜନସଂଖ୍ୟାର ମୋଟ ୯୨ ପ୍ରତିଶତ ଲୋକ ନିଜ ଜୀବନକାଳ ମଧ୍ୟରେ ଅନ୍ତତଃ ପକ୍ଷେ ଥରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ଏହି ରୋଗର ସମ୍ମୁଖୀନ ହେବା ସମ୍ଭାବନା ରହିଛି। ପରିବାରର ଜଣେ ସଦସ୍ୟ ଏହି ରୋଗରେ ପିଡିତ ହେବା କାରଣରୁ ମୋଟ ୯୨ପ୍ରତିଶତ ଜନସଂଖ୍ୟା ଉଭୟ ମାନସିକ ଓ ଆର୍ଥୀକ ସଂକଟର ସମ୍ମୁଖୀନ ହେଉଛନ୍ତି। ଏହି ରୋଗରେ ବିଶ୍ୱରେ ପ୍ରତିଦିନ ୨୬ ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟୁଥିବାବେଳେ ପ୍ରତିବର୍ଷ ପ୍ରାୟ ୨କୋଟିରୁ ଅଧିକ ନୂଆ କର୍କଟ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି।



ହୃଦରୋଗ ପରେ ବିଶ୍ୱରେ ସବୁଠାରୁ ବଡ ଘାତକ ରୋଗ ଭାବେ କର୍କଟ ଉଭା ହୋଇଥିବାବେଳେ ଏହାର ପ୍ରତିରୋଧ ଚିହ୍ନଟ ଏବଂ ଚିକିତ୍ସା ସେବା କ୍ଷେତ୍ରରେ ବ୍ୟାପକ ତାରତମ୍ୟ ଦେଖାଦେଇଛି ଯାହାକି ଧନୀ-ଗରିବ ରାଷ୍ଟ୍ରଙ୍କ ମଧ୍ୟରେ ପାର୍ଥକ୍ୟକୁ ପ୍ରଦର୍ଶିତ କରେ। କହିବା ବାହୁଲ୍ୟ ଯେ, ଗରିବ ଓ ମଧ୍ୟମ ଆୟକାରୀ ରାଷ୍ଟ୍ରଗୁଡିକରେ ଏହି ରୋଗ ପାଇଁ ଆବଶ୍ୟକ ପ୍ରାଥମିକ ଜୀବନ ରକ୍ଷାକାରୀ ଔଷଧ ମାତ୍ର ୯ରୁ ୫୪ ପ୍ରତିଶତ ମଧ୍ୟରେ ସୀମିତ ଉପଲବ୍ଧ ହେଉଥିବା ବେଳେ ଧନୀ ତଥା ଉଚ୍ଚ ଆୟକାରୀ ରାଷ୍ଟ୍ରଗୁଡିକରେ ୯୪ ପ୍ରତିଶତ ପର୍ଯ୍ୟନ୍ତ ସହଜରେ ମିଳିଥାଏ। ପରିଣତ ସ୍ୱରୁପ ଧନୀ ଦେଶଗୁଡିକରେ କର୍କଟ ଚିହ୍ନଟ ହେବାର ୫ବର୍ଷ ପର୍ଯ୍ୟନ୍ତ ୮୫ ପ୍ରତିଶତରୁ ଅଧିକ ଆକ୍ରାନ୍ତ ବଂଚିରହୁଥିବା ବେଳେ ଗରିବ ଦେଶଗୁଡିକରେ ଏହି ସଂଖ୍ୟା ମାତ୍ର ୩୦ପ୍ରତିଶତ ରହିଛି।

ସେହିପରି ଧନୀ ଦେଶଗୁଡିକରେ ସ୍ତନ କର୍କଟରେ ପୀଡିତ ପ୍ରାୟ ୮୭ ପ୍ରତିଶତ ମହିଳା ଆକ୍ରାନ୍ତ ହେବାର ପାଂଚ ବର୍ଷ ପରେ ମଧ୍ୟ ସୁରକ୍ଷିତ ରହିପାରୁଥିବାବେଳ ଗରିବ ଦେଶଗୁଡିକରେ ଏହି ସଂଖ୍ୟା ୪୨ପ୍ରତିଶତ ରହିବା ଟ୍ୟୁମର ପାର୍ଥକ୍ୟ ନୁହେଁ, ବରଂ ସ୍ୱାସ୍ଥ୍ୟ ବ୍ୟବସ୍ଥାର ପାର୍ଥ୍ୟକ ବୋଲି କୁହାଯିବ। ଏହା ନିସନ୍ଦେହ ଯେ, ବିଶ୍ୱରେ କର୍କଟ ପ୍ରତିରୋଧ ତଥା ଉପଯୁକ୍ତ ଚିକିତ୍ସା ଲାଗି ନୂତନ ଟିକା ଓ ଔଷଧ ଉଦ୍‌ଭାବନ ହେଉଛି। କିନ୍ତୁ ଏହାର ବ୍ୟବହାର ନେଇ ଅର୍ଥ ମେକାନିଜମ ପ୍ରତିବନ୍ଧକ ସାଜିଛି। ଗରିବଙ୍କ ପାଇଁ ଏହା ସାତସପନ ରହିଛି। ଉଲ୍ଲେଖଯୋଗ୍ୟ ଯେ, ବିଶ୍ୱର ୮୨ଟି ଦେଶରେ ଏବେ ଜାତୀୟ କର୍କଟ ନିୟନ୍ତ୍ରଣ ଯୋଜନା ରହିଛି। କିନ୍ତୁ ୧୬ବର୍ଷ ତଳେ ଅର୍ଥାତ ୨୦୧୦ରେ ଏହି ସଂଖ୍ୟା ମାତ୍ର ଅଧା ଥିଲା।

ଦଶ ଜଣରେ ୪ଜଣଙ୍କ ଠାରୁ କମ୍ ଅର୍ଥାତ୍ ୪୦ପ୍ରତିଶତରୁ କମ୍ କର୍କଟ ସେବାୟନ୍ ପାଇଁ ୟୁନିଭରସାଲ ହେଲଥର ଅନ୍ତର୍ଭୁକ୍ତ ହୋଇଥିବାବେଳେ ୨୦୩୦ ସୁଦ୍ଧା ହୁ'ର ମୃତ୍ୟୁ ସଂଖ୍ୟା ହ୍ରାସ ଲାଗି ମାତ୍ର ୧୨ଏବେ ସଠିକ୍ ମାର୍ଗରେ ରହିଛନ୍ତି। ସେହିପରି ୪୮ ପଛରେ ରହିଛନ୍ତି। ଏଚପିଭି ଟୀକା ଯାହାକି ଗର୍ଭାଶୟ କର୍କଟର ସବୁଠାରୁ ଶକ୍ତିଶାଳୀ ସୁରକ୍ଷାକାରୀ ଭାବେ ଜଣାଶୁଣା, ଏହି କାର୍ଯ୍ୟକ୍ରମରେ ୮୫ ପ୍ରତିଶତ ଅନ୍ତର୍ଭୁକ୍ତ ହୋଇଛନ୍ତି। କେବଳ ୩୧ ପ୍ରତିଶତ ବାଳିକା ଏହି ଟିକା ନେଇଛନ୍ତି ଭାରତରେ ଗତବର୍ଷ ୧୬ବର୍ଷରୁ କମ୍ ବାଳିକାଙ୍କୁ ମାଗଣାରେ ଏହି ଟୀକା ଦାନ ଯୋଜନାର ଶୁଭାରମ୍ଭ ହୋଇଥିବା ବେଳେ ୧୯୭୫ ମସିହାରୁ ଜାତୀୟ କର୍କଟ ନିୟନ୍ତ୍ରଣ ପ୍ରୋଗ୍ରାମ କାର୍ଯ୍ୟକାରୀ ହୋଇଛି। ଏହି ପ୍ରୋଗ୍ରାମ ଏବେ ବି ସମସ୍ତ ମୌଳିକ ଜିନିଷ ପ୍ରସ୍ତୁତି ଠାରୁ ବହୁ ଦୂରରେ ରହିଛି। ଗତ ଜାତୀୟ ପରିବାର ସର୍ଭେ ରିପୋର୍ଟ ଅନୁସାରେ ଗର୍ଭାଶୟ କର୍କଟ ପିଡିତା ୩୦ରୁ ୪୯ବର୍ଷ ବୟସ୍କା ମହିଳା ମାତ୍ର ୨ପ୍ରତିଶତରୁ କମ୍ ଥିବା ଚିହ୍ନଟ ହୋଇଛନ୍ତି। ଯାହା ସ୍ତନ କର୍କଟ ଠାରୁ ୧ପ୍ରତିଶତ କମ୍।

ଅତିକମରେ ୪୫ପ୍ରତିଶତ ଆକ୍ରାନ୍ତ ରୋଗ ଚିହ୍ନଟ ଓ ଚିକିତ୍ସା କ୍ଷେତ୍ରରେ ଗୁରୁତ୍ୱର ଆର୍ଥୀକ ସଂକଟର ସମ୍ମୁଖୀନ ହୋଇଥିବା କୁହାଯାଇଥିବାବେଳେ ୯୦ପ୍ରତିଶତ ଆର୍ଥିକ ଦୁରାବସ୍ଥା ଯୋଗୁଁ ଚିକିତ୍ସା ଠାରୁ ଦୂରେଇ ରହିଛନ୍ତି। ଆମ ରାଜ୍ୟ ତଥା ଦେଶରେ କର୍କଟରୁ ଚିନ୍ତା ବଢୁଥିବାବେଳେ ଯେଉଁ ଅନୁପାତରେ ରୋଗୀଙ୍କ ସଂଖ୍ୟା ବଢୁଛି, ସେହି ଅନୁପାତରେ ଚିକିତ୍ସା ସେବା ତଥା ଭିତିଭୂମି ନାହିଁ। ଦେଶରେ ପ୍ରତିବର୍ଷ ୧୫ଲକ୍ଷ ନୂଆ କର୍କଟ ରୋଗୀ ଚିହ୍ନଟ ହେଉଥିଲେ ହେଁ ମାତ୍ର ୧୦୦୦ ଅଙ୍କୋଲୋଜି ଆସନ ରହିଛି। ଏଥିସହ ବିଶେଷଜ୍ଞ ଡାକ୍ତରଙ୍କ ଅଭାବ ମଧ୍ୟ କମ୍ ନୁହେଁ। ଏହି ନିଶ୍ଚିତ ଯେ, ଗୋଟିଏ ପଟେ ଚିକତ୍ସା ସେବାର ଭିତିଭୂମି, ଡାକ୍ତର ଅଭାବ ଥିବାବେଳେ ପ୍ରାରମ୍ଭିକ ଜୀବନ ରକ୍ଷାକାରୀ ଔଷଧର ଅଭାବ ଏବଂ ଏହାର ଉଚ୍ଚାମୂଲ୍ୟ ରୋଗୀଙ୍କ ପାଇଁ ଘାତକ ସଦୃଶ ହୋଇଛି। ଆସନ୍ତା ୨୦୫୦ ମସିହା ବେଳକୁ ଦେଶରେ କର୍କଟ ରୋଗୀଙ୍କ ସଂଖ୍ୟା ଦ୍ୱିଗୁଣ ହୋଇଯିବା ଅକଳନ କରାଯାଏ। ତେବେ କର୍କଟ ରୋଗର କାରଣ ନେଇ ଜନସାଧାରଣଙ୍କୁ ସଚେତନ କରାଯିବା ସହ ମାଗଣା ବା ରିହାତିରେ ଚିକିତ୍ସା ସେବା ଏକାନ୍ତ ଆବଶ୍ୟକ। ଅନ୍ୟଥା କର୍କଟ ଏକ ମହାମାରୀର ରୂପ ନେବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ।

**ମୋ-୯୪୩୭୯୯୪୩୭୯**

## ଆସିକା ବିଜ୍ଞାନ ମହାବିଦ୍ୟାଳୟର ୫୯ତମ ପ୍ରତିଷ୍ଠା ଦିବସ

ଆସିକା, ୧୩।୭ (ନିପ୍ର); ଆସିକା ବିଜ୍ଞାନ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ବିଭୂତିଭୂଷଣ ବେବର୍ତ୍ତାଙ୍କ ପୌରହିତ୍ୟରେ ୫୯ତମ ପ୍ରତିଷ୍ଠା ଦିବସ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ସମ୍ପାଦିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ଼. ଅଭୟ କେଶରୀ ପରିଚ୍ଛା ପଟ୍ଟନାୟକ, ଶୈକ୍ଷିକ ଅଧିକାରିଣୀ ଡ଼. ନନ୍ଦିତା ଦାଶ, ହିସାବ ଅଧିକାରୀ ଦେବାଶିଷ ସାହୁ ଏବଂ ଓଡ଼ିଆ ଅଧ୍ୟାପକ ଡ଼. ଅଜିତ କୁମାର ମୁନୀ ମଞ୍ଚାସୀନ ଥିଲେ। ସମସ୍ତ ମଞ୍ଚାସୀନ ଅତିଥି ମହାବିଦ୍ୟାଳୟର ଇତିହାସ, ପୂର୍ବ ଗର୍ବ ଓ ଗୌରବକୁ ବଖାଣି ଥିଲେ। ଆଗାମୀ ଭବିଷ୍ୟତରେ ମଧ କିପରି ଏହି ଧାରା ବଳବତ୍ତର ରହିପାରିବ ତାହାର ସବିଶେଷ ଆଲୋଚନା ହୋଇଥିଲା। ଅଧକ୍ଷ ପ୍ରଫେସର ବେବର୍ତ୍ତା ଛାତ୍ରମାନଙ୍କୁ ଶୃଙ୍ଖଳାର ବାର୍ତ୍ତା ଦେଇଥିବା ବେଳେ ପ୍ରଶାସନିକ ଅଧିକାରୀ ଡ଼. ପଟ୍ଟନାୟକ ମଧ ଅନୁରୂପ ମନ୍ତବ୍ୟ ରଖିଥିଲେ। ସମସ୍ତ ମଞ୍ଚାସୀନ ଅତିଥି ଆଖୁଚାଷୀଙ୍କ ଶ୍ରମଜଳରେ କିପରି ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା ତାହାର ବିଶଦ ବିବରଣୀ ରଖିଥିଲେ। ମହାବିଦ୍ୟାଳୟ ପ୍ରତିଷ୍ଠା ସମୟର ମହାନୁଭବ ଏବଂ ମେଧାବୀ ଛାତ୍ରଛାତ୍ରୀଙ୍କ ଗୌରବ ଗାଥାକୁ ଶିକ୍ଷାର୍ଥୀଙ୍କ ମଧରେ ଜ୍ୱଳନ୍ତ ନିଦର୍ଶନ ସ୍ୱରୂପ ଆଲୋଚନା କରାଯାଇଥିଲା। ମହାବିଦ୍ୟାଳୟର ସ୍ୱନାମଧନ୍ୟ ପ୍ରତିଷ୍ଠାପକ ସ୍ୱର୍ଗତ ହରିହର ଦାସ, ଦ୍ୱୀତିକୃଷ୍ଣ ପଣ୍ଡା, ଲୋକନାଥ ମିଶ୍ର, କବିରାଜ କୃଷ୍ଣଚନ୍ଦ୍ର ତ୍ରିପାଠୀ ଶର୍ମାଙ୍କ ନାମ ଏବଂ ଶ୍ରେଷ୍ଠତାକୁ ସମସ୍ତ ମଞ୍ଚାସୀନ ଅତିଥି ସ୍ମରଣ କରିଥିଲେ। ଏହି ମହାବିଦ୍ୟାଳୟର କଳା, ବିଜ୍ଞାନ ଓ ବାଣିଜ୍ୟ କ୍ଷେତ୍ରରେ ଅନେକ ମେଧାବୀ ଛାତ୍ରଛାତ୍ରୀ ଦେଶବିଦେଶରେ କିପରି ସୁନାମ ଅର୍ଜନ କରିଛନ୍ତି ତାହାର ସବିଶେଷ ଆଲୋଚନା ହୋଇଥିଲା।

## ଖାଦ୍ୟ ପରିବେଷଣରେ ବିଳମ୍ବ ହେବାରୁ ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗ

ରାଉରକେଲା, ୧୩।୭ (ନିପ୍ର): ସହରର ରଘୁନାଥପାଲ୍ଲୀ ଥାନା ସୀମା ଅନ୍ତର୍ଗତ ଲେବର ଟେନାମେଣ୍ଟ କମ୍ୟୁନିଟି ହଲ୍ ନିକଟସ୍ଥ ନେତାଜୀ ନଗର ପାହାଡ଼ ଉପର ବସ୍ତିରେ ଶନିବାର ବିଳମ୍ବିତ ରାତିରେ ଏକ ଘରୋଇ ହିଂସା ହତ୍ୟାର ରୂପ ନେଇଥିଲା। ଖାଦ୍ୟ ଦେବାରେ ବିଳମ୍ବ ଯୋଗୁଁ ହତ୍ୟା ଏକ ଆଶ୍ଚର୍ଯ୍ୟଜନକ ଘଟଣା ବୋଲି ସହରରେ ଚର୍ଚ୍ଚା ହେଉଛି। ପ୍ରାଥମିକ ସୂଚନା ଅନୁସାରେ, ଝାଡ଼ଖଣ୍ଡର ସୁନୀତା ବିଲୁଙ୍ଗଙ୍କୁ ତାଙ୍କ ସ୍ୱାମୀ ଅଭିଯୁକ୍ତ ସଞ୍ଜୟ ବିଲୁଙ୍ଗ୍ ଘରୋଇ ବିବାଦରୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ପୋଲିସ ସୂଚନା ଅନୁସାରେ ଅଭିଯୁକ୍ତ ସଞ୍ଜୟ ବିଲୁଙ୍ଗ୍ ନିଶାଗ୍ରସ୍ତ ଅବସ୍ଥାରେ ଘରକୁ ଫେରିଥିବା ବେଳେ, ତାଙ୍କୁ ତାଙ୍କ ସ୍ତ୍ରୀ ସୁନୀତା ଖାଇବାକୁ ଦେବାର ବିଳମ୍ବ ହେବାରୁ, ସେ ସ୍ତ୍ରୀଙ୍କ ସହ ଝଗଡ଼ା କରିଥିଲେ। ଝଗଡ଼ା ସମୟରେ, ଅଭିଯୁକ୍ତ ସଞ୍ଜୟ ତାଙ୍କ ସ୍ତ୍ରୀଙ୍କୁ ଏକ ଭଙ୍ଗା ଟାଇଲ୍ ସାହାଯ୍ୟରେ ଆକ୍ରମଣ କରିଥିଲେ। ଫଳରେ ସୁନୀତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଘଟଣା ଘଟିବା ପରେ, ଅଭିଯୁକ୍ତ ଘଟଣାସ୍ଥଳରୁ ପଳାଇ ଯାଇଥିଲା। ସର୍ବଶେଷ ସୂଚନା ଅନୁସାରେ ଅଭିଯୁକ୍ତଙ୍କୁ ପୋଲିସ ହେପାଜତକୁ ନିଆଯାଇଛି। ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଥିବା ବେଳେ ସରକାରୀ ସ୍ପଷ୍ଟିକରଣକୁ ଅପେକ୍ଷା କରାଯାଇଛି। ସୂଚନା ପାଇ ରଘୁନାଥପାଲ୍ଲୀ ଥାନାର ଏକ ପୋଲିସ୍ ଦଳ, ଫୋରେନସିକ୍ ଦଳ ସହିତ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଥିଲେ। ପାନପୋଷ ଏସଡିପିଓ ସୁଶାନ୍ତ କୁମାର ଦାସ ଘଟଣାସ୍ଥଳରେ ପହଞ୍ଚି ମାମଲାର ତଦନ୍ତ କରିଥିଲେ। ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଯାଇଛି ଏବଂ ଅଧିକ ତଦନ୍ତ ଜାରି ରହିଛି। ମୃତକଙ୍କ ପରିବାରରେ ଦୁଇଟି ଛୋଟ ପିଲା ଅଛନ୍ତି। ଏହି ଘଟଣା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଦୁଃଖ ସୃଷ୍ଟି କରିଛି। ସ୍ଥାନୀୟ ଲୋକମାନେ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଛି। ପ୍ରାଥମିକ ତଦନ୍ତ ପରେ ପୋଲିସ୍ ପକ୍ଷରୁ ଏକ ସରକାରୀ ବିବୃତ୍ତି ଜାରି କରାଯିବ ବୋଲି ଆଶା କରାଯାଉଛି।

## ବରିଷ୍ଠ ନାଗରିକଙ୍କ ପାଇଁ ବିନୋଦନ କେନ୍ଦ୍ରର ଭୂମିପୂଜନ

ଭଦ୍ରକ, ୧୩।୭ (ନିପ୍ର): ଭଦ୍ରକ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘ ଦ୍ୱାରା ଆୟୋଜିତ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ବରିଷ୍ଠ ନାଗରିକ ମାନଙ୍କ ପାଇଁ ବରିଷ୍ଠ ବିନୋଦନ କେନ୍ଦ୍ର, ଡଗମୁଣ୍ଡ, ବାଗୁରାଇ ୱାର୍ଡ ନଂ ୮ ନିକଟ ଭଦ୍ରକ ଆନନ୍ଦପୁର ରାଜ୍ୟ ରାଜପଥ ପାର୍ଶ୍ୱରେ ମହାନଦୀ କୋଲ ଫିଲଡ଼ ଲିମିଟେଡ଼ ଆର୍ଥିକ ସହାୟତା ରେ ଏକ ନବନିର୍ମିତ ବିନୋଦନ କେନ୍ଦ୍ରର ଶୁଭ ଭୂମିପୂଜନ କାର୍ଯ୍ୟକ୍ରମ ଓ ସାଧାରଣ ସଭା ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘ ସଭାପତି ଲଲାଟେନ୍ଦୁ ମହାନ୍ତି ଓ ସାଧାରଣ ସମ୍ପାଦକ କୈଳାଶ ଚନ୍ଦ୍ର ମହାପାତ୍ରଙ୍କ ସଂଯୋଜନାରେ ଉପସ୍ଥିତ ଅତିଥି ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ଓ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଭଦ୍ରକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଡ଼ଃ ଦିଲୀପ ରାଉତରାଏ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀଙ୍କ ଦ୍ୱାରା ସଭା ଓ ଭୂମିପୂଜନ କରାଯାଇଥିଲା । ଉକ୍ତ ବିନୋଦନ କେନ୍ଦ୍ର ନିର୍ମାଣ ପାଇଁ ଆବଶ୍ୟକୀୟ ଡ଼ି.ପି.ଆର. ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ ସାଧାରଣ ପରିଚାଳକ ଏମସିଏଲ ବୁର୍ଲା ଙ୍କୁ ୧୬/୪/୨୦୨୬ ଚିଠି ଦ୍ୱାରା ଅବଗତ କରାଯାଇଛି ବୋଲି ଆଜିର ସଭାରେ ଜିଲ୍ଲାପାଳ ପ୍ରକାଶ କଲେ ଓ ଖୁବଶୀଘ୍ର ଅନୁଦାନ ରାଶି ମିଳିଗଲେ । ଉକ୍ତ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ପାଇଁ ଆଜି ଭିତ୍ତିପ୍ରସ୍ତର ସ୍ଥାପନ କରାଗଲା ।

## କାଶୀପୁର ପ୍ରାଥମିକ ବିଦ୍ୟାଳୟରେ ନୂତନ ଏସଏମସି କମିଟି ଗଠନ

ନିରାକାରପୁର, ୧୩।୭ (ନିପ୍ର); ଖୋରଧା ଜିଲ୍ଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଡିଆ ପଞ୍ଚାୟତର କାଶୀପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇ ବିଦ୍ୟାଳୟର ନୂତନ ପରିଚାଳନା କମିଟି ଗଠନ କରାଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଓ ସ୍ଥାନୀୟ ଜନପ୍ରତିନିଧିମାନଙ୍କ ଉପସ୍ଥିତିରେ ଏହି ନୂତନ କମିଟିର ସଦସ୍ୟ ସଦସ୍ୟାମାନଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଛି।ଏହି ନୂତନ କମିଟିରେ ରଶ୍ମିତା ପରିଡ଼ା ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ତପସ୍ମିତା ପ୍ରଧାନ ଉପ-ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଅନିତା ନାୟକ ଏବଂ ବରିଷ୍ଠ ଶିକ୍ଷୟିତ୍ରୀ ମମତା ବେହେରା ମଧ ଏହି କମିଟିର ପ୍ରମୁଖ ସଦସ୍ୟା ରହିଛନ୍ତି। ନୂତନ କମିଟିର ଅନ୍ୟମାନଙ୍କ ମଧରେ ୱାର୍ଡ ମେମ୍ବର: ନକୁଳ ସାହୁ,ଅଙ୍ଗନବାଡ଼ି କର୍ମୀ: ମନୋରମା ରାଉତରାୟ,ଆଶା କର୍ମୀ: ପୁଷ୍ପଲତା ପରିଡ଼ା,ଅଭିଭାବକ ସଦସ୍ୟ/ସଦସ୍ୟା: ସୁବାଷ ଚନ୍ଦ୍ର ନାୟକ, ଜିତେନ୍ଦ୍ର ବେହେରା, ରବିନାରାୟଣ ବାରିକ, ପ୍ରଭାତ ଦଳେଇ,ସୂର୍ଯ୍ୟକାନ୍ତି ଜେନା, ଅନିତା ଭୋଇ, ମୋନାଲିସା ସ୍ୱାଇଁ, ଯମୁନା ବାରିକ, ଟିକି ଭୋଇ, ଦୀପ୍ତିମୟୀ ସାମନ୍ତରାୟ, ଆଶାଲତା ଖଟେଇ, ଉର୍ମିଳା ବିଶ୍ୱାଳ, ସୁରେଖା ଲେଙ୍କା ପ୍ରମୁଖ ରହିଥିବା ଜଣାପଡ଼ିଛି। ବିଦ୍ୟାଳୟର ଶିକ୍ଷାର ମାନସିକ ଅଭିବୃଦ୍ଧି, ଭିତ୍ତିଭୂମିର ବିକାଶ ଏବଂ ଛାତ୍ରଛାତ୍ରୀମାନଙ୍କର ଉପସ୍ଥିତି ବଢ଼ାଇବା ଦିଗରେ ଏହି ନୂତନ କମିଟି ଆଗାମୀ ଦିନରେ ନିଷ୍ଠାର ସହ କାର୍ଯ୍ୟ କରିବ ବୋଲି ବୈଠକରେ ସଂକଳ୍ପ ନିଆଯାଇଛି। ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇ ବୈଠକ ସାଙ୍ଗ ହୋଇଥିଲା।

## ଓଳସିଂହରେ ବ୍ୟାପକ ଚାରା ରୋପଣ ଓ ସଚେତନତା ରାଲି
## ବଣ୍ଟାଗଲା ଚାରା, ନିଆଗଲା ସବୁଜ ସଙ୍କଳ୍ପ

ନିରାକାରପୁର, ୧୩।୭ (ନିପ୍ର): ଖୋରଧା ଜିଲ୍ଲା ଓଳସିଂହ ଅଞ୍ଚଳରେ ଏକ ବ୍ୟାପକ ଚାରା ରୋପଣ, ଗ୍ରାମ ପରିଭ୍ରମଣ ଓ ଚାରା ବଣ୍ଟନ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଓଳସିଂହ ସରକାରୀ ଦାଶରଥି ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ସମାରୋହ ପାଳନ କମିଟି ଏବଂ ଭୁବନେଶ୍ୱରର ଗ୍ରୀନ କ୍ଲବର ମିଳିତ ଆନୁକୂଲ୍ୟରେ ଏହି ପରିବେଶ ସୁରକ୍ଷା ଓ ସଚେତନତା ଅଭିଯାନର ଆୟୋଜନ କରାଯାଇଥିଲା।କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିଥି ଓ କମିଟିର ସଦସ୍ୟମାନଙ୍କ ଦ୍ୱାରା ବିଦ୍ୟାଳୟ ପରିସର ଓ ସ୍ଥାନୀୟ ଅଞ୍ଚଳରେ ବୃକ୍ଷରୋପଣ କରାଯାଇଥିଲା। ଏହାପରେ ପରିବେଶ ସୁରକ୍ଷାର ସନ୍ଦେଶ ନେଇ ଏକ ଗ୍ରାମ ପରିଭ୍ରମଣ ତଥା ସଚେତନତା ରାଲିର ଆୟୋଜନ କରାଯାଇଥିଲା। ଏହି ଅବସରରେ ସଦସ୍ୟମାନେ ଗ୍ରାମର ଘରକୁ ଘର ବୁଲି ବୃକ୍ଷରୋପଣର ଆବଶ୍ୟକତା, ବିଶ୍ୱ ତାପାୟନର ମୁକାବିଲା ଏବଂ ଏକ ସବୁଜ ସୁନ୍ଦର ପରିବେଶ ଗଠନ ସମ୍ପର୍କରେ ଗ୍ରାମବାସୀଙ୍କୁ ବୁଝାଇବା ସହ ସଚେତନ କରିଥିଲେ। ସବୁଜିମାର ପ୍ରସାର ପାଇଁ ଗ୍ରାମବାସୀଙ୍କ ମଧ୍ୟରେ ବିଭିନ୍ନ ପ୍ରଜାତିର ଔଷଧୀୟ ଓ ଛାୟାପ୍ରଦ ଚାରାଗଛ ବଣ୍ଟନ କରାଯିବା ସହ ସେଗୁଡ଼ିକର ସୁରକ୍ଷା ଓ ଯତ୍ନ ନେବାକୁ ଆହ୍ୱାନ ଦିଆଯାଇଥିଲା। ଏହି ମହତ କାର୍ଯ୍ୟକ୍ରମରେ ସମାଜସେବୀ ଦେବରାଜ ବରିସଲ, ଗ୍ରୀନ କ୍ଲବର ସଂଯୋଜକ ଶିଶିର ରାୟ ଏବଂ ଓଳସିଂହ ଗ୍ରାମପଞ୍ଚାୟତର ସରପଞ୍ଚ ପ୍ରତିନିଧି ଚିତ୍ତରଞ୍ଜନ ଭୋଳ ପ୍ରମୁଖ ଯୋଗଦେଇ ପରିବେଶ ସନ୍ତୁଳନ ରକ୍ଷା କରିବାରେ ବୃକ୍ଷର ଭୂମିକା ଉପରେ ଆଲୋକପାତ କରିଥିଲେ।

# ରବି ଧାନ କିଣା ଅବ୍ୟବସ୍ଥାରେ ସରିଲା: ଖରିଫ୍ ପାଇଁ ପ୍ରଶାସନିକ ପ୍ରସ୍ତୁତି ଶୂନ୍

ବଲାଙ୍ଗିର, ୧୩/୭(ନିପ୍ର): ବଲାଙ୍ଗିର ଜିଲାରେ ରବିଧାନ କିଣା ସମ୍ପୂର୍ଣ୍ଣ ଅବ୍ୟବସ୍ଥା ମଧ୍ୟରେ ସରିଲା । କେତେ ଧାନ ବିକ୍ରି ନହୋଇ ପଡି ରହିଛି, କେତେ ଚାଷୀଙ୍କ ଟୋକନ୍ ଅବଧି ସରିଗଲା, ସମୀକ୍ଷା କରିବାକୁ କୌଣସି ଅଧିକାରୀ ପ୍ରସ୍ତୁତ ନୁହନ୍ତି । ମିଲର୍ସ, ଯୋଗାଣ ବିଭାଗର ସଲାସୁତୁରାରେ ଧାନ ବିକ୍ରି ସରିଗଲା । ଚାଷୀଙ୍କୁ ଛାଡି ସଭିଏଁ ଲାଭବାନ ହେଲେ । ସିଧା କହିବାକୁ ଗଲେ ପ୍ରଶାସନ ସବୁ ଦୃଷ୍ଟିରୁ ଚାଷୀଙ୍କୁ ଧୋକା ଦେଲା । ତଥାପି, ଚଷୀଙ୍କ ଧାନ ବନ୍ଦ ମଣ୍ଡରେ ବର୍ଷାରେ ଭିଜୁଛି । ଯୋଗାଣ ବିଭାଗ ନିଷ୍କ୍ରିୟ ରହିବା ଫଳରେ ଛତିଶଗଡର ଧାନ ବଲାଙ୍ଗିର ଜିଲ୍ଲାର ମଣ୍ଡରେ ବିକ୍ରି ହେଲା । ସ୍ଥିତି ଏଭଳି ରହିଲା ଯେ, ଟାର୍ଗେଟ ଥିଲେ ହେଁ ଚାଷୀଙ୍କ ଟୋକନ ଅବଧୀ ସରିଗଲା । ରବି ଋତୁର ଏପରି ତିକ୍ତ ଅନୁଭୂତି ପାଇଥିବା ଚାଷୀ ଖରିଫ୍ ଚାଷ ପ୍ରସ୍ତୁତି ଆରମ୍ଭ କରିଛନ୍ତି । କିଛି ଦିନ ତଳର ଲଗାତାର ବର୍ଷା ଯୋଗୁଁ ବିଲରେ ପାଣି ଭରିଛି ତେଣୁ ରୁହା ବିହୁଡା ପ୍ରକ୍ରିୟା ଆରମ୍ଭ ହୋଇଛି । କିନ୍ତୁ ପ୍ରଶାସନିକ ସ୍ତରରେ ଖରିଫ୍ ଚାଷ ପାଇଁ ଚିନ୍ତା ନାହିଁ । ଜୁଲାଇ ପହିଲାର ଭଲ ବର୍ଷା କାରଣରୁ ଚାଷୀ ଭଲ ଚାଷ ପାଇଁ ଆଶାବାଦୀ ଅଛନ୍ତି । ସ୍ୱାଭାବିକ ଭାବେ



ଜିଲ୍ଲାରେ ଖରିଫ୍ ୩.୪୫ ଲକ୍ଷ ହେକ୍ଟର ଜମିରେ ଧାନ ଚାଷ ହୋଇଥାଏ । ଯେଉଁଥିରୁ ୬୦ ଲକ୍ଷ କ୍ୱିଂଟାଲ ଧାନ ଅମଳ ହୁଏ । ସେହିପରି ୨୧ ହଜାର ହେକ୍ଟର ରେ ପରିବା ଚାଷ ହୋଇଥାଏ । ଖରିଫ ଚାଷ ପାଇଁ ପ୍ରଶାସନ ପକ୍ଷରୁ ନୀତି ନିର୍ଦ୍ଧାରଣ ବୈଠକ ବସିନାହିଁ । ଅଥଚ ଚାଷୀମାନେ ଧାନ ବୁଣିବା ଆରମ୍ଭ କଲେଣି । ପରିବା ଚାଷ ମଧ୍ୟ ଆଗେଇଛି । ଖରିଫ୍ ଚାଷ ପାଇଁ ପର୍ଯ୍ୟାପ୍ତ ସାର, ବିହନ ଥିବା କୁହାଯାଉଛି । କିନ୍ତୁ ସରକାରୀ ସାର, ବିହନ ଚାଷୀଙ୍କ ହାତରେ ଲଗୁନାହିଁ । ପେକ୍ସ ଜରିଆରେ ଚାଷୀଙ୍କୁ ବିହନ ଯୋଗାଇବାକୁ ମଧ୍ୟ ସରକାରୀ ନିୟମ ରହିଛି । କିନ୍ତୁ ଏହି ନିୟମରୁ କିଛି ପେକ୍ସର ଅସାଧୁ କର୍ମଚାରୀ ଫାଇଦା ଉଠାଇବାକୁ ପଛାଉନାହାନ୍ତି । ଚଷୀଙ୍କ ଦସ୍ତାବେଜ୍ ଏବଂ କାର୍ଡ ସଂଗ୍ରହ ହେଉଛି । ଜାଲ୍ ଦସ୍ତଖତ କରି ବିହନ ଯୋଗାଇ ଦିଆଯାଉଥିବା ରେକର୍ଡରେ ଲିପିବଦ୍ଧ ରହୁଛି । ଜିଲ୍ଲା କୃଷି ବିଭାଗ କିଛି ମାତ୍ରାରେ ଚଢଉ କରୁଥିଲେ ହେଁ ଏହି କାରବାରରେ ଲଗାମ୍ ଲାଗିନାହିଁ । ଜିଲ୍ଲାରେ ଆବଶ୍ୟକତା ଅନୁଯାୟୀ ସାର, ବିହନ ଆସୁଥିଲେ ହେଁ ତାହା ଚାଷୀଙ୍କ ପାଖରେ ଠିକଣା ସମୟରେ ପହଚୁଂ ନଥିବା ବାରମ୍ବାର ଅଭିଯୋଗ ହେଉଛି । ସେହିପରି ବେପାରୀମାନଙ୍କ ଠାରୁ ଚାଷୀମାନେ ସାର ଓ ବିହନ ଚଢା ଦରରେ କିଣୁଛନ୍ତି । ଯୋଗାଣ ବିଭାଗ ପକ୍ଷରୁ କିଛି ଚଢଉ ହେଉନଥିବାରୁ କଳାବଜାର ବଢୁଛି । ଏତେ ସମସ୍ୟା ଥିଲେ ହେଁ ପ୍ରଶାସନ ଖରିଫ୍ ଧାନଚାଷ ପାଇଁ ତତ୍ପରତା ପ୍ରକାଶ କରୁନାହିଁ ।

## ସକାଳ ଭ୍ରମଣ ହେଲା କାଳ,ଅଜଣା ଗାଡି ଧକ୍କାରେ ଯୁବକ ମୃତ

ପିପିଲି ,୧୩।୭ (ନିପ୍ର): ସୋମବାର ସକାଳ ସମୟରେ ଜଣେ ଯୁବକ ସକାଳ ଭ୍ରମଣ ପାଇଁ ଜାତୀୟ ରାଜପଥ ବାଇପାସରେ ଯାଉ ଥିବା ବେଳେ ପଛପଟୁ ଏକ ଅଜଣା ଗାଡି ଧକ୍କା ଦେଇ ଘଟଣାସ୍ଥଳରୁ ପଳାଇ ଯାଇ ଥିଲା। ଯାହାକି ଯୁବକ ଜଣଙ୍କର ମୃତ୍ୟୁ ଘଟିଛି। ସ୍ଥାନୀୟ ଲୋକ ପୋଲିସକୁ ଖବର ଦେବାରେ ଘଟଣା ସ୍ଥଳରେ ପିପିଲି ଥାନା ଆଇ ଆଇ ସି ପହଂଚି ପିପିଲି ଡାକ୍ତର ଖାନା ନେଇ ଥିଲେ। ଉକ୍ତ ଯୁବକ ଜଣକ ପିପିଲି ନୂଆ ଶାସନ ଗ୍ରାମର ବୋଲି ଜାଣିବାକୁ ମିଳିଛି। ଖବର ପାଇ ସ୍ଥାନୀୟ ବିଧାୟକ ପହଞ୍ଚି ଥିଲେ। ପୋଲିସ ଏକ ମାମଲା ଆଗତ କରି ଶବ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇ ଅଛି। ଯୁବକଙ୍କ ମୃତ୍ୟୁ ଖବରରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇ ଅଛି।

## ଚାନ୍ଦିପୋଷ ଭିଡ଼ ଆକ୍ରମଣ ଘଟଣାରେ ୭ ଗିରଫ

ରାଉରକେଲା ୧୩/୭ (ନିପ୍ର): ସୁନ୍ଦରଗଡ଼ ଜିଲ୍ଲା ଚାନ୍ଦିପୋଷ ଥାନା ଅଞ୍ଚଳରେ ଏକ ଛେଳି ଚୋରି ସନ୍ଦେହରେ ଭିଡ଼ ଆକ୍ରମଣ ଘଟଣାରେ ୪ ଜଣ ଯୁବକଙ୍କ ଉପରେ ହୋଇଥିବା ନିର୍ମମ ଆକ୍ରମଣ ମାମଲାରେ ପୋଲିସ ୭ ଜଣଙ୍କୁ ଗିରଫ କରିଛି। ସୂଚନା ଅନୁସାରେ, ଭିଡ଼ ଆକ୍ରମଣରୁ ରକ୍ଷା ପାଇବାକୁ ଚେଷ୍ଟା କରି ପୀଡିତଙ୍କ ମଧ୍ୟରୁ ଜଣେ ପୀଡିତ ଯୁବକ ନିକଟବର୍ତ୍ତୀ ନଦୀକୁ ଡେଇଁପଡ଼ି ନିଖୋଜ ଅଛନ୍ତି। ତାଙ୍କୁ ଖୋଜିବା ପାଇଁ ପୋଲିସ୍ ପକ୍ଷରୁ ସନ୍ଧାନ ଅଭିଯାନ ଜାରି ରହିଛି।

## ଜର୍ଣ୍ଣାଲିଷ୍ଟ ଆସୋସିଏସନ୍‌ର ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା
## ସାମ୍ବାଦିକଙ୍କ ଲେଖନୀର ଗୁରୁତ୍ୱ ଉପରେ ଆଲୋକପାତ

କେସିଙ୍ଗା, ୧୩।୭ (ନିପ୍ର); କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରରେ ଜର୍ଣ୍ଣାଲିଷ୍ଟ ଆସୋସିଏସନ୍‌ର ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଅବସରରେ ଏକ ଭବ୍ୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନର୍ଲା ବିଧାୟିକା ମନୋରମା ମହାନ୍ତି ସାମ୍ବାଦିକମାନଙ୍କୁ ସତ୍ୟ ଘଟଣାକୁ ନିର୍ଭୀକ ଭାବେ ଲୋକଲୋଚନକୁ ଆଣିବା ପାଇଁ ଆହ୍ୱାନ ଦେଇଛନ୍ତି। କେସିଙ୍ଗା ସ୍ଥିତ ଆରଏମ୍‌ସି ସଭାଗୃହରେ ଜର୍ଣ୍ଣାଲିଷ୍ଟ ଆସୋସିଏସନ୍‌ର ସଭାପତି ନୃପରାଜ ସାହୁଙ୍କ ସଭାପତିତ୍ୱରେ ନୂତନ କର୍ମକର୍ତ୍ତାଙ୍କ ସ୍ୱାଗତ ଓ ସମ୍ବର୍ଦ୍ଧନା ସମାରୋହ–ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ନର୍ଲା ବିଧାୟିକା ମନୋରମା ମହାନ୍ତି ସାମ୍ବାଦିକଙ୍କ ଲେଖନୀର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ସାମ୍ବାଦିକମାନେ କୌଣସି ଚାପରେ ବଶବର୍ତ୍ତୀ ନ ହୋଇ ସତ୍ୟ ଘଟଣାକୁ ନିର୍ଭୀକ ଭାବେ ଲୋକଲୋଚନକୁ ଆଣିବା ଆବଶ୍ୟକ। ଏହା ଗଣତନ୍ତ୍ରକୁ ସୁଦୃଢ଼ କରିବା ସହ ସମାଜରେ ସ୍ୱଚ୍ଛତା ଓ ଜବାବଦେହିତାକୁ




ବୃଦ୍ଧି କରିଥାଏ। ସମାରୋହରେ ସିଟିଜେନ୍ ଫୋରମ୍‌ର ସଭାପତି ଡ଼. ହେମ ସାଗର ସାହା, ଅବସରପ୍ରାପ୍ତ ଅଧ୍ୟାପକ ବି. ଚନ୍ଦ୍ରଶେଖର ଅଚାରି, କେସିଙ୍ଗା ଏନ୍ଏସି ଅଧ୍ୟକ୍ଷ ନୃପରାଜ ଯାଦବ ଏବଂ ଆଇନଜୀବୀ ତଥା ପରାମର୍ଶଦାତା ନବୀନ କିଶୋର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମ୍ବାଦିକତାର ଭୂମିକା ଓ ସାମାଜିକ ଦାୟିତ୍ୱ ସମ୍ପର୍କରେ ନିଜ ମତ ରଖିଥିଲେ। ଏହି ଅବସରରେ ଆସୋସିଏସନ୍‌ର ନୂତନ ଉପଦେଷ୍ଟା ଓ କର୍ମକର୍ତ୍ତାମାନଙ୍କ ମଧ୍ୟରେ ନଳିନୀ ପଟ୍ଟନାୟକ, ବିନୋଦ ଜୈନ, ରୋହିତ ସାହୁ, ଫିରୋଜ ଦାସ, ସୁଜୟ ଲଙ୍ଗଲତି ଓ ପ୍ରଫୁଲ୍ଲ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହ ସାମ୍ବାଦିକ ଦୟା ସୁନାନୀ, ମଧୁ ସିନ୍ଦୂର, ବୈଦ୍ୟରାଜ ସଦାନନ୍ଦ ପଟେଲ ଓ ଡ଼. ମକଲିଙ୍ଗ ଗହିରଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। କୋଷାଧ୍ୟକ୍ଷ ପ୍ରଫୁଲ୍ଲ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସାଧାରଣ ସମ୍ପାଦକ ରୋହିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସମାରୋହରେ ବହୁ ସାମ୍ବାଦିକ, ବୁଦ୍ଧିଜୀବୀ ଓ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## କନ୍ଧ ନୂଆଗାଁରେ ଦେଶୀ ମଦର
## ଅବାଧକାରବାରକୁ ନେଇ ଜନ ଅସନ୍ତୋଷ

ଖଣ୍ଡପଡା ୧୩।୭ (ନି.ପ୍ର) ଖଣ୍ଡପଡ଼ା ବ୍ଲକର ସିଙ୍ଘାପଡା ପଞ୍ଚାୟତ ଅଧୀନ କନ୍ଧ ନୂଆଗାଁରେ ଦେଶୀ ମଦ ପ୍ରସ୍ତୁତି ସହ ଅବାଧ ଚୋରା କାରବାରକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଦିର୍ଘ ମାସ ଧରି କନ୍ଧ ନୂଆଗାଁ ଗ୍ରାମର ଜଣେ ବ୍ୟକ୍ତି ବାସଗୃହ ପଛ ପାଖରେ ଦେଶୀ ମଦ ପ୍ରସ୍ତୁତ କରି ଅବାଧରେ ବିକ୍ରୀ କରୁଥିବା ଅଭିଯୋଗ ହେଉଛି। ଖାଲି ସେତିକି ନୁହେଁ ଦୈନିକ ଉକ୍ତ ସ୍ଥାନରୁ ଶହଶହ ଲିଟର ଦେଶୀ ମଦ ଆଖପାଖ ଅଞ୍ଚଳକୁ ଚୋରାରେ ଚାଲାଣ ହେଉଥିବା ଅଭିଯୋଗ ହେଉଛି ।ସ୍ଥାନୀୟ ଅଞ୍ଚଳର କିଛି ଅସାମାଜିକ ବ୍ୟକ୍ତି ଏହି ଚୋରା ଦେଶୀ ମଦ କାରବାରରେ ଲିପ୍ତ ଥିବା ବେଳେ ସମୟେ ସମୟେ ଏହି କାରବାରକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଥିବା ନିକଟସ୍ଥ ରୁପାପଲ୍ଲୀ ଓ କନ୍ଧ ନୂଆଗାଁ ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି। ଅବକାରୀ ବିଭାଗର ସ୍ଥାଣୁତାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଦେଶୀ ମଦ ବେପାରୀମାନେ ବେଶ ସକ୍ରୀୟ ହୋଇ ଉଠିଥିବା ଜଣାଯାଇଛି ।ଖଣ୍ଡପଡା ଥାନା ଓ ଅବକାରୀ କାର୍ଯ୍ୟାଳୟ ଠାରୁ ମାତ୍ର ୮ କିଲୋମିଟର ଦୁରରେ ଦେଶୀ ମଦ ରନ୍ଧା ଯାଇ ଆଖପାଖ ଅଞ୍ଚଳକୁ ଚୋରାରେ ଚାଲାଣ ହେଉଥିବା ବେଳେ ପୁଲିସ ଓ ଅବକାରୀ ବିଭାଗ କର୍ମଚାରୀମାନେ ଏ ସଂପର୍କରେ ଟେର ନ ପାଇବା ଆଶ୍ଚର୍ଯ୍ୟର ବିଷୟ ଅଟେ। ଦିର୍ଘ ଦିନ ତଳେ ସ୍ଥାନୀୟ ବାସିନ୍ଦା ଏ ସଂପର୍କରେ ଖଣ୍ଡପଡା ଅବକାରୀ ବିଭାଗ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ଫଳଘର ଶୂନ ବୋଲି ଜଣାପଡିଛି। ସୂଚନାଯୋଗ୍ୟ କନ୍ଧ ନୂଆଗାଁ ଗ୍ରାମଟି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଅବସ୍ଥିତ ହୋଇଥିବାରୁ ଦୀପ ତଳ ଅନ୍ଧାର ପରି ଅବକାରୀ ଓ ପୁଲିସ ବାବୁଙ୍କ ଦୃଷ୍ଟି ଆଢୁଆଳରେ ଏହି ଦେଶୀ ମଦ ପ୍ରସ୍ତୁତ ସ୍ଥାନଟି ରହି ଯାଇଥିବା ଜଣାପଡିଛି। ତେଣୁ ଏଥିପ୍ରତି ଖଣ୍ଡପଡା ପୁଲିସ ଓ ନୟାଗଡ ଜିଲ୍ଲା ଅବକାରୀ ଅଧିକ୍ଷକ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

## ଲିଙ୍ଗରାଜ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକଙ୍କ ଅଭାବ, ଶିକ୍ଷାଦାନ ବିପର୍ଯ୍ୟସ୍ତ

ଖଣ୍ଡପଡ଼ା ୧୩।୭ (ନି.ପ୍ର) ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ଗ୍ରାମସ୍ଥିତ ଲିଙ୍ଗରାଜ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକଙ୍କ ଅଭାବ ଯୋଗୁଁ ଶିକ୍ଷାଦାନ ବ୍ୟବସ୍ଥା ଗତ ବର୍ଷ ଠାରୁ ବିପର୍ଯ୍ୟସ୍ତ ହୋଇ ପଡିଥିବା ଅଭିଯୋଗ ହେଉଛି ।ଫଳରେ ଏଠାରେ ଅଧ୍ୟୟନରତ ଛାତ୍ରମାନେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଏକଦା ନୟାଗଡ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ବିଦ୍ୟାଳୟରେ କାର୍ଯ୍ୟରତ ସଂସ୍କୃତ ଶିକ୍ଷୟିତ୍ରୀ ସାଗରିକା ମିଶ୍ରଙ୍କୁ ନିକଟସ୍ଥ ଖଳିସାହି ବାଳିକା ଉଚ୍ଚ ବିଦ୍ୟାଳୟକୁ ଓ କଳା ଶିକ୍ଷକ ଗୋସ୍ୱାମୀ ଦାସଙ୍କୁ ନୟାଗଡ ନିକଟସ୍ଥ ବରପଲ୍ଲୀ ଉଚ୍ଚ ବିଦ୍ୟାଳୟକୁ ଡେପୁଟେସନରେ ପଠା ଯାଇଥିଲା ।ମାତ୍ର ପରବର୍ତ୍ତି ସମୟରେ ସେହି ୨ ବିଦ୍ୟାଳୟରେ ଆବଶ୍ୟକ ମୁତାବକ ଶିକ୍ଷକ ନିଯୁକ୍ତି ଦିଆଯିବା ପରେ ମଧ୍ୟ ଜିଲ୍ଲା ଶିକ୍ଷାଧିକାରୀ ଡେପୁଟେସନ ଆଦେଶକୁ ବାତିଲ କରୁନଥିବା ଜଣାପଡିଛି ।ଫଳରେ ଏବେ ବି ଖଳିସାହି ଉଚ୍ଚ ବିଦ୍ୟାଳୟର ୨ ଜଣ ଶିକ୍ଷକ,ଶିକ୍ଷୟିତ୍ରୀ ଅନ୍ୟ ବିଦ୍ୟାଳୟରେ ପୂର୍ବପରି ସପ୍ତାହକୁ ୩ ଦିନ ଶିକ୍ଷାଦାନ କରୁଥିବା ଅଭିଭାବକଙ୍କ ସୂତ୍ରରୁ ଜଣାପଡିଛି। ଶିକ୍ଷାଦାନ ଓ ବିଦ୍ୟାଳୟ ପରିଚାଳନା ନିମନ୍ତେ ଶିକ୍ଷକଙ୍କ ଅଭାବ ଏବେ ଏକ ପ୍ରମୁଖ ସମସ୍ୟା ରୁପେ ମୁଣ୍ଡ ଟେକିଥିବାରୁ ଖଳିସାହି ଉଚ୍ଚ ବିଦ୍ୟାଳୟରେ ପାଠ ପଢୁଥିବା ପିଲାମାନଙ୍କ ଅଭିଭାବକମାନେ ଏ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ।ଉପରୋକ୍ତ ସମସ୍ୟା ସଂପର୍କରେ ଜିଲ୍ଲା ଶିକ୍ଷାଧିକାରୀ ଅବଗତ ଥିଲେ ହେଁ ସମସ୍ୟାର ସମାଧାନ ଦିଗରେ ବାରମ୍ବାର ଦାବି ସତ୍ତ୍ୱେ ମଧ୍ୟ ଧ୍ୟାନ ଦେଉ ନଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି।

ତେଣୁ ଏଥିପ୍ରତି ଜିଲ୍ଲା ଶିକ୍ଷାଧିକାରୀ ଦୃଷ୍ଟି ଦେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ସହ ୨ ଶିକ୍ଷକଙ୍କ ଡେପୁଟେସନ ଆଦେଶକୁ ତୁରନ୍ତ ବାତିଲ କରିବାକୁ ଖଳିସାହି ଗ୍ରାମବାସୀ ଓ ଅଭିଭାବକ ମଣ୍ଡଳି ଦାବି କରିଛନ୍ତି ।ନଚେତ ଆଗାମୀ ଦିନରେ ଶିକ୍ଷକଙ୍କ ଅଭାବ ସମସ୍ୟାକୁ ନେଇ ଖଳିସାହି ଗ୍ରାମବାସୀ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ଝୁଲାଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ବଜରଙ୍ଗ ଦଳ ପକ୍ଷରୁ ମାଗଣା ଚକ୍ଷୁ ଚିକିତ୍ସା ଓ ରକ୍ତଦାନ ଶିବିର

ବୁଗୁଡ଼ା, ୧୩।୭ (ନିପ୍ର): ବଜରଙ୍ଗ ଦଳ ଘୁମୁସର ଜିଲ୍ଲା ବୁଗୁଡ଼ା ପ୍ରଖଣ୍ଡ ପକ୍ଷରୁ ସେବା ସପ୍ତାହ ପାଳନ ଅବସରରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଏକ ମାଗଣା ରକ୍ତଦାନ ଓ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ମହତ କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ଜନସାଧାରଣ ଉପସ୍ଥିତ ରହି ସେବା ଗ୍ରହଣ କରିଥିଲେ। ଏହି ବିଶେଷ ଦିବସରେ ବ୍ରହ୍ମପୁର ସ୍ଥିତ ପ୍ରସିଦ୍ଧ 'ରୁବି ଚକ୍ଷୁ ଚିକିତ୍ସାଳୟ'ରୁ ଆସିଥିବା ଏକ ବିଶେଷଜ୍ଞ ଦଳ ଶିବିରରେ ଯୋଗଦେଇ ରୋଗୀମାନଙ୍କର ମାଗଣା ଚକ୍ଷୁ ପରୀକ୍ଷା କରିବା ସହ ଆବଶ୍ୟକୀୟ ପରାମର୍ଶ ଦେଇଥିଲେ। ସେହିପରି,

**୩୨ ୟୁନିଟ୍ ରକ୍ତ ସଂଗ୍ରହ**

ରକ୍ତଦାନ ଶିବିରକୁ ପରିଚାଳନା କରିବା ପାଇଁ ଭଞ୍ଜନଗର ଉପ-ଖଣ୍ଡ ଚିକିତ୍ସାଳୟ ସ୍ଥିତ 'ଓଡ଼ିଶା ରକ୍ତ କେନ୍ଦ୍ର'ର ଏକ ବୈଷୟିକ ଟିମ୍ ଯୋଗ ଦେଇଥିଲେ ।ରକ୍ତ ଶିବିରର ଶେଷ ସୁଦ୍ଧା ମୋଟ ୩୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଯାହା ଆଗାମୀ ଦିନରେ ଅନେକ ଜରୁରୀକାଳୀନ ରୋଗୀଙ୍କ ଜୀବନ ରକ୍ଷା କରିବାରେ ସହାୟକ ହେବ। ଶିବିରକୁ ସଫଳ କରିବାରେ ବଜରଙ୍ଗ ଦଳ ବୁଗୁଡ଼ା ପ୍ରଖଣ୍ଡର ସମସ୍ତ କର୍ମକର୍ତ୍ତା ଓ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପରିଚାଳନା କମିଟି ପ୍ରମୁଖ ସହଯୋଗ କରିଥିଲେ।

# ଭାର୍ଗବୀ ନଦୀରେ ବନ୍ୟା ପାଣି : ସୁରକ୍ଷା ମାଟି ବନ୍ଧ ଫାଟି ଆଁ

## ଆତଙ୍କରେ ୧୫ ପଞ୍ଚାୟତର ଜନସାଧାରଣ

ପିପିଲି, ୧୩।୭ (ନିପ୍ର); ପୁରୀ ଜିଲ୍ଲା ନିମାପଡା ଜଳସମ୍ପଦ ଡିଭିଜନ ବିଭାଗ ଅଧୀନରେ ଥିବା ଭାର୍ଗବୀ ନଦୀ ବାମ ପାର୍ଶ୍ୱ ବନ୍ଧର ନୂତନ ସମ୍ପ୍ରସାରଣ ସୁରକ୍ଷା ବନ୍ଧ ନଦୀ ଗର୍ଭରେ ପ୍ରଥମ ବନ୍ୟା ପାଣି ଆସିବା ସୁଚନା ପାଇ ବନ୍ଧ ଫାଟି ଉପରକୁ ଆଁ କରିଛି। ପ୍ରଥମ ବନ୍ୟା ପାଣି ନଦୀର ଉଭୟ ପାର୍ଶ୍ୱକୁ ଲାଗି ପ୍ରବାହିତ ହେଲେ ସମ୍ପ୍ରସାରଣ ହୋଇ ଥିବା ସୁରକ୍ଷା ବନ୍ଧ ଭୁଶୁଡି ପଡିବା ସହିତ ଭୂଇଁରେ ଲୀନ ହୋଇ ଯିବା ଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଖାଲି ସେତିକି ନୁହେଁ ବନ୍ଧରେ ହେବାକୁ ଥିବା ମେଣ୍ଟାଲ ମୋରମ କାର୍ଯ୍ୟ ନ ହୋଇ ଦାୟିତ୍ୱରେ ଥିବା ଯନ୍ତ୍ରୀ ଓ ଠିକାଦାରର ପୁଷମାସ ପାଳଟିବ। ଯାହାକି ଲକ୍ଷ ଲକ୍ଷ ଟଙ୍କା ଚଳୁପାଇଁ ଘଳିଆ ରାସ୍ତା ପାଲଟିବ ବୋଲି ସାଧାରଣରେ ଆଲୋଚନା ହେଉଛି। ବାମ ପାର୍ଶ୍ୱ ବନ୍ଧକୁ ବନ୍ୟା ସମୟରେ ସୁରକ୍ଷା ଦେବାକୁ ଏକ ସୁରକ୍ଷା ମାଟି ବନ୍ଧ ପାଇଁ ବିଭାଗ ତରଫରୁ ଟେଣ୍ଡର ପ୍ରକ୍ରିୟା କରାଯାଇଛି। ସେହି ଟେଣ୍ଡର ପାଇଁ ବିଭାଗ ପ୍ରାୟ ପାଞ୍ଚ କୋଟି ଟଙ୍କାର ଏଷ୍ଟିମେଣ୍ଟ କରାଯାଇଛି। ଟେଣ୍ଡର ବିଜ୍ଞପ୍ତି ଓଡିଶା ଭୁବନେଶ୍ୱର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀଙ୍କ ଦପ୍ତରରୁ ପ୍ରକାଶ ପାଇ ଥିବା ବେଳେ ଏହି କାର୍ଯ୍ୟ ପାଇଁ ଏକରୁ ଅନେକ ଠିକାଦାର କାର୍ଯ୍ୟପାଇଁ ଅନ ଲାଇନ ଓ ଅଫ ଲାଇନରେ ଆବେଦନ କରି ଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଠିକାଦାର ନାମରେ ଟେଣ୍ଡର ପ୍ରକାଶ ପାଇ ନିଯୁକ୍ତି ହୋଇ ଥିବା ବେଳେ ଜୈନିକ ଠିକାଦାର ଚୁକ୍ତିନାମା ଅନୁଯାୟୀ ୪ କୋଟିରୁ ଖର୍ଚ୍ଚ ହୋଇଛି। ଏହି କାର୍ଯ୍ୟ ଅଧିକାଂଶ ମାଟି କାର୍ଯ୍ୟ ଥିବା ବେଳେ ଠିକାର ପୁରୁଣା ବନ୍ଧକୁ ବୁଲ ଡ୍ରୋଜର ଲଗାଇ ପୁରୁଣା ଶକ୍ତ ବନ୍ଧକୁ କାଟି ଚଉଡା କରି ଦୁର୍ବଳତା କରିଛନ୍ତି ବୋଲି ଅଭିଯୋଗ ହେଉଛି। ଯାହା ପୁରୁଣା ବନ୍ଧ ସମ୍ପୂର୍ଣ୍ଣ ଦୁର୍ବଳ ହୋଇଛି ବୋଲି ନଦୀପାର୍ଶ୍ୱ




ଗ୍ରାମବାସୀ ମାନେ ପ୍ରକାଶ କରି ଛନ୍ତି। ସେପଟେ ସୁରକ୍ଷା ବନ୍ଧ ଉପରେ ଧୂଳିଆ ମାଟି ପକା ଯାଇଥିଲେ ମଧ ତାହାରି ଉପରେ ଭାଇବେଟର ରୋଲର ଚଲା ଯାଇ ନାହିଁ। ଯାହାକି ଠିକାଦାର ଓ ନିଯୁକ୍ତି ଥିବା ଯନ୍ତ୍ରୀ ମିଳି ମିଶି ସରକାରୀ ଅର୍ଥ ଚଳୁ କରିବା ଲାଗି ଧୂଳିଆ ମାଟିକୁ ବୁଲଡ୍ରୋଜର ମାଧ୍ୟମରେ ବନ୍ଧ ସାଇଜ କରି ଛାଡି ଦେଇ ଠିକାଦାର ନାମରେ ବିଲ କରି ଦେଇ ଅଛନ୍ତି। ସେପଟେ ଠିକାଦାର ନିଜେ ପକେଟ ଗରମ କରି ଯନ୍ତ୍ରୀଙ୍କ ପକେଟ ଗରମ କରାଇ ସାଧାରଣ ଆଲୋଚନା ହୋଉଛି। ଗେତ ଲଘୁଚାପ ବର୍ଷାରେ ବନ୍ଧଫାଟି ଆଁ କରି ଅଛି। ଯାହାକି ଏହି ବନ୍ଧ ଆଗାମୀ ବର୍ଷା ଦିନରେ ଓ ବନ୍ୟା ପାଣି ସମୟରେ ମାଟି ବତୁଳୀ ଯାଇ ଠାକୁଠା ଅତଡ଼ା ଖସି ଯିବାର ଆଶଙ୍କା ସମ୍ପୂର୍ଣ୍ଣ ମାତ୍ରାରେ ଦେଖା ଦେଇଛି। ତେଣୁ ଏଦିଗରେ ଜଳସମ୍ପଦ ବିଭାଗର ମୁଖ୍ୟ ଯନ୍ତ୍ରୀ, ସର୍ବୋଚ୍ଚ ଯନ୍ତ୍ରୀ ଏବଂ ବିଭାଗ ଦାୟିତ୍ୱରେ ଥିବା ମନ୍ତ୍ରୀ ତଥା ଓଡିଶାର ମୁଖ୍ୟମନ୍ତ୍ରୀ ନଜର ଦେଇ ଏକ ତଦନ୍ତକାରୀ ସଂସ୍ଥା ଦ୍ୱାରା ବିଧିବଦ୍ଧ ଭାବରେ ତଦନ୍ତ କଲେ କୋଟି କୋଟି ଟଙ୍କା ଦୁର୍ନୀତି ଗନ୍ଧ ଲୋକ ଲୋଚନକୁ ଆସି ପାରନ୍ତା ବୋଲି ଅଞ୍ଚଳ ବାସି ଦାବି କରିଛନ୍ତି। କାର୍ଯ୍ୟ କରୁ ଥିବା ଠିକାଦାରଙ୍କ ବିରୁଦ୍ଧରେ ସ୍ଥାନୀୟ ଲୋକ ଅଙ୍ଗୁଳି ନିର୍ଦ୍ଦେଶ କରୁ ଥିବାରୁ ଆମ୍ଭେ ଏଭଳି ସୁଚନା ପାଇ ଠିକାଦାର ଙ୍କ ପ୍ରତିକ୍ରିୟା ଚାହିଁବାରେ ରିପୋର୍ଟ ଲେଖା ଯିବା ବେଳକୁ ପ୍ରତିକ୍ରିୟା ମିଳି ନଥିଲା।

## ୭୦୦ ପଏଣ୍ଟ ଖସିଲା ସେନସେକ୍ସ

ନୂଆଦିଲ୍ଲୀ,୧୩।୭: ବିଶ୍ୱ ବଜାରରେ ଯୁଦ୍ଧ ପରିସ୍ଥିତିର ପ୍ରଭାବ ଭାରତୀୟ ସେୟାର ବଜାର ଉପରେ ମଧ୍ୟ ପଡ଼ିଛି । ସପ୍ତାହର ପ୍ରଥମ କାରବାର ଦିନରେ ନିବେଶକଙ୍କ ମଧ୍ୟରେ ଚିନ୍ତା ବଢ଼ିବା ସହ ବଜାରରେ ବଡ଼ ହ୍ରାସ ଦେଖାଯାଇଛି । କାରବାର ଆରମ୍ଭ ହେବା ମାତ୍ରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନସେକ୍ସ ପ୍ରାୟ ୭୦୦ ପଏଣ୍ଟ ତଳକୁ ଖସିଥିଲା । ସେହିପରି ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟିରେ ମଧ୍ୟ ପ୍ରାୟ ୧୮୦ ପଏଣ୍ଟର ହ୍ରାସ ରେକର୍ଡ କରାଯାଇଛି । ଆନ୍ତର୍ଜାତୀୟ ସ୍ତରରେ ଯୁଦ୍ଧ ଆଶଙ୍କା, ବଢୁଥିବା ଅନିଶ୍ଚିତତା ଏବଂ ବିଶ୍ୱ ଅର୍ଥନୀତି ଉପରେ ପ୍ରଭାବ ନେଇ ନିବେଶକମାନେ ସତର୍କ ହୋଇଛନ୍ତି। ଏହାର ପ୍ରଭାବରେ ବଜାରରେ ବିକ୍ରି ଚାପ ବଢ଼ିଥିବା ଦେଖାଯାଇଛି । ବିଶେଷଜ୍ଞଙ୍କ ମତରେ, ଆଗାମୀ ଦିନରେ ବିଶ୍ୱସ୍ତରୀୟ ଘଟଣାକ୍ରମ, ତୈଳ ଦର ଏବଂ ଆନ୍ତର୍ଜାତୀୟ ବଜାରର ଗତିବିଧି ଭାରତୀୟ ସେୟାର ବଜାର ଉପରେ ପ୍ରଭାବ ପକାଇପାରେ । ଏନ୍ଏସ୍ଇ ନିଫ୍ଟି ୧୮୪ ପଏଣ୍ଟ ଖସିବା ସହ ୨୪ ହଜାର ୨୨ରେ ରହିଛି। ସପ୍ତାହାନ୍ତରେ ଯୁକ୍ତରାଷ୍ଟ୍ର ଏବଂ ଇରାନ୍ ମଧ୍ୟରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣ ପରେ ନିବେଶକାରୀଙ୍କ ମନୋବଳ ଦୁର୍ବଳ ହୋଇଛି।

## ଆଇଆଇଟି ମାଡ୍ରାସରୁ ଏକାସଙ୍ଗେ ସ୍ନାତକ ହାସଲ କଲେ ମା'-ପୁଅ




ନୂଆଦିଲ୍ଲୀ,୧୩।୭: ଏକ ବିରଳ ଘଟଣାକ୍ରମରେ ଜଣେ ମା' ଓ ପୁଅ ଆଇଆଇଟି ମାଡ୍ରାସରୁ ଏକସଙ୍ଗେ ଡିଗ୍ରି ହାସଲ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଏହି ମା' ଓ ପୁଅ ହେଉଛନ୍ତି ଜିଗୀଷା ଟେଲର (୪୫) ଓ ଆଦିତ୍ୟ କପାଡ଼ିଆ (୨୧)। ନିକଟରେ ଆଇଆଇଟି ମାଡ୍ରାସ୍ କନଭୋକେସନରେ ଏହି ଅପ୍ରତ୍ୟାଶିତ ଦୃଶ୍ୟ ଦେଖିବାକୁ ମିଳିଛି । ଅନୁଷ୍ଠାନର ଅନଲାଇନ୍ ଡାଟା ସାଇନ୍ସ ପ୍ରୋଗ୍ରାମ୍ ଏକସଙ୍ଗେ ଶେଷ କରି ଉକ୍ତ ମା'-ପୁଅ ଗୋଟିଏ ଦିନରେ ଗୋଟିଏ ମଞ୍ଚରେ ଡିଗ୍ରି ହାସଲ କରିଛନ୍ତି ।ମିଳିଥିବା ସୂଚନା ଅନୁଯାୟୀ ଉକ୍ତ ମା' ଓ ପୁଅ ଗୋଟିଏ କାର୍ଯ୍ୟକ୍ରମରେ ଡିଗ୍ରି କରୁଥିଲେ ମଧ୍ୟ ଏକାଠି ଗ୍ରାଜୁଏଟ୍ ହେବାର ଯୋଜନା ସେମାନଙ୍କର ନ ଥିଲା। ସମାବର୍ତ୍ତନ ଉତ୍ସବରେ ଅନୁଷ୍ଠାନର ବିଭିନ୍ନ ଏକାଡେମିକ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କୁ ଡିଗ୍ରି ପ୍ରଦାନ କରାଯାଏ। ଏହି କାର୍ଯ୍ୟକ୍ରମରେ ଗ୍ରାଜୁଏଟମାନେ ଫ୍ୟାକଲ୍ଟି ମେମ୍ବର, ପରିବାର ସଦସ୍ୟ ଓ ଅତିଥିମାନଙ୍କ ଉପସ୍ଥିତିରେ ଡିଗ୍ରି ଗ୍ରହଣ କରିଥାନ୍ତି। ଜିଗୀଷା ଓ ଆଦିତ୍ୟଙ୍କ ପାଇଁ ଏହି ଉତ୍ସବ ଅଧିକ ସ୍ମରଣୀୟ ହୋଇଛି। ଏହା ମଧ୍ୟ ସେମାନଙ୍କ ପରିବାର ପାଇଁ ଏକ ବିରଳ ମୁହୂର୍ତ୍ତ। ଜିଗୀଷା ଗୁଜରାଟର ଭରୁଚରେ ଏକ ଇଞ୍ଜିନିୟରିଂ କଲେଜରେ ୧୬ ବର୍ଷ ଧରି ଇଲେକ୍ଟ୍ରୋନିକ୍ସ ପାଠ ପଢ଼ାଉଥିଲେ। ୨୦୧୯ରେ ସେ ପରିବାରର ଦାୟିତ୍ୱ ପାଇଁ ଚାକିରି ଛାଡ଼ି ଦେଇଥିଲେ। ତେବେ ୩ ବର୍ଷ ପରେ ସେ ପୁଣିଥରେ ପାଠ ପଢ଼ିବା ଆରମ୍ଭ କଲେ। କାରଣ ତାଙ୍କ ପୁଅ ତାଙ୍କୁ ଆଇଆଇଟି ମାଡ୍ରାସ ଅନଲାଇନ୍ ପ୍ରୋଗ୍ରାମ୍ ପାଇଁ ନାମ ଲେଖାଇବାକୁ ଉତ୍ସାହିତ କରିଥିଲେ। ଆଦିତ୍ୟଙ୍କୁ ୧୮ ବର୍ଷ ହୋଇଥିବା ବେଳେ ସେ ଆଇଆଇଟି ମାଡ୍ରାସରେ ଡାଟା ସାଇନ୍ସ ଆଣ୍ଡ ଆପ୍ଲିକେସନ୍ସ ପାଇଁ ନାମ ଲେଖାଇଥିଲେ। ଜିଗୀଷା ପ୍ରଥମେ ତାଙ୍କ ପୁଅକୁ ଘରେ ପାଠ ପଢୁଥିବାର ଦେଖିଲେ। ଆଦିତ୍ୟ ମଧ୍ୟ ମା'ଙ୍କୁ ନୂଆ ପାଠ ପଢ଼ିବା ପାଇଁ ଉତ୍ସାହିତ କରୁଥିଲେ। ଜିଗୀଷା ଭୋର୍ ୪ଟା ୩୦ରେ ଉଠନ୍ତି ଓ ସକାଳ ୭ଟା ପର୍ଯ୍ୟନ୍ତ ପାଠ ପଢ଼ନ୍ତି। ସକାଳ ୭ଟାରେ ସେ ଘରକାମ ଆରମ୍ଭ କରନ୍ତି। ଅପରାହ୍ଣରେ ଘରକାମ ଶେଷ ହେବା ପରେ ସେ ପୁଣିଥରେ ପାଠ ପଢ଼ନ୍ତି।

## ଟ୍ରକ୍ ଉପରକୁ ମାଡ଼ିଗଲା କାର୍: ୪ ଇଞ୍ଜିନିୟରଙ୍କ ମୃତ୍ୟୁ

ଲକ୍ଷ୍ନୌ,୧୩।୭: ଉତ୍ତରପ୍ରଦେଶର ରାମପୁର ଜିଲ୍ଲାରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୪ ଜଣ ଇଞ୍ଜିନିୟରଙ୍କର ମୃତ୍ୟୁ ହୋଇଯାଇଛି ଏବଂ ଅନ୍ୟ ୩ ଜଣ ଆହତ ହୋଇଛନ୍ତି। ସେମାନେ ଯାଉଥିବା କାରଟି ରାସ୍ତାରେ ଥୁଆ ହୋଇଥିବା ଏକ ଟ୍ରକ୍ ଉପରକୁ ମାଡ଼ିଯିବା ଫଳରେ ଏହି ଦୁଃଖଦ ଘଟଣା ଘଟିଛି। ମିଳିଥିବା ସୂଚନା ଅନୁଯାୟୀ, ଦିଲ୍ଲୀରୁ ଏକ କମ୍ପାନିର ୧୨ ଜଣ ବ୍ୟକ୍ତି ଛୁଟି ମନାଇବା ପାଇଁ ଉତ୍ତରାଖଣ୍ଡର ରାମନଗରସ୍ଥିତ ଜିମକର୍ବେଟ୍ ପାର୍କକୁ ୨ଟି ଗାଡ଼ିରେ ଯାଇଥିଲେ। ଯେଉଁ ଗାଡ଼ିଟି ଦୁର୍ଘଟଣାର ଶିକାର ହୋଇଛି ସେଥିରେ ୭ ଜଣ ଥିଲେ। ଅନ୍ୟ ୫ ଜଣ ଅନ୍ୟ ଏକ ଗାଡ଼ିରେ ଥିଲେ। ଫଳରେ ସେମାନେ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ଉକ୍ତ ୧୨ ଜଣ ବ୍ୟକ୍ତି ଏକାଠି ଦିଲ୍ଲୀର ଏକ ଟେକ୍ କମ୍ପାନିରେ କାମ କରୁଥିଲେ। ସେମାନେ କମ୍ପାନି ପରିଚାଳିତ ଟ୍ରିପରେ ଯାଉଥିବା ବେଳେ ଦୁର୍ଘଟଣା ଘଟିଛି।

## ଅଭିନେତା ସାମ୍ ନିଲ୍‌ଙ୍କ ପରଲୋକ

ସିଡନୀ,୧୩।୭: ହଲିଉଡ୍ ଜଗତରୁ ସେନି ପ୍ରେମୀଙ୍କ ପାଇଁ ଏକ ଦୁଃଖଦ ଖବର ସାମ୍ନାକୁ ଆସିଛି । ବିଶ୍ୱପ୍ରସିଦ୍ଧ ଚଳଚ୍ଚିତ୍ର 'ଜୁରାସିକ ପାର୍କର ଲୋକପ୍ରିୟ ଅଭିନେତା ସାମ୍ ନିଲଙ୍କ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୭୮ ବର୍ଷ ବୟସ ହୋଇଥିଲା । ଅଷ୍ଟ୍ରେଲିଆର ସିଡନୀଠାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି ।

## ଖାନ ସାର୍ ଏବଂ ତାଙ୍କ ଦୁଇ ସୁରକ୍ଷାକର୍ମୀଙ୍କୁ ଜାମିନ

ପାଟନା,୧୩।୭: ବିହାରର ପାଟନା ସିଭିଲ୍ କୋର୍ଟ ଫୈସଲ୍ ଖାନ ଓରଫ ଖାନ ସାରଙ୍କ ଆଗୁଆ ଜାମିନ ଆବେଦନ ଉପରେ ଶୁଣାଣି କରି ତାଙ୍କ ଜାମିନ ମଞ୍ଜୁର କରିଛନ୍ତି। ଏହା ସହିତ ବେଉର ଜେଲରେ ଥିବା ତାଙ୍କର ଦୁଇ ସୁରକ୍ଷାକର୍ମୀଙ୍କ ଜାମିନ ଆବେଦନର ମଧ୍ୟ ଶୁଣାଣି କରାଯାଇ ସେମାନଙ୍କୁ ଜାମିନ ପ୍ରଦାନ କରାଯାଇଛି। ତାଙ୍କ କୋଚିଂ ପ୍ରତିଷ୍ଠାନର ତିନି ଜଣ କର୍ମଚାରୀଙ୍କୁ ମଧ୍ୟ ଆଗୁଆ ଜାମିନ ମିଳିଛି । ୧୦ ଜୁଲାଇରେ ବିଚାରପତିଙ୍କ ଅନୁପସ୍ଥିତି ଯୋଗୁଁ ଶୁଣାଣି ୧୩ ଜୁଲାଇକୁ ସ୍ଥଗିତ ରଖାଯାଇଥିଲା । ରିପୋର୍ଟ ଅନୁସାରେ, ଜିଲ୍ଲା ଜଜ୍ ରୁପେଶ ଦେବଙ୍କ କୋର୍ଟ ଜାମିନର ବିଚାର କରି ଏହି ନିର୍ଦ୍ଦେଶ ଜାରି କରିଛନ୍ତି । ଏହା ଖାନ ସାରଙ୍କୁ ଆଇନଗତ ଆଶ୍ୱସ୍ତି ପ୍ରଦାନ କରିଛି। କୋର୍ଟ ଖାନଙ୍କ ଜାମିନ ଆବେଦନ ଉପରେ ଶୁଣାଣି ପୂର୍ବରୁ ଶେଷ କରି ରାୟ ସଂରକ୍ଷିତ ରଖିଥିଲେ। ପ୍ରଥମେ ଶୁକ୍ରବାର ଦିନ ନିର୍ଦ୍ଦେଶ ଆସିବାର ଆଶା କରାଯାଉଥିଲା, କିନ୍ତୁ ଜିଲ୍ଲା ଜଜ୍ ଉପଲବ୍ଧ ନଥିଲେ, ତେଣୁ ରାୟ ବିଳମ୍ବିତ ହୋଇଥିଲା ।

### ରାମ ମନ୍ଦିର ଦାନ ଅର୍ଥ ଚୋରି ମାମଲା

# ଟ୍ରଷ୍ଟକୁ ସୁପ୍ରିମକୋର୍ଟ ଜାରି କଲେ ନୋଟିସ୍, ଏସ୍ଆଇଟିକୁ ମାଗିଲେ ରିପୋର୍ଟ



ନୂଆଦିଲ୍ଲୀ,୧୩।୭: ଅଯୋଧ୍ୟା ରାମ ମନ୍ଦିରରେ ଭକ୍ତଙ୍କ ଦାନ ଅର୍ଥ ହେରଫେର ଓ ଚୋରି ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଛି। ସୁପ୍ରିମକୋର୍ଟ ଏହି ମାମଲାରେ ସୋମବାର ଶୁଣାଣି କରି ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟକୁ ନୋଟିସ୍ ଜାରି କରିଛି। ଏହା ସହ ଏସଆଇଟିକୁ ମାମଲାର ଯାଞ୍ଚ କରିବାକୁ ରିପୋର୍ଟ ମଧ୍ୟ ମାଗିଛି। କୋର୍ଟ କହିଛି, ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ସୋମବାର କରାଯିବ। ରାମ ମନ୍ଦିର ଦାନ ଅର୍ଥ ଚୋରି ମାମଲାରେ ଶୁଣାଣି କରୁଥିବା ପ୍ରଧାନ ବିଚାରପତି ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଓ ବି. ମୋହନଙ୍କ ଖଣ୍ଡପୀଠ ଉତ୍ତର ପ୍ରଦେଶ ସରକାରଙ୍କ ଦ୍ୱାରା ନିର୍ଦ୍ଦେଶିତ ଏସ୍ଆଇଟି ଷ୍ଟାଟସ ରିପୋର୍ଟ ମାଗିଛି। କୋର୍ଟ କହିଛି ଆମେ ଉତ୍ତର ପ୍ରଦେଶ ସରକାରଙ୍କ ଦ୍ୱାରା ଗଠିତ ଏସଆଇଟି ଷ୍ଟାଟସ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଉଛୁ। ଏହି ମାମଲାର ଆଗାମୀ ଶୁଣାଣି ପାଇଁ ସୋମବାର ଲିଷ୍ଟ କରାଯାଉ ଓ ଷ୍ଟାଟସ୍ ରିପୋର୍ଟରେ ଏସଆଇଟି ଗଠନର ସୂଚନା ବି ଦିଆଯାଉ। ଶୁଣାଣି ବେଳେ ଓକିଲ କୋର୍ଟଙ୍କୁ କହିଛନ୍ତି, ଏହି ମାମଲାରେ ଯାଞ୍ଚ ପାଇଁ ଉତ୍ତର ପ୍ରଦେଶ ସରକାର ଏସଆଇଟି ଗଠନ କରିଛନ୍ତି। ଏହା ଉପରେ ସଲିସିଟର ଜେନେରାଲ କହିଛନ୍ତି, ସେ ଉତ୍ତର ପ୍ରଦେଶ ସରକାରଙ୍କ ପକ୍ଷରୁ ହାଜର ହୋଇଛନ୍ତି। କୋର୍ଟ ତାଙ୍କୁ ଯେତେବେଳେ ପଚାରିଥିଲେ ସେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି ନୋଟିସ୍ ସ୍ୱୀକାର କରିବେ। ଯାହା ଉପରେ ସେ ସହମତି ପ୍ରକାଶ କରିଛନ୍ତି। ତେବେ ପରେ କୋର୍ଟ ସ୍ପଷ୍ଟ କରିଛନ୍ତି ବର୍ତ୍ତମାନ କେବଳ ଟ୍ରଷ୍ଟକୁ ନୋଟିସ୍ ଜାରି କରାଯିବ। ଯାହାକୁ ନେଇ ସେ ସହମତି ପ୍ରକାଶ କରିଥିଲେ। ତେବେ ପରେ କୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ବର୍ତ୍ତମାନ କେବଳ ଟ୍ରଷ୍ଟକୁ ନୋଟିସ୍ ଜାରି କରାଯାଉଛି। କେନ୍ଦ୍ର ଓ ଉତ୍ତର ପ୍ରଦେଶ ସରକାରଙ୍କୁ ଅଲଗା ନୋଟିସ୍ ଜାରି କରାଯିବନି। ଶୁଣାଣି ସମୟରେ, ସଲିସିଟର ଜେନେରାଲ କୋର୍ଟଙ୍କୁ କହିଥିଲେ ଯେ କେନ୍ଦ୍ର ଏବଂ ଉତ୍ତର ପ୍ରଦେଶ ସରକାର ଏହି ମାମଲାରେ କୋର୍ଟଙ୍କୁ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦେବେ।

## ମଝି ରାସ୍ତାରେ ସ୍ତ୍ରୀକୁ ଗୁଳି କରି ହତ୍ୟା କଲା ପୋଲିସ କନଷ୍ଟେବଳ ସ୍ୱାମୀ




ନୂଆଦିଲ୍ଲୀ,୧୩।୭: ରାଜଧାନୀ ଦିଲ୍ଲୀରୁ ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି । ସାଧାରଣ ପାରିବାରିକ କଳହ କେତେ ଭୟଙ୍କର ରୂପ ନେଇପାରେ, ତାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଦିଲ୍ଲୀର କଲ୍ୟାଣପୁରୀ ଅଞ୍ଚଳରେ । ମଝି ରାସ୍ତାରେ ସ୍ତ୍ରୀ ସହ କୌଣସି କଥାକୁ ନେଇ ଯୁକ୍ତିତର୍କ ହେବା ପରେ, ଜଣେ ପୋଲିସ କନଷ୍ଟେବଳ ନିଜ ସର୍ଭିସ ପିସ୍ତଲରୁ ଗୁଳି କରି ନିଜ ସ୍ତ୍ରୀକୁ ହତ୍ୟା କରିଛନ୍ତି। ଘଟଣାଟି ରବିବାର ବିଳମ୍ବିତ ରାତିରେ ମହିଳାଙ୍କ ଜନ୍ମଦିନରେ ଘଟିଥିଲା । ହତ୍ୟା ପରେ, ପତ୍ନୀଙ୍କୁ ରାସ୍ତାରେ ଯନ୍ତ୍ରଣାରେ ଛଟପଟ ହେଉଥିବା ଅବସ୍ଥାରେ ଛାଡି ପଳାଇ ଯାଇଥିଲା କନେଷ୍ଟବଳ ସ୍ୱାମୀ। ସେହି ବାଟ ଦେଇ ଯାଉଥିବା ଜଣେ ଜୋମାଟୋ ଡେଲିଭରି ବୟ ଆହତ ମହିଳାଙ୍କୁ ଏକ ଅଟୋରେ ଏଲବିଏସ ହସ୍ପିଟାଲକୁ ନେଇଯାଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତକଙ୍କ ପିତାଙ୍କ ଅଭିଯୋଗ କ୍ରମେ ପୋଲିସ ହତ୍ୟା ଏବଂ ଯୌତୁକ ନିର୍ଯାତନା ମାମଲା ରୁଜୁ କରିଛି । ମୃତ ମହିଳା ଜଣକ ହେଉଛନ୍ତି ୨୬ ବର୍ଷୀୟା ପ୍ରିୟଙ୍କା । ସେ ପେଶାରେ ଜଣେ ସ୍କୁଲ ଶିକ୍ଷୟିତ୍ରୀ ଥିଲେ । ସୂଚନା ଅନୁଯାୟୀ, ଦିଲ୍ଲୀ ପୋଲିସର ଆଣ୍ଟି ଅଟୋ ଥେଫ୍ଟ ସ୍କ୍ୱାଡରେ କାର୍ଯ୍ୟରତ କନଷ୍ଟେବଳ ମନୀଷ କୁମାର ଏବଂ ତାଙ୍କ ପତ୍ନୀ ପ୍ରିୟଙ୍କା ଏକ ସ୍କୁଟରରେ ଯାଉଥିଲେ । କଲ୍ୟାଣପୁରୀ ଅଞ୍ଚଳରେ ଯାଉଥିବା ସମୟରେ ହଠାତ୍ ଦୁହିଁଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଝଗଡ଼ା ହୋଇଥିଲା ।ଏହି ସମୟରେ ସ୍ୱାମୀ ମନୀଷ ନିଜ ସ୍କୁଟରଟିକୁ ରାସ୍ତା କଡ଼ରେ ରଖିଥିଲେ । ନିଜ ପାଖରେ ଥିବା ପିସ୍ତଲ ବାହାର କରି ପ୍ରିୟଙ୍କାଙ୍କୁ ଗୁଳି କରିଦେଇଥିଲେ । ଗୁଳି ବାଜିବା ମାତ୍ରେ ପ୍ରିୟଙ୍କା ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେଠାରେ ଟଳି ପଡ଼ିଥିଲେ ଏବଂ ଅଭିଯୁକ୍ତ ମନୀଷ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା ।

## ଓମାର ଅବଦୁଲ୍ଲାଙ୍କୁ ୧୦୦ କୋଟି ଟଙ୍କାର ମାନହାନି ମକଦ୍ଦମା ଧମକ ଦେଲା ବିଜେପି

ନୂଆଦିଲ୍ଲୀ,୧୩।୭: ବିଜେପି ସୋମବାର ଜାମ୍ମୁ ଓ କାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ ଉପରେ ୧୦୦ କୋଟି ଟଙ୍କାର ମାନହାନି ମକଦ୍ଦମା ମାମଲା ରୁଜୁ କରିବାକୁ ଧମକ ଦେଇଛି। ଓମାର ଅଭିଯୋଗ କରିଥିଲେ ଯେ, ତାଙ୍କ ଦଳ ନ୍ୟାସନାଲ କନଫରେନ୍ସ (ଏନସି) ବିଧାୟକମାନଙ୍କୁ ଟଙ୍କା, ମନ୍ତ୍ରିପଦ ଓ ରାଜ୍ୟ ମାନ୍ୟତା ଫେରାଇ ଆଣିବାର ପ୍ରତିଶ୍ରୁତି ଦେଇ ବିଜେପି ପ୍ରଲୋଭିତ କରିବାକୁ ଚେଷ୍ଟା କରୁଛି। ଓମାରଙ୍କ ଅଭିଯୋଗ ଉପରେ ବିଜେପି ତୀବ୍ର ପ୍ରତିକ୍ରିୟା ରଖିଛି। ଜାମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ତାଙ୍କ ମନ୍ତବ୍ୟ ପ୍ରତ୍ୟାହାର କରିବା ସହିତ ସାତ ଦିନ ମଧ୍ୟରେ ନିଃସର୍ତ୍ତ ସାର୍ବଜନୀନ କ୍ଷମା ପ୍ରାର୍ଥନା କରିବାକୁ ବିଜେପି ନୋଟିସ ଜାରି କରି ଦାବି କରିଛି। ଜାମ୍ମୁ-କାଶ୍ମୀର ବିଜେପି ସଭାପତି ତଥା ରାଜ୍ୟସଭା ସାଂସଦ ସତ୍ ଶର୍ମାଙ୍କ ପକ୍ଷରୁ ଜାରି କରାଯାଇଥିବା ନୋଟିସରେ ଚେତାବନୀ ଦିଆଯାଇଛି ଯେ, ଅବଦୁଲ୍ଲା ଅଭିଯୋଗ ପ୍ରତ୍ୟାହାର ନ କଲେ ୧୦୦ କୋଟି ଟଙ୍କାର କ୍ଷତିପୂରଣ ମାମଲା ସମେତ ଦେଓ୍ୱାନୀ ଓ ଫୌଜଦାରୀ ମାନହାନି ମାମଲା ରୁଜୁ କରାଯିବ।

## ଆମେରିକା ସହ ତରବରିଆ ରାଜିନାମା ଭାରତ ଚାହୁଁନି



ନୂଆଦିଲ୍ଲୀ,୧୩।୭:ଆମେରିକା ସହ ତରବରରେ କୌଣସି ରାଜିନାମା ସ୍ୱାକ୍ଷର କରିବାକୁ ଭାରତ ଚାହୁଁନାହିଁ। ଦ୍ୱିପାକ୍ଷିକ ମୁକ୍ତ ବାଣିଜ୍ୟ ରାଜିନାମାକୁ ନେଇ ବହୁ ମାସ ଧରି ବ୍ୟାପକ ଆଲୋଚନା କରିବା ସତ୍ତ୍ୱେ ଦୁଇ ପକ୍ଷ ମଧ୍ୟରେ ସହମତି ହୋଇପାରିନାହିଁ। ଗତ ମାସରେ ଆମେରିକା ବାଣିଜ୍ୟ ପ୍ରତିନିଧି ଜାମିସନ ଗ୍ରିରଙ୍କ ଭାରତ ଗସ୍ତ ସମୟରେ ଅନ୍ତରୀଣ ବୁଝାମଣା ହେବା ଆଶା କରାଯାଉଥିଲା। କିନ୍ତୁ ତାହା ସମ୍ଭବ ହୋଇନଥିଲା। ଚୀନ ଓ ଅନ୍ୟ ଦେଶଗୁଡ଼ିକ ତୁଳନାରେ ଶୁଳ୍କରେ ଅଧିକ ଲାଭ ଦେବାକୁ ଭାରତ କରିଥିବା ଦାବି ଉପରେ କୌଣସି ପ୍ରତିଶ୍ରୁତି ଦେବାକୁ ଆମେରିକା ମନା କରିଦେଇଛି। ଭାରତ ସମେତ ବିଭିନ୍ନ ଦେଶ ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନୂଆ କଟକଣା ଲଗାଇବାକୁ ପ୍ରସ୍ତୁତ ହେଉଛନ୍ତି। ତାହା ହେଲେ ଭାରତର ରପ୍ତାନି ପ୍ରଭାବିତ ଓ ବ୍ୟବସାୟକୁ ନେଇ ଅନିଶ୍ଚିତତା ଦେଖାଦେବ। ଏହା ସତ୍ତ୍ୱେ ଆମେରିକା ସହ ରାଜିନାମା କରିବାକୁ ଭାରତ ମନ ସ୍ଥିର କରିନାହିଁ। ଗତ ମାସରେ ହୋଇଥିବା ଆଲୋଚନା ପରେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଥିଲେ ଯେ କୌଣସି ପ୍ରକାର ଲାଭ ନ ମିଳିଲେ ଆମେରିକା ସହ ରାଜିନାମା ହେବ ନାହିଁ। ଚଢ଼ା ଶୁଳ୍କ ବିପଦ ରହିଥିବା ସତ୍ତ୍ୱେ ଭାରତ ନିଜ ଆଭିମୁଖ୍ୟକୁ କଠୋର କରିଛି। ଭାରତ ଉପରେ ଆମେରିକାର ୧୦ ପ୍ରତିଶତ ଶୁଳ୍କ ବିଶ୍ୱର ଅନେକ ଦେଶ ଭଳି ଏବେ ଭାରତ ଉପରେ ମଧ୍ୟ ଆମେରିକାର ୧୦ ପ୍ରତିଶତ ଶୁଳ୍କ ରହିଛି। ଭାରତ ସମେତ ବିଭିନ୍ନ ଦେଶ ଉପରେ ନୂଆ ୧୨.୫ ପ୍ରତିଶତ ଶୁଳ୍କ ଲଗାଇବା ଯୋଜନା ବିଷୟରେ ଆମେରିକା ବହୁ ପୂର୍ବରୁ ଘୋଷଣା କରିସାରିଛି।

## କେପିଏସସି ମୁଖ୍ୟଙ୍କୁ ଚାକିରିରୁ ନିଲମ୍ବନ କଲେ କର୍ଣ୍ଣାଟକ ରାଜ୍ୟପାଳ

ବେଙ୍ଗାଲୁରୁ,୧୩।୭: କର୍ଣ୍ଣାଟକ ରାଜ୍ୟପାଳ ଥାବରଚନ୍ଦ ଗେହଲଟ ସୋମବାର କର୍ଣ୍ଣାଟକ ଲୋକସେବା ଆୟୋଗ (କେପିଏସସି) ଅଧକ୍ଷ ଶିବ ଶଙ୍କରପ୍ପା ଏସ୍. ସାହୁକାରଙ୍କୁ ଚାକିରୀରୁ ନିଲମ୍ବନ କରିଛନ୍ତି। ସେ ତାଙ୍କ ୨ ଝିଅଙ୍କ ଇଣ୍ଡଷ୍ଟ୍ରିଆଲ ଏକ୍ସଟେନ ଅଫିସର ପଦବୀରେ ବେଆଇନ ନିଯୁକ୍ତିରେ ସହଯୋଗ କରିଥିଲେ। ରାଜ୍ୟପାଳ ମାମଲାର ତଦନ୍ତ ପାଇଁ ଭାରତର ରାଷ୍ଟ୍ରପତିଙ୍କୁ ସୁପାରିଶ ମଧ୍ୟ କରିଛନ୍ତି। ଅଭିଯୋଗର ଯାଞ୍ଚ ପାଇଁ ସମ୍ବିଧାନର ଅନୁଚ୍ଛେଦ ୩୧୭(୧) ଅନୁସାରେ ମାମଲାକୁ ସୁପ୍ରିମକୋର୍ଟକୁ ପଠାଇବା ପାଇଁ ସୁପାରିଶରେ ଉଲ୍ଲେଖ କରିଛନ୍ତି। ସେହିପରି କାର୍ଯ୍ୟାନୁଷ୍ଠାନର ଫଳାଫଳ ଆସିବା ପର୍ଯ୍ୟନ୍ତ କେପିଏସସିର ସବୁଠୁ ବରିଷ୍ଠ ସଦସ୍ୟଙ୍କୁ ପରବର୍ତ୍ତି ନିର୍ଦ୍ଦେଶ ପର୍ଯ୍ୟନ୍ତ ଅଧକ୍ଷଙ୍କ କାର୍ଯ୍ୟ ତୁଲାଇବା ପାଇଁ ରାଜ୍ୟପାଳ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟପାଳ କହିଛନ୍ତି ଯେ ମାମଲାର ନିରପେକ୍ଷ ଯାଞ୍ଚ ପାଇଁ ଏହି ନିଲମ୍ବନ ଜରୁରି ଥିଲା।

## ନେପାଳ ସୀମାରେ ଧରାପଡ଼ିଲା ଆମେରିକା ନାଗରିକ

ଲକ୍ଷ୍ନୌ,୧୩।୭: ବିନା କୌଣସି ବୈଧ କାଗଜପତ୍ରରେ ନେପାଳରେ ପ୍ରବେଶ କରିବାକୁ ଚେଷ୍ଟା କରୁଥିବାବେଳେ ଜଣେ ଆମେରିକୀୟ ନାଗରିକଙ୍କୁ ଭାରତ-ନେପାଳ ସୀମାରେ ଅଟକ ରଖାଯାଇଛି। ଉତ୍ତର ପ୍ରଦେଶର ସୋନୌଲି ଥାନା ସୀମା ଅନ୍ତର୍ଗତ ମୈନିହଓ୍ୱା ଅଞ୍ଚଳରେ ନିୟମିତ ପାଟ୍ରୋଲିଂ ସମୟରେ ସଶସ୍ତ୍ର ସୀମା ବଳ ଦ୍ୱାରା ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅଟକ ରଖାଯାଇଥିଲା। ପଚରାଉଚରା ବେଳେ ଆମେରିକୀୟ ନାଗରିକ ଜଣକ ୩୬ ବର୍ଷୀୟ ଜୋର୍ଡ଼ାନ ବ୍ରାଉନ ବୋଲି ଜଣାପଡ଼ିଛି।

## ନିଜେ ରୋଲର ଚଲାଇ ଡ୍ରଗ୍ସ ନଷ୍ଟ କଲେ ମୁଖ୍ୟମନ୍ତ୍ରୀ

ଗୁଆହାଟୀ,୧୩।୭: ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ନାଲବାରୀ ଜିଲାର ଦୌଲାସାଲସ୍ଥିତ ୧୪ତମ ଆସାମ ପୋଲିସ ବାଟାଲିୟନରେ ଏକ ରାଜ୍ୟସ୍ତରୀୟ ନିଶା ନିବାରଣ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଏଠାରେ ଜବତ ହୋଇଥିବା ଔଷଧଗୁଡ଼ିକୁ ନଷ୍ଟ କରାଯାଉଛି। ଜବତ ହୋଇଥିବା ଔଷଧ ଉପରେ ନିଜେ ରୋଡ ରୋଲର ଚଲାଇ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ସର୍ମା ବ୍ୟକ୍ତିଗତ ଭାବରେ ନଷ୍ଟ ପ୍ରକ୍ରିୟା ଆରମ୍ଭ କରଛନ୍ତି। କାର୍ଯ୍ୟକ୍ରମରେ ଭାଷଣ ଦେଇ ମୁଖ୍ୟମନ୍ତ୍ରୀ ବିଶ୍ୱ ଶର୍ମା କହିଛନ୍ତି, ଆମେ ଆଜି ଏଠାରେ ୪୭୨.୫୧ କୋଟି ଟଙ୍କାର ଔଷଧ ନଷ୍ଟ କରିବା ପାଇଁ ଏକାଠି ହୋଇଛୁ। ସେଗୁଡ଼ିକୁ ସମ୍ପୂର୍ଣ୍ଣ ନଷ୍ଟ କରିବା ପାଇଁ, ଆମକୁ ଆଗାମୀ ୧୦ ଦିନ ମଧ୍ୟରେ ସେଗୁଡ଼ିକୁ ପୋଡ଼ି ଦେବାକୁ ପଡିବ।

## ସିନ୍ଧୁଜଳ ଚୁକ୍ତି ସ୍ଥଗିତକୁ ବିରୋଧ କରି ପାକିସ୍ତାନରେ ଆନ୍ଦୋଳନ

ଇସଲାମାବାଦ,୧୩।୭ : ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପାକିସ୍ତାନ ସହ ସିନ୍ଧୁଜଳ ଚୁକ୍ତିକୁ ଗତବର୍ଷଠାରୁ ସ୍ଥଗିତ ରଖିଛି। ରକ୍ତ ଓ ପାଣି ଏକା ସାଙ୍ଗରେ ବହି ପାରିବନି କହି ଭାରତ ସିନ୍ଧୁଜଳ ଚୁକ୍ତିକୁ ସ୍ଥଗିତ ରଖିଛି। ପାକିସ୍ତାନ ଆତଙ୍କବାଦୀ କାର୍ଯ୍ୟକଳାପ ବନ୍ଦ କରିବା ଉଚିତ ବୋଲି ଭାରତ କହିଛି। ସିନ୍ଧୁଜଳ ଚୁକ୍ତି ସ୍ଥଗିତ ନିଷ୍ପତ୍ତି ପାଇଁ ପାକିସ୍ତାନରେ ଜଳ ସଙ୍କଟ ମଧ୍ୟ ଦେଖାଦେଇଛି। ପାକିସ୍ତାନରେ ଏବେ ଏହାକୁ ନେଇ ତୀବ୍ର ଉତ୍ତେଜନା ଦେଖିବାକୁ ମିଳିଛି। ଦେଶର ସିନ୍ଧ ଅଞ୍ଚଳରେ ସିନ୍ଧୁଜଳ ଚୁକ୍ତି ସ୍ଥଗିତ ରହିବାକୁ ବିରୋଧ କରି ଆନ୍ଦୋଳନ ହୋଇଛି। ପାକିସ୍ତାନୀ ଖବରକାଗଜ ଡନ୍ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ବିଲାଓ୍ୱଲ ଭୁଟ୍ଟୋ ଜର୍ଦ୍ଦାରୀଙ୍କ ନେତୃତ୍ୱାଧୀନ ପିପିପି (ପାକିସ୍ତାନ ପିପୁଲ୍ସ ପାର୍ଟି) କର୍ମୀମାନେ ସିନ୍ଧରେ ରାଲି କରିଛନ୍ତି।

## ଇରାନର ହିଟ୍ ଲିଷ୍ଟ, ଖବରକାଗଜ ଛାପିଲା ସମସ୍ତଙ୍କ ଫଟୋ




ନୂଆଦିଲ୍ଲୀ,୧୩।୭: ଇରାନୀ ଲୋକଙ୍କ ମଧ୍ୟରେ ଆମେରିକା ଏବଂ ଇସ୍ରାଏଲ୍ ଠାରୁ ପ୍ରତିଶୋଧ ନେବା ଭାବନା ପ୍ରବଳ ହୋଇଛି । ଏହାର ଝଲକ ଖାମେନେଇଙ୍କ ଅନ୍ତିମ ସଂସ୍କାର ସମୟରେ ମଧ୍ୟ ଦେଖିବାକୁ ମିଳିଥିଲା । ନିଜର ସୁପ୍ରିମ ଲିଡରଙ୍କୁ ଶେଷ ବିଦାୟ ଦେବାକୁ ପହଞ୍ଚିଥିବା ଲୋକେ 'କିଲ୍ ଆମେରିକା', 'କିଲ୍ ଇସ୍ରାଏଲର ବ୍ୟାନର ପୋଷ୍ଟର ଧରି ପ୍ରତିଶୋଧ ନେବାକୁ ଦାବି କରୁଥିଲେ । ନିଜର କଟ୍ଟରପନ୍ଥୀ ବିଚାରଧାରା ଏବଂ ବିଦ୍ରୋହୀ ମନୋଭାବ ପାଇଁ ଜଣାଶୁଣା ଏକ ଇରାନୀ ଖବରକାଗଜ ଅନେକ ବିଦେଶୀ ନେତାଙ୍କ ନାମ ଏବଂ ଫଟୋ ଛାପିଛି । ଇନଫୋଗ୍ରାଫିକରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ, ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏବଂ ବ୍ରିଟିଶ ପ୍ରଧାନମନ୍ତ୍ରୀ କିର ଷ୍ଟାର୍ମର ସାମିଲ ଅଛନ୍ତି ।

## ବିକ୍ରି ହେବ ଜେଟ୍ ଏୟାରୱେଜର ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ର

ନୂଆଦିଲ୍ଲୀ,୧୩।୭: ଭାରତର ସବୁଠାରୁ ବଡ଼ ଘରୋଇ ବିମାନ କମ୍ପାନୀ ମଧ୍ୟରୁ ଅନ୍ୟତମ ଜେଟ୍ ଏୟାରୱେଜ୍ ଏବେ ଇତିହାସ ହେବାକୁ ଯାଉଛି। କମ୍ପାନୀ ବନ୍ଦ ହେବାର ପ୍ରାୟ ସାତ ବର୍ଷ ପରେ, ଏହାର ଅବଶିଷ୍ଟ ସମ୍ପତ୍ତି ଏବେ ନିଲାମ ହେବାକୁ ଯାଉଛି। ଜେଟ୍ ଏୟାରୱେଜ୍‌ର ପତନର ପରେ ଏହାର ଅନେକ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ବିକ୍ରି ପାଇଁ ରଖାଯାଇଛି। ଏହାର ମୁଖ୍ୟ କାରଣ ହେଉଛି ବିମାନ କମ୍ପାନୀକୁ ପୁନଃ ଆରମ୍ଭ କରିବା ପାଇଁ ଅନେକ ପ୍ରୟାସ ପରେ, ଅବଶିଷ୍ଟ ସମ୍ପତ୍ତିକୁ ଏବେ ଏହାର ଋଣଦାତାମାନଙ୍କୁ ପରିଶୋଧ କରିବା ପାଇଁ ନିଲାମ କରାଯିବ। ନିଲାମରେ ସବୁଠାରୁ ମୂଲ୍ୟବାନ ସମ୍ପତ୍ତି ମଧ୍ୟରେ ତିନୋଟି ବୋଇଂ ବିମାନ ରହିଛି। ଏହା ସହିତ, ବିମାନର ସ୍ପେୟାର ପାର୍ଟସ, ଏଭିଓନିକ୍ସ, ଚକ, କ୍ୟାବିନ ଉପକରଣ, ଉଡ଼ାଣ ମଧ୍ୟରେ ଏଣ୍ଟରଟେନମେଣ୍ଟ ସିଷ୍ଟମ, ସୁରକ୍ଷା ଉପକରଣ ଏବଂ ଇଞ୍ଜିନିୟରିଂ ସାମଗ୍ରୀ ମଧ୍ୟ ବିକ୍ରି ହେବ। ନିଲାମ ତାଲିକାରେ ବିମାନ କମ୍ପାନୀ ଦ୍ୱାରା ବ୍ୟବହୃତ କଟଲେରୀ (ଚମଚ, ଫୋର୍କ), କାଚ ସାମଗ୍ରୀ, ଖାଦ୍ୟ ସେବା ଉପକରଣ, କ୍ରୁ ୟୁନିଫର୍ମ, ଜୋତା ଏବଂ ଅଫିସ୍ ଷ୍ଟେସନାରୀ ମଧ୍ୟ ଅନ୍ତର୍ଭୁକ୍ତ। ଜେଟ୍ ଏୟାରୱେଜର ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ର ମଧ୍ୟ ନିଲାମର ଅଂଶ ରହିଛି। କମ୍ପାନୀର ଦିଲ୍ଲୀ, ମୁମ୍ବାଇ ଏବଂ ହାଇଦ୍ରାବାଦରେ ସମ୍ପତ୍ତି ଅଛି। ଏହି ଯାନଗୁଡ଼ିକର ମୋଟ ସଂରକ୍ଷଣ ମୂଲ୍ୟ ପ୍ରାୟ ୪୦ ଲକ୍ଷ ଟଙ୍କା।

# ଇରାନ ଉପରେ ଆମେରିକାର ପୁଣି ଏୟାରଷ୍ଟ୍ରାଇକ୍

## ଅନେକ ଅଞ୍ଚଳରେ ବୋମା ପକାଇଲା



ନୂଆଦିଲ୍ଲୀ : ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଲାଗି ରହିଛି। ମଧ୍ୟପ୍ରାଚ୍ୟରେ ଆମେରିକା ଏବଂ ଇରାନ ମଧ୍ୟରେ ଏକ ବଡ଼ ଯୁଦ୍ଧ ଚାଲିଛି। ଦୁଇ ଦେଶ ତିନି ଦିନ ଧରି ପରସ୍ପର ଉପରେ ଆକ୍ରମଣ କରୁଛନ୍ତି। ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଇରାନ ସହିତ ଯୁଦ୍ଧବିରତି ଏବଂ ମଧ୍ୟବର୍ତ୍ତୀକାଳୀନ ଚୁକ୍ତିନାମା ବାତିଲ କରିଛନ୍ତି। ଇରାନ ଜାହାଜଗୁଡ଼ିକୁ ହର୍ମୁଜ୍ ପ୍ରଣାଳୀ ଦେଇ ଅବୈଧ ପଥ ଦେଇ ଯାଉଥିବା ଅଭିଯୋଗ କରି ଆକ୍ରମଣ କରୁଛି। ଇରାନକୁ ଶିକ୍ଷା ଦେବା ପାଇଁ ଆମେରିକା ସେନା ବିନାଶ କରୁଛି। ଇରାନ ବଦଳରେ ଆରବ ଦେଶଗୁଡ଼ିକରେ ଥିବା ଆମେରିକୀୟ ସାମରିକ ଘାଟି ଉପରେ ଆକ୍ରମଣ କରୁଛି ।ଆମେରିକା ଇରାନ ଉପରେ ପୁଣି ଏୟାରଷ୍ଟ୍ରାଇକ୍ କରିଛି। ଆମେରିକୀୟ ସେନା ଅନେକ ଅଞ୍ଚଳରେ ବୋମା ପକାଇଛି। ଇରାନର ବନ୍ଦର ଆବାସ ଅଞ୍ଚଳରେ ବିସ୍ଫୋରଣ ଶୁଣାଯାଇଛି। ଇରାନର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଇସମାଇଲ ବାଘାଇ ଏକ ବିବୃତ୍ତି ଜାରି କରିଛନ୍ତି ଯେ ଇରାନ ଆମେରିକା ସହିତ ହୋଇଥିବା ମଧ୍ୟବର୍ତ୍ତୀକାଳୀନ ବୁଝାମଣାପତ୍ର ଅନୁଯାୟୀ ତାର ସମସ୍ତ ପ୍ରତିଶ୍ରୁତି ପାଳନ କରିଛି। କେହି ଇରାନକୁ ତା'ର ପ୍ରତିଶ୍ରୁତି ଉଲ୍ଲଂଘନ କରିବାର ଅଭିଯୋଗ କରିପାରିବେ ନାହିଁ। ଆମେରିକା ବାହାନା କରି ଇରାନକୁ ଚୁକ୍ତିର ବ୍ୟବସ୍ଥା ଉଲ୍ଲଂଘନ କରିବାର ଅଭିଯୋଗ କରିଛି ।ଆମେରିକା-ଇରାନ ଉତ୍ତେଜନା ମଧ୍ୟରେ, ହର୍ମୁଜ୍ ପ୍ରଣାଳୀ ଦେଇ ଯାଉଥିବା ଜାହାଜ ସଂଖ୍ୟା ପାଞ୍ଚ ସପ୍ତାହର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ରଏଟର୍ସ ଅନୁଯାୟୀ, ହର୍ମୁଜ୍ ପ୍ରଣାଳୀ, ଆମେରିକା ଏବଂ ଇରାନ ମଧ୍ୟରେ ପୁନରାବୃତ୍ତି ଶତ୍ରୁତା ଏବଂ ମଧ୍ୟପ୍ରାଚ୍ୟରେ ଜାହାଜ ଉପରେ ଆକ୍ରମଣ ସୁରକ୍ଷା ଚିନ୍ତାକୁ ବୃଦ୍ଧି କରିଛି।

### ଏକାଧିକ ହୋଟେଲରେ କେଏମ୍‌ସିର ଚଢ଼ାଉ

## ବିପୁଳ ପରିମାଣର ବାସି ଖାଦ୍ୟ ନଷ୍ଟ, ହୋଟେଲ ମାଲିକଙ୍କୁ କଡ଼ା ତାଗିଦ

କଟକ(ନିପ୍ର): କଟକ ସହରର ବିଭିନ୍ନ ହୋଟେଲର କଟକ ମହାନଗର ନିଗମ ପକ୍ଷରୁ ଚଢ଼ାଉ କରାଯାଇଛି । କେଏମ୍‌ସିର ସ୍ୱାସ୍ଥ୍ୟ ବିଭାଗ ଟିମ୍ ବିଭିନ୍ନ ହୋଟେଲରେ ଚଢ଼ାଉ କରିଛନ୍ତି । ଗ୍ରାହକଙ୍କୁ ବାସୀ ଖାଦ୍ୟ ବିକ୍ରି ଅଭିଯୋଗରେ ଚଢ଼ାଉ ହୋଇଛି । ଚଢ଼ାଉବେଳେ ବିପୁଳ ପରିମାଣର ବାସୀ ଖାଦ୍ୟ ନଷ୍ଟ କରାଯାଇଛି । ଏଥିସହ ନିୟମ ଉଲ୍ଲଂଘନ କରୁଥିବା ଏବଂ ସ୍ୱଚ୍ଛତା ରକ୍ଷା କରୁନଥିବା ହୋଟେଲ ମାଲିକଙ୍କୁ ବିଭାଗ ପକ୍ଷରୁ କଡ଼ା ଚେତାବନୀ ଦିଆଯାଇଛି । କେଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଲୋକଙ୍କ ଜୀବନ ସହ ଖେଳୁଥିବା ହୋଟେଲଗୁଡ଼ିକ ବିରୋଧରେ ଏହି ଅଭିଯାନ ଆଗକୁ ମଧ୍ୟ ଜାରି ରହିବ । ଯଦି ଆଗାମୀ ଦିନରେ କୌଣସି ହୋଟେଲରେ ପୁନର୍ବାର ଏଭଳି ଅନିୟମିତତା ଦେଖିବାକୁ ମିଳେ, ତେବେ ସେମାନଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି ।

# ୯୦୦ କେଜି ଗଞ୍ଜେଇ ସହ କାର୍, ପିସ୍ତଲ, ୧୦ ଲକ୍ଷ ଟଙ୍କା ଜବତ: ୭ ଗିରଫ



ମନମୁଣ୍ଡା: ଗଞ୍ଜେଇ ଚୋରା ଚାଲାଣ ବେଳେ ମନୋହରପୁର ଗ୍ରାମ ଅଞ୍ଚଳରେ ମନମୁଣ୍ଡା ପୁଲିସ ଚଢାଉ କରି ୯୦୦ କେଜି ଗଞ୍ଜେଇ ଜବତ କରିଛି । ଏଥିସହ ୨ଟି କାର, ପିସ୍ତଲ ଓ ୧୦ ଲକ୍ଷ ଟଙ୍କା ପୁଲିସ ଜବତ କରିଛି । ଏହି ଘଟଣାରେ ପୁଲିସ ୭ ଜଣଙ୍କୁ ଗିରଫ କରିଛି । ଅଭିଯୁକ୍ତମାନେ ହେଲେ କନ୍ଧମାଳ ଥାନା ରୁଣ୍ଡିମହୁଲ ଗ୍ରାମର ଭବାନୀଶଙ୍କର ବାରିକ (୨୮), ମିଥୁନ ଖଟୁଆ (୨୮), ଟୁରିଦେଉଳର ପ୍ରହଲ୍ଲାଦ ମେହେର (୩୫), ସେଲାମାଳର ବିଜୟ ପ୍ରସାଦ ଗାଇଗୌରିଆ (୨୫), ଘଣ୍ଟାପଡ଼ା ଥାନା ଅଶୋକ ରଣା (୨୮), ମନମୁଣ୍ଡା ଥାନା ଲୁଣପଙ୍ଗାର ପ୍ରମୋଦ ମିଶ୍ର (୩୦), ନରସିଂହପୁରର ଶରତ ପ୍ରଧାନ (୨୬) । ଚୋରା ଗଞ୍ଜେଇ ଚାଲାଣ ହେଉଥିବା ସୂଚନା ପାଇ ଆଇଆଇସି ଚିରଞ୍ଜିବୀ ବେହେରାଙ୍କ ନେତୃତ୍ୱରେ ମନୋହରପୁର ଗ୍ରାମ ଅଞ୍ଚଳରେ ମନମୁଣ୍ଡା ପୋଲିସ ଅଚାନକ ଚଢ଼ାଉ କରିଥିଲା । ପୋଲିସକୁ ଦେଖି ସେଠାରେ ଥିବା କିଛି ବ୍ୟକ୍ତି ଗଞ୍ଜେଇ ଭର୍ତ୍ତି ବସ୍ତା ଛାଡ଼ି ପଳାଇବାକୁ ଚେଷ୍ଟା କରିଥିଲେ । ପୋଲିସ ମୋଟ ୭ ଜଣଙ୍କୁ ଗିରଫ କରିଥିବା ବେଳେ ୪-୫ ଜଣ ପଳାଇଯାଇଥିଲେ । ଏକଜିକ୍ୟୁଟିଭ ମ୍ୟାଜିଷ୍ଟ୍ରେଟ୍ ସ୍ୱାଧୀନ ସାକ୍ଷୀଙ୍କ ଉପସ୍ଥିତିରେ ପୁଲିସ ତଲାସି କରି ୯୦୦ କିଲୋଗ୍ରାମ ଗଞ୍ଜେଇ, ୭ଟି ମୋବାଇଲ ଫୋନ, ଏକ ୯ ମି.ମି. ଦେଶୀ ବନ୍ଧୁକ ଏବଂ ୧୦ ଲକ୍ଷ ଟଙ୍କା ନଗଦ, ୭ଟି ପାସ୍ ବୁକ , ଗୋଟିଏ ଚେକ ଏବଂ ୨ଟି କାର ପୁଲିସ ଜବତ କରିଥିଲା । ଭବାନୀ ଶଙ୍କର ବାରିକ ଏହି ଚୋରା କାରବାରର ମୁଖ୍ୟ ଅଭିଯୁକ୍ତ ବୋଲି ପ୍ରାଥମିକ ଭାବେ ଜଣାପଡ଼ିଛି । ତାଙ୍କ ସହ ଜଡିତ ବ୍ୟାଙ୍କ ପାସବୁକ୍ ଓ ଚେକ୍ ବୁକ୍ ଆର୍ଥିକ କାରବାରର ପ୍ରମାଣ ଭାବେ ଜବତ କରାଯାଇଛି ବୋଲି ବୌଦ୍ଧ ଆରକ୍ଷୀ ଅଧିକ୍ଷକ କୁଲଦୀପ ମୀନା ମନମୁଣ୍ଡା ଥାନା ରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ । ଏସଡି ପିଓ ଲରେନ୍ ରାଉତ ରାୟ, ମନମୁଣ୍ଡା ଆଇଆଇସି ଚିରଞ୍ଜିବୀ ବେହେରା, କନ୍ଧମାଳ ଆଇଆଇସି ଶ୍ରୀ ମହାନ୍ତି ଉପସ୍ଥିତ ଥିଲେ ।

## ମହିଳା ସୁନା ଦୋକାନୀଙ୍କୁ ଆକ୍ରମଣ କରି ୩୬ ଲକ୍ଷ ଟଙ୍କା ଲୁଟ ଘଟଣା: ୫ଟି ଟିମ୍‌ର ତଦନ୍ତ ଜାରି

କଟକ(ନିପ୍ର): କଟକ ସହରରେ ପୁଣି ଥରେ ଅପରାଧୀଙ୍କ ଦୌରାତ୍ମ୍ୟ ଦେଖିବାକୁ ମିଳିଛି । ସମ୍ରାଟ ହଲ୍ ନିକଟ ତାଳଦଣ୍ଡା ରାସ୍ତାରେ ଜଣେ ମହିଳା ସୁନା ବ୍ୟବସାୟୀଙ୍କୁ ଆକ୍ରମଣ କରି ଦୁର୍ବୃତ୍ତମାନେ ୩୬ ଲକ୍ଷ ଟଙ୍କା ଥିବା ବ୍ୟାଗ୍ ଛଡ଼ାଇ ନେଇଥିବା ଅଭିଯୋଗ ହୋଇଛି । ଘଟଣାରେ ମହିଳାଙ୍କ ସହ ତାଙ୍କ ଦୋକାନ କର୍ମଚାରୀ ମଧ୍ୟ ଆହତ ହୋଇଥିବା ସୂଚନା ମିଳିଛି । ଆହତଙ୍କୁ ଚିକିତ୍ସା ପାଇଁ ଏସସିବିରେ ଭର୍ତ୍ତି କରାଯାଇଛି କ୍ଷ ସୂଚନା ଅନୁସାରେ, ହାଇକୋର୍ଟ ଛକ ନିକଟରେ ଅଭିଯୋଗକାରୀ ମହିଳାଙ୍କର ଏକ ସୁନା ଦୋକାନ ରହିଛି । ରବିବାର ରାତିରେ ସେ ସୁନା କିଣିବା ପାଇଁ ଓଏମ୍‌ପି ଛକରୁ ବସରେ କୋଲକାତା ଯିବାକୁ ବାହାରିଥିବା ବେଳେ ସମ୍ରାଟ ହଲ୍ ନିକଟରେ ଦୁର୍ବୃତ୍ତମାନେ ତାଙ୍କୁ ଟାର୍ଗେଟ କରିଥିଲେ । ଆକ୍ରମଣ କରିବା ପରେ ସେମାନେ ନଗଦ ୩୬ ଲକ୍ଷ ଟଙ୍କା ଥିବା ବ୍ୟାଗ୍ ନେଇ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି । ଘଟଣା ପରେ ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି । ପୁଲିସ ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରୁଥିବା ବେଳେ ଦୁର୍ବୃତ୍ତମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ତଦନ୍ତ ଜୋରଦାର କରାଯାଇଛି । ତେବେ ଲୁଟ୍‌ର ପ୍ରକୃତ କାରଣ ଓ ସମ୍ପୂର୍ଣ୍ଣ ଘଟଣାକ୍ରମ ସମ୍ପର୍କରେ ପୁଲିସର ତଦନ୍ତ ଜାରି ରହିଛି । ଏଥିପାଇଁ ୫ଟି ଟିମ ଗଠନ କରାଯାଇ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚାଲିଛି ବୋଲି ସମ୍ପୃକ୍ତ ଜୋନ ଏସିପି ଅଶୋକ କୁମାର ଗିରି ସୂଚନା ଦେଇଛନ୍ତି ଏସସିବିରେ ଚିକିତ୍ସିତ ଆହତ ମହିଳାଙ୍କ ବୟାନ ମଧ୍ୟ ପୋଲିସ ରେକର୍ଡ କରିଛି ଏହି ଘଟଣା ପରେ ସୁନା ଦୋକାନୀମାନେ ମଧ୍ୟ ନିଜକୁ ସୁରକ୍ଷିତ ମଣୁ ନଥିବା ପ୍ରକାଶ କରିଛନ୍ତି ।

## ୨୦ ପେଟି ଦେଶୀ ମଦ ଜବତ: ୩ ଗିରଫ

କଟକ(ନିପ୍ର): ରବିବାର ବିଳମ୍ବିତ ରାତିରେ ଦେଶୀ ମଦ ଚାଲାଣ ହେଉଥିବା ବେଳେ ଜଗତପୁର ଥାନା ପୋଲିସ ଚଢ଼ାଉ କରି ୨୦ ପେଟିରେ ଦେଶୀ ମଦ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ସ୍ଥାନୀୟ ତରୋଳର ନବ ନାୟକ (୫୦), ଭଦ୍ରକ ଟାଉନ ଥାନା ଅନ୍ତର୍ଗତ ଚରମ୍ପା କାଳୀ ମନ୍ଦିରର ମୂଳ ବାସିନ୍ଦା ତଥା ଜଗତପୁର ତାଳବଣିଆରେ ରହୁଥିବା ରାଜୁ କେରେଇ (୨୫) ଏବଂ ତାଳବଣିଆ ମୁଣ୍ଡାସାହିର ସେକ କାଲୁ (୫୯) । ମିଳିଥିବା ସୂଚନା ଅନୁଯାୟୀ ରବିବାର ରାତିରେ ଏଏସଆଇ ନାରାୟଣ ଚନ୍ଦ୍ର ମଲିକ ଖଇରା ପୋଲ ନିକଟରେ ପେଟ୍ରୋଲିଙ୍ଗ କରୁଥିବା ସମୟରେ ରାତି ପ୍ରାୟ ସାଢେ ୩ଟା ବେଳେ କିଛି ଲୋକ ବିପୁଳ ପରିମାଣର ଆସ୍କା ୪୦ ଦେଶୀ ମଦ ଗଦା କରିଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ । ତତକ୍ଷଣାତ ତାଳବଣିଆ ମୁଣ୍ଡା ସାହିରେ ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ ୩ ଅଭିଯୁକ୍ତ ରାସ୍ତା ଉପରେ ଏହି ମଦ ରଖି ଘରକୁ ନେବାକୁ ପ୍ରସ୍ତୁତ ହେଉଥିଲେ । ପୋଲିସ ଚଢ଼ାଉ କରି ନବ ନିକଟରୁ ୬ ପେଟିରେ ଥିବା ୧୫୦ ବୋତଲ, ରାଜୁ ନିକଟରୁ ୬ ପେଟିରେ ଥିବା ୧୫୦ ବୋତଲ ଓ ସେକ କାଲୁ ନିକଟରୁ ୮ଟି ପେଟିରେ ଥିବା ୨୦୦ ବୋତଲ ଆସ୍କା ୪୦ ଜବତ କରିଥିଲେ । ଅଭିଯୁକ୍ତମାନେ କୌଣସି କାଗଜ ପତ୍ର ଦେଖାଇ ନ ପାରିବାରୁ ସେମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ।

## କୂଅରୁ ଯୁବକଙ୍କ ମୃତଦେହ ଉଦ୍ଧାର

ହିଞ୍ଜିଳିକାଟୁ(ନିପ୍ର): ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ଆଡ଼ପଡ଼ା ଗ୍ରାମ ମା' ମାଣିକେଶ୍ୱରୀ ମନ୍ଦିର ନିକଟ ଶ୍ରୀ ମଦନ ମୋହନ ମନ୍ଦିର ପରିସରରେ ଥିବା କୂଅରୁ ସୋମବାର ସକାଳେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି । ମୃତକ ଜଣକ ହେଲେ ପୂର୍ଣ୍ଣଚନ୍ଦ୍ର ରାଉତ(୪୫) । ସୋମବାର ସକାଳେ ମନ୍ଦିର ପୂଜକ ପୂଜା ପାଇଁ କୂଅରୁ ପାଣି ଆଣିବା ପାଇଁ ଯାଇଥବା ବେଳେ କୂଅ ଭିତରେ କୌଣସି ବ୍ୟକ୍ତିଙ୍କ ମୃତଦେହ ଭାସୁଥିବା ଦେଖିଥିଲେ । ଖବର ପ୍ରଚାରିତ ହେବା ପରେ ଗାଁ ଲୋକେ ଘଟଣାସ୍ଥଳରେ ପହଞ୍ଚି କୂଅ ଭିତରୁ ଅଚେତ ଅବସ୍ଥାରେ ତାଙ୍କୁ ଉଦ୍ଧାର କରିଥିଲେ । ଉଦ୍ଧାର କରିବା ପରେ ପୂର୍ଣ୍ଣଚନ୍ଦ୍ରଙ୍କୁ ଆଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡ଼ାକ୍ତର ଯୁବକଙ୍କୁ ମୃତ ଘୋଷଣା କରିଥିଲେ । ଘଟଣା ନେଇ ପରିବାର ପକ୍ଷରୁ ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଭିତ୍ତିରେ ହିଞ୍ଜିଳି ଥାନାରେ କେସ ନଂ-୧୫/୨୬ରେ ଏକ ମାମଲା ରୁଜୁକରି ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ସକାଶେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇ ପୁଲିସ ଘଟଣାର ତଦନ୍ତ ଚଳାଇଛି । ସେଠାରେ ବ୍ୟବଚ୍ଛେଦ କରାଯିବା ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା । ଶୋକାକୁଳ ପରିବେଶ ମଧ୍ୟରେ ଗାଁ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି । ରବିବାର ବିଳମ୍ବିତ ରାତିରେ ପୂର୍ଣ୍ଣଚନ୍ଦ୍ର ଏବଂ କିଛି ବ୍ୟକ୍ତି ମନ୍ଦିର ପରିସରରେ ଜୁଆ ଖେଳୁଥିଲେ । ପୋଲିସ ଆସିବାର ପାଟି ହେବାରୁ ସମସ୍ତେ ଦୌଡ଼ି ଥିଲେ । ଅସାବଧାନତା କାରଣରୁ ଅନ୍ଧାର ରାତିରେ ପୂର୍ଣ୍ଣଚନ୍ଦ୍ର କୂଅ ମଧ୍ୟକୁ ଖସି ପଡ଼ିଥିଲେ ବୋଲି ଗାଁରେ ଚର୍ଚ୍ଚା ହେଉଛି । ତେବେ ସୋମବାର ଦିନ କୌଣସି ଜୁଆ ଆଡ୍ଡା ଉପରେ ଚଢ଼ଉ କରାଯାଇନଥିବା ଥାନା ଆଇଆଇସି ଶ୍ରୀନିବାସ ସେଠି କହିଛନ୍ତି । ପାଣି ଆଣିବା ପାଇଁ ପୂର୍ଣ୍ଣ ମନ୍ଦିର କୂଅକୁ ଯାଇଥିବା ବେଳେ ଅସାବଧାନତା ବଶତଃ ଯୁବକ ଜଣଙ୍କ କୂଅ ଭିତରକୁ ଖସିପଡି ମୃତ୍ୟୁ ବରଣ କରିଥିବା ସନ୍ଦେହ କରି ମୃତକଙ୍କୁ ଭାଇ ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ ।

## ହୋଟେଲରୁ ଚୋରି କରି କର୍ମଚାରୀ ଗିରଫ

ଭୁବନେଶ୍ୱର,୧୩।୦୭ (ନି.ପ୍ର): ମାଲିକଙ୍କ ଅନୁପସ୍ଥିତିର ସୁଯୋଗ ନେଇ ହୋଟେଲରୁ ଟଙ୍କା ଓ ଅନ୍ୟାନ୍ୟ ଜିନିଷ ଚୋରି କରିବା ଅଭିଯୋଗରେ ଧଉଳି ଥାନା ପୁଲିସ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ପ୍ରଣୟ ସାହୁ । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀ ଅନ୍ନପୂର୍ଣ୍ଣା ପାତ୍ରଙ୍କର ଲିଙ୍ଗିପୁର ଟ୍ରାଫିକ୍ ଛକରେ ଏକ ହୋଟେଲ ଅଛି । ଅଭିଯୁକ୍ତ ପ୍ରଣୟ କୁମାର ସାହୁ ତାଙ୍କ ହୋଟେଲରେ ଚାକିରି କରିବା ପାଇଁ ଆସିଥିଲେ । ଅଭିଯୋଗକାରିଣୀ ତାଙ୍କୁ ବିଶ୍ୱାସ କରି ହୋଟେଲରେ କାମରେ ନିଯୁକ୍ତି ଦେଇଥିଲେ । ପରେ ପ୍ରଣୟ କୌଶଳକ୍ରମେ ହୋଟେଲର ଚାବି ନିଜ ଅକ୍ତିଆରକୁ ନେଇଯାଇଥିଲେ ଏବଂ ରାତି ସମୟରେ ସେ ତାଙ୍କ ମାମୁଁ ଦିବାକର ସାହୁଙ୍କ ସହ ମିଶି ହୋଟେଲର ସମସ୍ତ ସାମଗ୍ରୀ, ଆସବାବପତ୍ର ଓ ନଗଦ ୧୦,୦୦୦ ଟଙ୍କା ଏବଂ ଅଭିଯୋଗକାରିଣୀଙ୍କ ମୋବାଇଲ ଫୋନ ଚୋରିକରି ଫେରାର ହୋଇଯାଇଥିଲେ । ଘଟଣା ଜାଣିବା ପରେ ଅଭିଯୋଗକାରିଣୀ ଥାନାରେ ମାମଲା ରୁଜୁ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ । ଘଟଣାର ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଥିଲେ । ତଦନ୍ତ ସମୟରେ ଜଣାପଡିଥିଲା ଯେ, ଅଭିଯୋଗକାରିଣୀ ଏବଂ ଅଭିଯୁକ୍ତ ଏକ ସାମାଜିକ ଗଣମାଧ୍ୟମ ଦ୍ୱାରା ପରସ୍ପର ସହିତ ଚିହ୍ନାପରିଚୟ ହୋଇଥିଲେ । ପରେ ଉଭୟ ମିଶି ଲିଙ୍ଗିପୁର ଛକରେ ଏକ ଘରଭଡା ନେଇ ଫାଷ୍ଟଫୁଡ ଦୋକାନ କରିବା ଲାଗି ଯୋଜନା କରିଥିଲେ । ପରେ ଦୋକାନ ଲାଗି ଆବଶ୍ୟକ ହେଉଥିବା ସମସ୍ତ ସାମଗ୍ରୀ ତଥା ଉପକରଣ ଅଭିଯୋଗକାରିଣୀ ଯୋଗାଇ ଦେଇଥିଲେ । କିନ୍ତୁ ବ୍ୟବସାୟ ଆରମ୍ଭ ହେବା ପୂର୍ବରୁ ଅଭିଯୁକ୍ତ ଉକ୍ତ ଦୋକାନରୁ ଚୋରୀ କରି ଫେରାର ହୋଇଯାଇଥିଲେ । ପୁଲିସ ମାମଲାର ତଦନ୍ତ କାଳରେ ଅଭିଯୁକ୍ତ ପ୍ରଣୟ କୁମାର ସାହୁଙ୍କୁ ଗିରଫ କରି ତାଙ୍କ ହେପାଜତରୁ ଏକ ଚୋରା ମୋବାଇଲ ଫୋନ ଜବତ କରିଥିବା ବେଳେ, ଅଭିଯୁକ୍ତ ନିଜର ଦୋଷ ସ୍ୱୀକାର କରିଥିଲେ ।

## ଫସଲ ନଷ୍ଟ କରୁଛି ହାତୀ: ଗ୍ରାମବାସୀ ଭୟଭୀତ

ଖଣ୍ଡପଡ଼ା(ନି.ପ୍ର) ଖଣ୍ଡପଡ଼ା ଅଞ୍ଚଳରେ ଗତ ୧୫ ଦିନ ଧରି ଏକ ଦନ୍ତାହାତୀ ବୁଲୁ ଥିବାରୁ କଣ୍ଟିଲୋ, ବାଣପୁର, ସିଧାମୂଳା ଓ ବେଣାଗାଡିଆ ପଞ୍ଚାୟତବାସୀ ଏକରକମ ଭୟଭୀତ ଅବସ୍ଥାରେ ଥିବା ଜଣାପଡିଛି । ଦନ୍ତା ହାତୀର ଉପଦ୍ରବ ଯୋଗୁଁ ଆଖପାଖ ଗ୍ରାମର ଚାଷୀ ପରିବାରଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛନ୍ତି । ଖଣ୍ଡପଡ଼ା ବ୍ଲକର ବଡବାଣପୁର ପଞ୍ଚାୟତ ଅଧିନ ରତନପୁର, ଘଣାଶାଳିଆ ଗ୍ରାମ ସମେତ ଆଖପାଖ ଅଞ୍ଚଳରେ ହାତୀଟି ରାତିରେ ବୁଲୁଥିବା ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି । ସ୍ଥାନୀୟ ଅଞ୍ଚଳର କେତେକ ବ୍ୟକ୍ତିଙ୍କ ବାରିରେ ଥିବା କଦଳୀ, ଆମ୍ବ, ପଣସ ଆଦି ଅନ୍ୟାନ୍ୟ ଗଛଗୁଡିକୁ ଦନ୍ତା ହାତୀଟି ନଷ୍ଟ କରିଥିବା ଗ୍ରାମବାସୀଙ୍କଠାରୁ ଜଣାପଡିଛି । ଜନବସତି ଅଞ୍ଚଳରେ ଦନ୍ତା ହାତୀର ଚଳ ପ୍ରଚଳକୁ ନେଇ ଗ୍ରାମବାସୀଙ୍କ ନିଦ ହଜିଥିବା ବେଳେ ହାତୀଟିକୁ ଘଉଡାଇବା ନିମନ୍ତେ ବନ ବିଭାଗ କର୍ମଚାରୀମାନଙ୍କୁ ପୁରା ନାକେଦମ ହେବାକୁ ପଡିଛି । ତେବେ ହାତୀର ଗତିବିଧି ଉପରେ ବନ ବିଭାଗ ଟିମ ପୁରା ନଜର ରଖି ଥିବା ନେଇ ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଦିଲ୍ଲିପ କୁମାର ପଟ୍ଟନାୟକ ସୂଚନା ଦେଇଥିବା ବେଳେ ହାତୀଟି ଚଳ ପ୍ରଚଳ କରୁଥିବା ସ୍ଥାନରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏକାଧିକ ସୂଚନା ଫଳକ ଲଗାଇବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି । ଏଥିପ୍ରତି ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଓ ନୟାଗଡ ବନଖଣ୍ଡ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି ।ପ୍ରକାଶଥାଉକି ଖଣ୍ଡପଡ଼ା ବନାଞ୍ଚଳରେ ଆଦୌ ହାତୀ ନଥିବା ବେଳେ ନିକଟସ୍ଥ କଟକ ଜିଲ୍ଲା ଅଧୀନ ନରସିଂହପୁର ଅଞ୍ଚଳରୁ ମହାନଦୀ ପାର ହୋଇ ଦନ୍ତା ହାତୀଟି ଖଣ୍ଡପଡ଼ା ଅଞ୍ଚଳକୁ ଚାଲି ଆସିଥିବା ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି । ଏବେ ସଞ୍ଜ ନଇଁଲେ ହାତୀ ଭୟରେ ଗ୍ରାମବାସୀ ବାହାରକୁ ବାହରୁ ନଥିବା ବେଳେ ତୁରନ୍ତ ଦନ୍ତା ହାତୀକୁ ଅନ୍ୟତ୍ର ଘଉଡାଇବା ନିମନ୍ତେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ନୟାଗଡ ବନଖଣ୍ଡ ଅଧିକାରୀ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ଗଛଡାଳ ପଡ଼ି ବୃଦ୍ଧ ମୃତ

ହିଞ୍ଜିଳିକାଟୁ(ନିପ୍ର): ମୃତ୍ୟୁ କେତେବେଳେ କିପରି ଆସେ, ଜାଣିବା ମୁସ୍କିଲ । ଦୋକାନ ସମ୍ମୁଖରେ ଚାହା ପିଉଥିବା ବେଳେ ଗଛ ଡାଳ ଖସିପଡି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ମୃତକ ଜଣଙ୍କ ହିଞ୍ଜିଳି ଥାନା କରାଖଣ୍ଡି ଗ୍ରାମର ନଟବର ପ୍ରଧାନ (୭୦) ବୋଲି ଜଣାପଡିଛି । ତେବେ ଖବର ଲେଖା ହେବା ସୁଦ୍ଧା ଘଟଣା ନେଇ ହିଞ୍ଜିଳି ଥାନାରେ କୌଣସି ଅଭିଯୋଗ ହୋଇନଥିବା ଥାନା ସୂତ୍ରରୁ ପ୍ରକାଶ । ପ୍ରକାଶ ଯେ, ସୋମବାର ସକାଳେ କରାଖଣ୍ଡି ଗ୍ରାମର ବୃଦ୍ଧ ନଟବର କୌଣସି କାମରେ ସାଇକେଲ ଯୋଗେ ଆଡପଡା ଯାଇଥିଲେ । ଆଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଥିବା ଏକ ଗଛ ତଳେ ଚାହା ପିଉଥିଲେ । ସେହି ସମୟରେ ଗଛର ଉପରେ କିଛି ମାଙ୍କଡ ଡିଆଁ ମାରୁଥିଲେ । ମାଙ୍କଡ ଡିଆଁରେ ଗଛର ଏକ ଡାଳ ଖସି ବୃଦ୍ଧଙ୍କ ମୁଣ୍ଡ ଉପରେ ପଡିଥିଲା । ବୃଦ୍ଧ ଜଣଙ୍କ ରକ୍ତ ଜୁଡୁବୁଡୁ ହୋଇ ଘଟଣା ସ୍ଥଳରେ ଅଚେତ ହୋଇ ପଡିଥିଲେ । ଉପସ୍ଥିତ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଆଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

### ଜବରଦଖଲ ଉଚ୍ଛେଦ ବେଳେ ଉତ୍ତେଜନା

## ଉଠା ଦୋକାନୀ ଓ କେଏମ୍‌ସି ଏନ୍‌ଫୋର୍ସମେଣ୍ଟ ଟିମ୍ ମଧ୍ୟରେ ଗଣ୍ଡଗୋଳ

କଟକ(ନିପ୍ର): କଟକରେ ଜବରଦଖଲ ଉଚ୍ଛେଦ ବେଳେ ଉତ୍ତେଜନା । ଉଚ୍ଛେଦ ବେଳେ ଉଠା ଦୋକାନୀ ଓ କେଏମ୍‌ସି ଏନଫୋର୍ସମେଣ୍ଟ ଟିମ୍ ଭିତରେ ଗଣ୍ଡଗୋଳ । କଟକ ମହାନଗର ନିଗମ ପକ୍ଷରୁ ସିଡିଏ ୧୧ ନମ୍ବରରେ ଥିବା ଉଠା ଦୋକାନୀଙ୍କୁ ଉଚ୍ଛେଦ ସମୟରେ ଏଭଳି ଘଟଣା ଘଟିଛି । ଖବର ପାଇ ଘଟଣାସ୍ଥଳରେ ଫେଜ-ଟୁ ଥାନା ପୁଲିସ ପହଁଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲା । ଉଠା ଦୋକାନୀମାନେ ଏନଫୋର୍ସମେଣ୍ଟ ଟିମ୍‌ର କିଛି ଅଧିକାରୀଙ୍କୁ ମାଡ଼ ମାରିଥିବାର ଅଭିଯୋଗ ହୋଇଛି । ଅପରପଟେ ଦୋକାନ ଉଚ୍ଛେଦ ପାଇଁ କଟକ ମହାନଗର ନିଗମ ପକ୍ଷରୁ ଆଗୁଆ କୌଣସି ନୋଟିସ ଦିଆ ଯାଇନଥିବା ଅଭିଯୋଗ ହୋଇଛି । ହଠାତ୍ ଆସି ଦୋକାନକୁ ଭାଙ୍ଗିବା ଆରମ୍ଭ କରିଥିଲେ କେଏମସି ଏନଫୋର୍ସମେଣ୍ଟ ଟିମ୍ । ଜନୈକ ଦୋକାନୀଙ୍କ ଦୋକାନରେ ପାଖାପାଖି ୪ ଲକ୍ଷ ଟଙ୍କାରୁ ଅଧିକ ଟଙ୍କାର ସାମଗ୍ରୀ ରହିଥିଲା ବେଳେ ହଠାତ ଉଚ୍ଛେଦ କରାଯିବାରୁ ତାଙ୍କର ସମସ୍ତ ସାମଗ୍ରୀ ନଷ୍ଟ ହୋଇଯାଇଥିଲା । କ୍ଷତିଗ୍ରସ୍ତ ଦୋକାନୀମାନେ ଉଚ୍ଛେଦକୁ ବିରୋଧ କରି ପାଟିତୁଣ୍ଡ କରିଥିଲେ ।

## ୧୫୩ ଗ୍ରାମ ବ୍ରାଉନ ସୁଗାର ଜବତ: ଜଣେ ଗିରଫ



କଟକ(ନିପ୍ର): ରଥଯାତ୍ରା ଉପଲକ୍ଷେ ନିଶା କାରବାର ଉପରେ କଡ଼ା ନଜର ରଖିବା ପାଇଁ ଅବକାରୀ ବିଭାଗ ଦ୍ୱାରା ଆରମ୍ଭ କରାଯାଇଥିବା ସ୍ୱତନ୍ତ୍ର ଅଭିଯାନ ଅଧୀନରେ ସୋମବାର ଅବକାରୀ ଗୁଇନ୍ଦା ବିଭାଗ ୟୁନିଟ୍-୧ (ଫ୍ଲାଇଂ ସ୍କ୍ୱାର୍ଡ), କଟକ ପକ୍ଷରୁ ପୁରୀ ଜିଲ୍ଲାରେ ଗୋଟିଏ ବଡ଼ ଏନଡିପିଏସ ମାମଲା ରୁଜୁ କରାଯାଇଛି । ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ୍ ସମରଜିତ୍ ଦାସଙ୍କ ନିର୍ଦ୍ଦେଶକ୍ରମେ ଏବଂ ଅବକାରୀ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ୍ ରୋଶନ ଇସୁ ହାଂସଦାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଇନିସ୍ପେକ୍ଟର ସୁଶାନ୍ତ କୁମାର ମହାପାତ୍ରଙ୍କ ନେତୃତ୍ୱରେ ପୁରୀ ଜିଲ୍ଲା ସତ୍ୟବାଦୀ ଥାନା ଅଧୀନ ସଦାନ୍ଦପୁର ଛକଠାରେ ଚଢ଼ାଉ କରାଯାଇ ଥିଲା । ଚଢ଼ାଉ ବେଳେ ସଦାନ୍ଦପୁର ନିବାସୀ ପ୍ରତାପ ବେହେରା (୩୫)ଙ୍କ ନିକଟରୁ ୧୫୩ ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଛି । ଜବତ ବ୍ରାଉନସୁଗାର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୧୫ ଲକ୍ଷ ୩୦ ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଛି । ଏହି ଚଢ଼ାଉ ଟିମରେ ସବ୍ ଇନ୍ସପେକ୍ଟର ଅମିତ୍ କୁମାର ବିଶ୍ୱାଳ, ସବ୍ ଇନ୍ସପେକ୍ଟର ସନ୍ତୋଷ କୁମାର ସ୍ୱାଇଁ, ମହିଳା କନଷ୍ଟେବଲ ଅନ୍ନପୂର୍ଣ୍ଣା ଗଣ୍ଡ, କନଷ୍ଟେବଲ ଗୌରାଙ୍ଗ ନାୟକ, ପବିତ୍ର କୁମାର ଦାଶ, ଜଗନ୍ନାଥ ସାହୁ, ଚନ୍ଦ୍ରକାନ୍ତ ସାହୁ, ମୁନିରାମ ହାଁସଦା ଏବଂ ଡ୍ରାଇଭର କୃଷ୍ଣ ମୋହନ ଦାସ ପ୍ରମୁଖ ସାମିଲ ଥିଲେ । ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ଓ ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି ।

## ଚୋରି ଜିନିଷ ବିକ୍ରି ଅଭିଯୋଗ, ଦୁଇ କବାଡିଆ ଗିରଫ

ଭୁବନେଶ୍ୱର,୧୩।୦୭ (ନି.ପ୍ର): କବାଡିଆ ଦୋକାନ ନାଁରେ ଚୋରି ସାମଗ୍ରୀ ବିକ୍ରି କରୁଥିବା ଅଭିଯୋଗରେ ଇନଫୋସ୍ୟାଲି ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଅର୍କିତ ଓରଫ ଅଙ୍କିତ ଶର୍ମା ଓ ଗଣେଷ ଗୁପ୍ତା । ପୁଲିସ ଏମାନଙ୍କ ବିରୋଧରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ ଯେ, ଇନଫୋସ୍ୟାଲି ଥାନାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସମ୍ପୃକ୍ତ ଥାନାର ଏକ ପେଟ୍ରୋଲିଙ୍ଗ ଟିମ ଗତକାଲି ସନ୍ଧ୍ୟାରେ ନିଜ ଅଞ୍ଚଳରେ ପେଟ୍ରୋଲିଙ୍ଗ କରୁଥିବା ବେଳେ, ଗିରଫ ଦୁଇ ଅଭିଯୁକ୍ତ ଏକାଠି ମିଶି ଗୌଡ କାଶୀପୁର ଅଞ୍ଚଳରେ ଏକ କବାଡିଆ ଦୋକାନ ବ୍ୟବସାୟ କରୁଥିବା ଏବଂ ଉଭୟ ନିଜ ଜ୍ଞାତସାରରେ ଚୋରା ସାମଗ୍ରୀ ସବୁକୁ ସଂଗ୍ରହ କରି ଆଣି ସେଠାରେ ସାଧାରଣ ଲୋକଙ୍କୁ କାମ ଦାମରେ ବିକ୍ରୟ କରୁଥିବା ନେଇ ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ । ମିଳିଥିବା ସୂଚନା ଆଧାରରେ ପେଟ୍ରୋଲିଙ୍ଗ ଟିମ ଘଟଣା ସ୍ଥଳରେ ଚଢଉ କରି ଛାନଭିନ କରିଥିଲେ । ଛାନଭିନ ସମୟରେ ଉକ୍ତ କବାଡିଆ ଦୋକାନରେ ବିପୁଳ ପରିମାଣର ଚୋରା ବୈଦୁତିକ ସରଞ୍ଜାମ ସବୁ ଗଚ୍ଛିତ ହୋଇ ରହିଥିବା ଦେଖାଯାଇଥିଲା । ଉକ୍ତ ସରଞ୍ଜାମ ସମ୍ପର୍କିତ ମାଲିକାନା କାଗଜପତ୍ର ଯାଞ୍ଚ ସମୟରେ ସେଗୁଡିକ ଚୋରା ମାଲ ହୋଇଥିବା ନେଇ ଉଭୟ ଅଭିଯୁକ୍ତ ସ୍ୱୀକାର କରିଥିଲେ । ପରବର୍ତ୍ତୀ ସମୟରେ ପୁଲିସ ଟିମ ଦୁଇ ଅଭିଯୁକ୍ତଙ୍କ ସହ ଉକ୍ତ ଚୋରା ବୈଦୁତିକ ସରଞ୍ଜାମ ସବୁକୁ ଜବତ କରି ଥାନାକୁ ଆଣିଥିଲେ । ମାମଲାର ତଦନ୍ତ କାଳରେ ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ, ଏହି ମାମଲାରେ ଅନ୍ୟ ଅଭିଯୁକ୍ତଙ୍କ ସମ୍ପୃକ୍ତି ଜାଣିବା ଲାଗି ତଦନ୍ତ ପ୍ରକ୍ରିୟା ଜାରି ରହିଛି ।

# ଭଡ଼ା ବାହାନାରେ ଗାଡ଼ି ନେଇ ଫେରାର, ନକଲି ସରକାରୀ ଅଫିସର ଗିରଫ

ଭୁବନେଶ୍ୱର,୧୩।୦୭ (ନି.ପ୍ର): ନିଜକୁ ଜଣେ ସରକାରୀ କର୍ମଚାରୀ ବୋଲି ପରିଚୟ ଦେଇ ଏକ ଟ୍ରାଭେଲ ଏଜେନ୍ସିରୁ ଗାଡି ଭଡାରେ ନେଇ ଫେରାର ହେବା ଅଭିଯୋଗରେ ନୂଆପଲ୍ଲୀ ପୁଲିସ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ଆଶିଷ କୁମାର ସାମଲ । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲଣ କରିଛି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ସନ୍ତୋଷ କୁମାର ପୁହାଣ ଗତ ୧୭ ବର୍ଷ ଧରି ବେହେରା ସାହି ଛକରେ "ଓମ ଟୁର୍ ଆଣ୍ଡ୍ ଟ୍ରାଭେଲ୍ସ " ନାମରେ ଏକ ଟ୍ରାଭେଲ୍ ଏଜେନ୍ସି ବ୍ୟବସାୟ କରିଆସୁଛନ୍ତି । ଗତ ୨୬.୦୬.୨୦୨୬ ରେ ଆଶିଷ କୁମାର ସାମଲ ନାମକ ଜଣେ ଅଭିଯୁକ୍ତ ନିଜକୁ ଏକ ସରକାରୀ କର୍ମଚାରୀ ବୋଲି ପରିଚୟ ଦେଇ ଏକ ସରକାରୀ ପ୍ରକଳ୍ପ କାମ ପାଇଁ ପୁରୀ ଯିବା ଉଦ୍ଦେଶ୍ୟରେ ତାଙ୍କର ଇନୋଭା କ୍ରିଷ୍ଟା ଗାଡ଼ିକୁ ଭଡ଼ାରେ ନେଇଥିଲେ । ସେହି ଦିନ ଗାଡ଼ି ଫେରାଇବା ପରିବର୍ତ୍ତେ ଆଶିଷ କୁମାର ସାମଲ କହିଥିଲେ ଯେ, ପ୍ରକଳ୍ପର କାମ ଶେଷ ହୋଇନାହିଁ ଏବଂ ଆହୁରି ଚାରି ଦିନ ଲାଗିବ । ଏହାପରେ ସେ ବାରମ୍ବାର ବିଭିନ୍ନ ବାହାନା କରି ଗାଡ଼ି ଫେରାଇ ନଥିଲେ କିମ୍ବା ଭଡ଼ା ବାବଦରେ କୌଣସି ଟଙ୍କା ଦେଇ ନଥିଲେ । ଏଥିସହିତ ସେ ଅଭିଯୋଗକାରୀଙ୍କ ଡ୍ରାଇଭରଙ୍କ ଠାରୁ ମଧ୍ୟ ୪୦,୦୦୦ ଟଙ୍କା ବଦଳରେ ୫୫,୦୦୦ ଟଙ୍କା ଫେରାଇବାର ପ୍ରତିଶୃତି ଦେଇ ଟଙ୍କା ଋଣ ଆକାରରେ ନେଇଯାଇଥିଲେ, କିନ୍ତୁ ତାହା ମଧ୍ୟ ଫେରସ୍ତ କରିନଥିଲେ । ପ୍ରାୟ ୧୬ ଦିନ ବିତିଯିବା ପରେ ଅଭିଯୋଗକାରୀଙ୍କର ସନ୍ଦେହ ହୋଇଥିଲା । ତେଣୁ ସେ ଗାଡ଼ିର ଲୋକେସନ୍ ଟ୍ରାକ୍ କରି ଅଭିଯୁକ୍ତ ଆଶିଷ କୁମାର ସାମଲଙ୍କୁ କାବୁ କରିବା ସହ ତାଙ୍କ ହେପାଜତରୁ ଗାଡିକୁ ଉଦ୍ଧାର କରିଥିଲେ ଏବଂ ଘଟଣା ସମ୍ପର୍କରେ ପୋଲିସ ନିକଟରେ ଅଭିଯୋଗ କରି ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଥିଲେ । ତଦନ୍ତ ବେଳେ, ଜଣାପଡିଥିଲା ଯେ, ଅଭିଯୋଗକାରୀ ଅଭିଯୁକ୍ତଙ୍କୁ ନିଜ କାର୍ଯ୍ୟାଳୟକୁ ଆଣି ଗାଡି ଭଡା ବାବଦକୁ ହୋଇଥିବା ୧,୫୦,୦୦୦ ଟଙ୍କା ପୈଠ କରିବାକୁ ତାଙ୍କୁ କହିଥିଲେ । କିନ୍ତୁ ଅଭିଯୁକ୍ତ ଟଙ୍କା ଦେବାଲାଗି ଅସମର୍ଥ ପ୍ରକାଶ କରିବା ସହ ଏକ ବ୍ୟାଙ୍କ ଚେକ ପ୍ରଦାନ କରିଥିଲେ, ଯାହାକି ଜାଲ ଥିବା ଅଭିଯୋଗକାରୀଙ୍କର ସନ୍ଦେହ ହୋଇଥିଲା । ପୁଲିସ ମାମଲାର ତଦନ୍ତ ବେଳେ, ଅଭିଯୁକ୍ତ ଆଶିଷ କୁମାର ସାମଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ, ସେ ନିଜର ଦୋଷ ସ୍ୱୀକାର କରିଥିଲେ ।

## ଦୁଇ ଚାହା ଦୋକାନ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଓ ଟଙ୍କା ଲୁଟ୍

ହିଞ୍ଜିଳିକାଟୁ(ନିପ୍ର): ହିଞ୍ଜିଳି ଥାନା ତଥା ହିଞ୍ଜିଳିକାଟୁ ପୌରାଞ୍ଚଳ ସୋମପୁର ନିକଟସ୍ଥ ୫୯ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ୨ଟି ଚାହା ଦୋକାନରୁ ଲୁଟେରା ଗୋଷ୍ଠୀ ଦୋକାନ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସିଗାରେଟ୍, ନାମୀଦାମୀ କମ୍ପାନୀର ଶୀତଳ ପାନୀୟ ଜଳ ଓ ନଗଦ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି । ପ୍ରକାଶ ଯେ, ୫୯ ନଂ ଜାତୀୟ ରାଜପଥ ତଥା ହିଞ୍ଜିଳି ଥାନା ସୋମପୁର ଛକ ନିକଟରେ ଆଙ୍କୋରଡା ଗ୍ରାମର ଅଜିତ୍ ପାଣିଗ୍ରାହୀଙ୍କ ଚାହା ଦୋକାନରୁ ଲୁଟେରା ମାନେ ରବିବାର ବିଳମ୍ବିତ ରାତିରେ ଦୋକାନ ତାଲା ଭାଙ୍ଗିବା ସହ ସିସିଟିଭି କ୍ୟାମେରା ଭାଙ୍ଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଓ ୩ ହଜାର ଟଙ୍କା ଲୁଟ୍ କରି ଫେରାର ହୋଇଯାଇଥିଲେ । ଅଜିତ ସୋମବାର ଭୋର୍ ସମୟରେ ଦୋକାନ ଖୋଲିବାକୁ ଆସି ଦୋକାନ ତାଲା ଭଙ୍ଗା ଯାଇଥିବା ଓ ଲୁଟ୍ ହୋଇଥିବା ଜାଣିପାରି ଘଟଣା ନେଇ ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଭିତ୍ତିରେ ହିଞ୍ଜିଳି ଥାନାରେ ଏକ ମାମଲା ରୁଜୁ କରି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଅନୁରୂପ ଭାବେ ସେହି ସ୍ଥାନରେ ନିକଟରେ ଥିବା ସିଲୁ ସାହୁଙ୍କ ଚାହା ଦୋକାନରୁ ମଧ୍ୟ ଲୁଟେରା ମାନେ ଦୋକାନ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସିଗାରେଟ୍, ନାମୀଦାମୀ କମ୍ପାନୀର ଶୀତଳ ପାନୀୟ ଜଳ ଓ ନଗଦ ଟଙ୍କା ଲୁଟି ନେଇଥିବା ଜଣାପଡିଛି । ତେବେ ଖବର ଲେଖା ହେବା ସୁଦ୍ଧା ହିଞ୍ଜିଳି ଥାନାରେ ଅଜିତ ଅଭିଯୋଗ କରିଛନ୍ତି କିନ୍ତୁ ସିଲୁ ଅଭିଯୋଗ କରିନଥିବା ଥାନା ଆଇଆଇସି ଶ୍ରୀନିବାସ ସେଠି କହିଛନ୍ତି ।

# ଚାଷ ସମୟରେ ସାର ସଂକଟ: ଚାଷୀ ଆତଙ୍କିତ



**ନିରାକାରପୁର, ୧୩/୭(ନିପ୍ର):** ସ୍ଥାନୀୟ ଅଞ୍ଚଳରେ ଖରିଫ ଧାନ ଚାଷକାର୍ଯ୍ୟ ଏବେ ଜୋର ଧରିଥିବା ବେଳେ ସାର ଯୋଗାଣରେ ଅହେତୁକ ବିଳମ୍ବ ଚାଷୀ ମହଲରେ ଗଭୀର ଚିନ୍ତା ଓ ଆତଙ୍କ ସୃଷ୍ଟି କରିଛି। ବିଲରେ ଏବେ ସାରର ସର୍ବାଧିକ ଆବଶ୍ୟକତା ଥିବାବେଳେ ସେବା ସମବାୟ ସମିତିଗୁଡ଼ିକରୁ ସାର ନମିଳିବା ଚାଷୀଙ୍କୁ ହତାଶ କରିଛି। ଚାଷୀମାନଙ୍କ ଅଭିଯୋଗ ଅନୁଯାୟୀ, ଧାନ ଚାଷ ପାଇଁ ନିହାତି ଜରୁରୀ ହେଉଥିବା ଡିଏପି, ଗ୍ରୋମୋର ଏବଂ ପଟାସ ଭଳି ସାର ଏପର୍ଯ୍ୟନ୍ତ ଅଧିକାଂଶ ସମବାୟ ସମିତିରେ ପହଞ୍ଚିନାହିଁ। ଅପରପକ୍ଷରେ, କେତେକ ସମିତିକୁ ୟୁରିଆ ସାର ଆସିଥିଲେ ମଧ୍ୟ ତାହାକୁ ଚାଷୀଙ୍କୁ ବଣ୍ଟନ କରାଯାଉ ନାହିଁ। ଫଳରେ ସାର ପାଇଁ ଚାଷୀମାନେ ବାରମ୍ବାର ସମିତିକୁ ଦୌଡ଼ି ନିରାଶ ହୋଇ ଫେରୁଛନ୍ତି। ଠିକ୍ ସମୟରେ ସାର ପ୍ରୟୋଗ କରାନଗଲେ ଚାଷ ବ୍ୟାହତ ହେବା ସହ ଫସଲ ଉତ୍ପାଦନ ହ୍ରାସ ପାଇବ ବୋଲି ସେମାନେ ଆଶଙ୍କା କରିଛନ୍ତି। ଏହି ସଂକଟର ତୁରନ୍ତ ସମାଧାନ କରି ସ୍ୱଚ୍ଛତାର ସହ ସାର ବଣ୍ଟନ ପାଇଁ ଜିଲ୍ଲା ପ୍ରଶାସନ ଓ କୃଷି ବିଭାଗ ନିକଟରେ ଚାଷୀମାନେ ଦାବି କରିଛନ୍ତି। ଏହି ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ନବରଙ୍ଗପୁର ଓ ଝାରସୁଗୁଡ଼ା ଜିଲ୍ଲାରେ ପାଇଲଟ୍ ଭିତ୍ତିରେ ଆରମ୍ଭ ହୋଇଥିବା 'କ୍ୟୁଆର୍ କୋଡ୍ ଆଧାରିତ ସାର ବଣ୍ଟନ ବ୍ୟବସ୍ଥା' କୁ ନେଇ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ଆଲୋଚନା ଜୋର ଧରିଛି। ଏହି ବ୍ୟବସ୍ଥା ଦ୍ୱାରା ସାର ବଣ୍ଟନରେ ସ୍ୱଚ୍ଛତା ଆସିବ ଏବଂ କଳାବଜାରୀ ରୋକା ଯାଇପାରିବ ବୋଲି କୃଷି ବିଶେଷଜ୍ଞ ମାନେ କହୁଛନ୍ତି। ଅନେକ ଗ୍ରାମାଞ୍ଚଳରେ ନେଟୱର୍କ ସମସ୍ୟା ରହିଛି ଏବଂ ସମସ୍ତ ଗରିବ ଚାଷୀଙ୍କ ପାଖରେ ସ୍ମାର୍ଟଫୋନ୍ ନାହିଁ। କେବଳ ବୈଷୟିକ ବା ଡିଜିଟାଲ୍ ଅସୁବିଧା ଯୋଗୁଁ କୌଣସି ପ୍ରକୃତ ଚାଷୀ ଯେପରି ସାର ପାଇବାରୁ ବଞ୍ଚିତ ନହୁଅନ୍ତି, ସେଥିପାଇଁ ଏହି ବ୍ୟବସ୍ଥା ସହ ଏକ ସହଜ ଅଫ୍‌ଲାଇନ୍ ବିକଳ୍ପ ରଖିବା ଜରୁରୀ। ଜିଲ୍ଲାରେ ଏହି ନୂଆ ନିୟମ କେବେ ଲାଗୁ ହେବ, ଚାଷୀ ପଞ୍ଜୀକରଣ କେମିତି ହେବ ଏବଂ ସାଧାରଣ ଫୋନ୍ ବ୍ୟବହାର କରୁଥିବା ଚାଷୀଙ୍କ ପାଇଁ କି ବ୍ୟବସ୍ଥା ରହିବ, ସେନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ସଚେତନତା ସୃଷ୍ଟି କରାଯାଉ ବୋଲି ଚାଷୀମାନେ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ ଯେ, ବର୍ତ୍ତମାନ ଏହି କ୍ୟୁଆର୍ କୋଡ୍ ଆଧାରିତ ବ୍ୟବସ୍ଥାଟି କେବଳ ପ୍ରାଥମିକ ପାଇଲଟ୍ ପର୍ଯ୍ୟାୟରେ ରହିଛି। କିନ୍ତୁ ବର୍ତ୍ତମାନର ସାର ସଂକଟକୁ ଦେଖି ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ସ୍ଥାନୀୟ ଚାଷୀକୁଳ ଦୃଢ଼ ଦାବି କରିଛନ୍ତି।

### ● ଇତିହାସ ରଚିଲା ଭାରତୀୟ ମହିଳା ଦଳ

# ଲର୍ଡସରେ ଜିତିଲା ପ୍ରଥମ ଟେଷ୍ଟ ମ୍ୟାଚ୍



ନୂଆଦିଲ୍ଲୀ, ୧୩/୭: ଭାରତୀୟ ମହିଳା କ୍ରିକେଟ ଦଳ ଲଣ୍ଡନର ପ୍ରସିଦ୍ଧ 'ଲର୍ଡସ' ମୈଦାନରେ ଐତିହାସିକ ସଫଳତା ହାସଲ କରିଛି। ଏକ ରୋମାଞ୍ଚକର ମ୍ୟାଚରେ ଘରୋଇ ଇଂଲଣ୍ଡ ଦଳକୁ ପରାସ୍ତ କରି ଭାରତୀୟ ମହିଳା ଟିମ୍ ଲର୍ଡସରେ ନିଜର ପ୍ରଥମ ଟେଷ୍ଟ ବିଜୟ ପାଇଛି। ଏହି ସ୍ମରଣୀୟ ବିଜୟ ସହ ଭାରତୀୟ ମହିଳା କ୍ରିକେଟ୍ ଇତିହାସରେ ଏକ ନୂତନ ଅଧ୍ୟାୟ ଯୋଡ଼ି ହୋଇଯାଇଛି। ପ୍ରଥମ ଥର ପାଇଁ ଲର୍ଡସରେ ମହିଳା ଟେଷ୍ଟ କ୍ରିକେଟ୍ ମ୍ୟାଚ୍ ଆୟୋଜିତ ହୋଇଥିଲା। ଆଉ ଏହି ମ୍ୟାଚରେ ଐତିହାସିକ ବିଜୟ ହାସଲ କରିଛି ଭାରତୀୟ ମହିଳା ଦଳ ମ୍ୟାଚ୍ ଆରମ୍ଭରୁ ହିଁ ଭାରତୀୟ ଖେଳାଳିମାନେ ଦମଦାର ପ୍ରଦର୍ଶନ କରି ଇଂଲଣ୍ଡ ଉପରେ ଚାପ ସୃଷ୍ଟି କରିଥିଲେ। ଉଭୟ ବ୍ୟାଟିଂ ଏବଂ ବୋଲିଂ ବିଭାଗରେ ଦଳ ସନ୍ତୁଳିତ ପ୍ରଦର୍ଶନ କରିଥିଲା। ପ୍ରଥମ ଇନିଂସରୁ ହିଁ ଭାରତୀୟ ବ୍ୟାଟର ଧୈର୍ଯ୍ୟର ସହ ଖେଳି ଏକ ବଡ଼ ସ୍କୋର ଛିଡ଼ା କରିଥିଲେ। ଦଳର ଅଭିଜ୍ଞ ତଥା ଯୁବ ଖେଳାଳିଙ୍କ ମଧ୍ୟରେ ଉତ୍କୃଷ୍ଟ ଭାଗିଦାରୀ ଦେଖିବାକୁ ମିଳିଥିଲା। ଏହା ଦଳକୁ ମଜଭୁତ ସ୍ଥିତିରେ ପହଞ୍ଚାଇଥିଲା। ପ୍ରଥମ ଇନିଂସରେ ଭାରତୀୟ ଦଳ ୨୮୫ ରନ୍ କରିଥିଲା। ଏହା ଜବାବରେ ଇଂଲଣ୍ଡ ଟିମ ନିଜର ପ୍ରଥମ ଇନିଂସରେ ମାତ୍ର ୧୭୦ ରନ୍ କରିପାରିଥିଲା। ଦ୍ୱିତୀୟ ଇନିଂସରେ ଭାରତୀୟ ଟିମ୍ ଯଷ୍ଟିକା ଭାଟିଆଙ୍କ ଶତକ ଏବଂ ସ୍ମୃତି ମନ୍ଧାନା ଓ ରିଚା ଘୋଷଙ୍କ ଦମଦାର ଅର୍ଦ୍ଧଶତକ ବଳରେ ମୋଟ ୩୪୧ ରନ୍ କରିଥିଲା। ଯଷ୍ଟିକା ଭାଟିଆ ପ୍ରଥମ ମହିଳା କ୍ରିକେଟର ଭାବରେ ଲର୍ଡସରେ ଶତକ ହାସଲ କରି ରେକର୍ଡ କରିଛନ୍ତି। ପ୍ରଥମ ଇନିଂସରେ ଭାରତ ୧୭୧ ରନରେ ଅଗ୍ରଣୀ ହାସଲ କରିଥିଲା। ଏହା ପରେ ଇଂଲଣ୍ଡ ଦଳ ଭାରତୀୟ ବୋଲରଙ୍କ ସାମ୍ନାରେ ଆତ୍ମସମର୍ପଣ କରି କେବଳ ୧୮୬ ରନରେ ଅଲଆଉଟ ହୋଇଯାଇଥିଲା। ଫଳରେ ଭାରତୀୟ ଟିମ୍ ୨୭୦ ରନର ଐତିହାସିକ ବିଜୟ ହାସଲ କରିଛି।

## ରାଜଧାନୀରୁ ଧରାପଡ଼ିଲେ ୭ ଲୁଟେରା ଗ୍ୟାଙ୍ଗ

**ଭୁବନେଶ୍ୱର, ୧୩।୭(ନିପ୍ର):** ନୂଆପଲ୍ଲୀ ପୋଲିସକୁ ମିଳିଛି ବଡ ସଫଳତା। ରାଜଧାନୀରୁ ଧରାପଡିଛନ୍ତି ବଞ୍ଜାରା ଲୁଟେରା ଗ୍ୟାଙ୍ଗ୍। ଗ୍ୟାଙ୍ଗର ୭ ଜଣଙ୍କୁ ପୋଲିସ ଗିରଫ କରିବା ସହ ସେମାନଙ୍କଠାରୁ ନଗଦ ୧୨ ଶହ ଟଙ୍କା ଓ ୫୦ଟି ଫୋନ ଜବତ କରିଛି। ଗିରଫ ଅପରାଧୀମାନେ ହେଲେ ପଶ୍ଚିମବଙ୍ଗର ଚନ୍ଦ୍ର ସିଂ(୨୫), ସୋନି ସିଂ(୨୨), ସରସ୍ୱତୀ ସିଂ(୨୦), କାର୍ତ୍ତିକ ସିଂହ(୧୯), ରାଜେଶ ସିଂ(୨୧), ଶକ୍ତି ସିଂହ (୨୭) ଓ ବିଜୟ ସିଂ(୨୩)। ଗିରଫ ଅପରାଧୀମାନଙ୍କ ଘର ପଶ୍ଚିମବଙ୍ଗରେ ହୋଇଥିବାବେଳେ ସମସ୍ତେ କଟକ ଜଗତପୁର ଅଞ୍ଚଳରେ ରହୁଥିଲେ। ସମସ୍ତଙ୍କୁ ସୋମବାର ଦିନ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ମାନେ ଆମ ବସରେ ଭିଡର ସୁଯୋଗ ନେଇ ଚୋରି କରୁଥିବା ଦଳର ସାତଜଣଙ୍କୁ କାବୁ କରିବା ସହ ସେମାନଙ୍କ ନିକଟରୁ ୫୦ ଗୋଟି ଦାମୀ ମୋବାଇଲ ଫୋନ ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି।

## ରାଜଧାନୀ କଲେଜରେ ୨ ଗୋଷ୍ଠୀ ମୁହାଁମୁହିଁ

**ଭୁବନେଶ୍ୱର, ୧୩।୭(ନିପ୍ର):** କିଛି ଦିନର ବ୍ୟବଧାନ ପରେ ରାଜଧାନୀ କଲେଜ ଏବେ ପୁଣି ଅଶାନ୍ତ ହୋଇ ଉଠିଛି। କଲେଜ ପରିସରରେ ମାରପିଟ୍ ଏବଂ ଧସ୍ତାଧସ୍ତି ନଜରକୁ ଆସିଥିବାବେଳେ କ୍ୟାମ୍ପସରେ ଛାତ୍ରଙ୍କ ମଧ୍ୟରେ ଉତ୍ତେଜନା ଏବଂ ଅଶାନ୍ତି ଲାଗିରହିବାରୁ ପୋଲିସ୍ ଫୋର୍ସ ମୁତୟନ କରାଯାଇଛି। ଖବର ଅନୁଯାୟୀ, କୌଣସି କାରଣକୁ ନେଇ ରାଜଧାନୀ କଲେଜରେ ୨ ଗୋଷ୍ଠୀ ମଧ୍ୟରେ ମାରପିଟ୍ ହୋଇଥିଲେ। ଦୁଇ ଛାତ୍ର ଗୋଷ୍ଠୀ ମୁହାଁମୁହାଁ ହୋଇଥିଲେ ଏପିରିକି କଲେଜ କ୍ୟାମ୍ପରେ ଥିବା ଚୌକିରେ ମାରପିଟ ହୋଇଥିଲେ। ଏହି ଗଣ୍ଡଗୋଳ ଲାଗି ଜଣେ ଛାତ୍ର ଆହତ ହୋଇଛନ୍ତି।

## ମତ୍ସ୍ୟଚାଷୀ ପାଇଲେ ଜାତୀୟ ପୁରସ୍କାର



କୁଚିଣ୍ଡା, ୧୩/୭(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ କୁନ୍ତରା ପଞ୍ଚାୟତ ଝାରମାଲ ଗ୍ରାମର ଇଶ୍ୱର ଚନ୍ଦ୍ର ମାଝି ଗତ ୧୦ ତାରିଖରେ ଭୁବନେଶ୍ୱର ସିଫା ଦ୍ୱାରା ଆୟୋଜିତ ଦ୍ୱିଦିବସୀୟ କର୍ମଶାଳାରେ ମତ୍ସ୍ୟଚାଷୀ ଭାବେ ଜାତୀୟ ପୁରସ୍କାର ପାଇଛନ୍ତି। ସେ ବୈଜ୍ଞାନିକ ପଦ୍ଧତିରେ ଉନ୍ନତ ମାଛ ଚାଷ କରି ଉଦାହରଣ ସୃଷ୍ଟି କରି ଅନ୍ୟ ମାଛ ଚାଷୀଙ୍କୁ ଅନୁପ୍ରାଣିତ କରିଥିବାରୁ ସିଫା ବୈଜ୍ଞାନିକ ପ୍ରେମ କୁମାର ମେହେରଙ୍କ ସୁପାରିସ କ୍ରମେ ଏହି ସମ୍ମାନ ପ୍ରାପ୍ତ କରିଛନ୍ତି। ଆପିକଲ ନିର୍ଦ୍ଦେଶକ ତଥା ମୁଖ୍ୟମନ୍ତ୍ରୀଙ୍କ ସଚିବ ଶୁଭ୍ରାଂଶୁ ମିଶ୍ର, ଡ଼ା. ନିରଞ୍ଜନ ପଣ୍ଡା, ଡ଼ା.ପି.କେ ସାହୁ,ଡ଼ା. ବି.ପି ମହାନ୍ତି ପ୍ରମୁଖ ମତ୍ସ୍ୟଚାଷୀ ମାଝିଙ୍କୁ ମାନପତ୍ର ଦେଇ ଏହି ସମ୍ମାନ ପ୍ରଦାନ କରିଥିଲେ। ଏହି ଅବସରରେ ଡ଼ା.କୃଷ୍ଣ ଚନ୍ଦ୍ର ଦାଶ ଓ ଅନ୍ୟ ସମସ୍ତ ମତ୍ସ୍ୟ ଗବେଷକ ତଥା ବୈଜ୍ଞାନିକ ମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ କୁଚିଣ୍ଡା ଅଞ୍ଚଳରୁ ୫ ଜଣ ମହିଳା ମତ୍ସ୍ୟଚାଷୀ ମଧ୍ୟ ସାମିଲ ହୋଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

### ● ସାମୂହିକ ଛୁଟିରେ ଯିବେ ଯୋଗାଣ ସହାୟକ

## ବାଧାପ୍ରାପ୍ତ ହୋଇପାରେ ରାସନ ବଣ୍ଟନ



ବେଲଗୁଣ୍ଠା, ୧୩/୭(ନିପ୍ର): ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ବ୍ଲକର ଯୋଗାଣ ସହାୟକମାନେ ନିଜର ଦୀର୍ଘଦିନର ନ୍ୟାଯ୍ୟ ଦାବି ପୂରଣ ନେଇ ଆସନ୍ତା ୧୪ ଜୁଲାଇ ୨୦୨୬ ଠାରୁ ସାମୂହିକ ଛୁଟିରେ ଯିବା ସହ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଚେତାବନୀ ଦେଇଛନ୍ତି। ଏ ନେଇ ସଂଘ ତରଫରୁ ବେଲଗୁଣ୍ଠା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଏକ ଲିଖିତ ପତ୍ର ମାଧ୍ୟମରେ ସୂଚନା ଦିଆଯାଇଛି। ଯୋଗାଣ ସହାୟକମାନଙ୍କ ଅଭିଯୋଗ ଅନୁଯାୟୀ, ସେମାନେ ଦୀର୍ଘ ୧୪ ବର୍ଷ ଧରି ନିଷ୍ଠାର ସହ ସେବା ଯୋଗାଇ ଆସୁଥିଲେ ମଧ୍ୟ ସରକାର ସେମାନଙ୍କର ସ୍ଥାୟୀ ନିଯୁକ୍ତି ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ଦାବି ପ୍ରତି କ୍ରମାଗତ ଭାବେ ଅବହେଳା ପ୍ରଦର୍ଶନ କରିଛନ୍ତି। ଯାହାକୁ ନେଇ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସଂଘ ପକ୍ଷରୁ କୁହାଯାଇଛି ଯେ, ପୂର୍ବରୁ ଗତ ଜୁନ୍ ୧୫ ତାରିଖରେ ଲିଖିତ ଚିଠି ଏବଂ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସରକାର ଓ ଜିଲ୍ଲା ପ୍ରଶାସନକୁ ଆସନ୍ତା ୧୦ ଜୁଲାଇ ସୁଦ୍ଧା ସମସ୍ତ ଦାବି ପୂରଣ କରିବା ପାଇଁ ଅଲ୍ଟିମେଟମ୍ ଦିଆଯାଇଥିଲା। ଜନହିତ ଏବଂ ସରକାରଙ୍କ ପ୍ରତି ସହଯୋଗର ହାତ ବଢ଼ାଇ ନିକଟରେ ଆରମ୍ଭ ହୋଇଥିବା ନୂତନ ସିଏମଏୱାଇ ଯୋଜନାର ସମସ୍ତ କାର୍ଯ୍ୟକୁ ସେମାନେ ସଫଳତାର ସହ ଶେଷ କରିଥିଲେ।

### ଇସ୍କନ ମନ୍ଦିର ରଥଯାତ୍ରା

## କମିଶନରେଟ୍ ପୋଲିସର ଟ୍ରାଫିକ୍ କଟକଣା

ଭୁବନେଶ୍ୱର, ୧୩।୭(ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ଇସ୍କନ ରଥଯାତ୍ରା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ଟ୍ରାଫିକ କଟକଣା ଲାଗୁ କରାଯାଇଛି। ଇସ୍କନ୍ ମନ୍ଦିର ଯିବା ରାସ୍ତା ଏବଂ ଏହାର ଚତୁପାର୍ଶ୍ୱରେ ବହୁ ମାତ୍ରାରେ ଶ୍ରଦ୍ଧାଳୁଙ୍କ ଜନସମାଗମ ହେବା ସମ୍ଭାବନା ଅଛି। ଶ୍ରଦ୍ଧାଳୁଙ୍କ ଗମନାଗମନ ଓ ଯାନବାହାନର ପରିଚାଳନା ଲାଗି କମିଶନରେଟ୍ ପୋଲିସ ପକ୍ଷରୁ ଏହି ବ୍ୟବସ୍ଥା କରାଯାଇଛି। ଏନେଇ ସୋମବାର ଟ୍ରାଫିକ୍ ନିର୍ଦ୍ଦେଶନାମା ଜାରି କରାଯାଇଛି। ୧୬ ତାରିଖରେ ରଥଯାତ୍ରା ଓ ୨୪ ତାରିଖରେ ବାହୁଡା ଯାତ୍ରା ପାଇଁ କଟକଣା ଜାରି ହୋଇଛି। ଅପରାହ୍ନ ୩ଟାରୁ ରଥଗୁଡ଼ିକ ସିଆରପି ଛକ ଅତିକ୍ରମ ନକରିବା ପର୍ଯ୍ୟନ୍ତ ଖୋର୍ଦ୍ଧା ପାର୍ଶ୍ୱରୁ ଫାୟାର ଷ୍ଟେସନ ସର୍ଭିସ୍ ରୋଡ ଦେଇ କୌଣସି ଭାରୀଯାନ ସିଆରପି ଛକ ଆଡ଼କୁ ଆସିପାରିବ ନାହିଁ। ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲ୍ ଠାରୁ ସିଆରପି ଛକ ପର୍ଯ୍ୟନ୍ତ ଗାଡ଼ି ଚଳାଚଳ ବନ୍ଦ କରାଯାଇଛି। ଏଥିସହ ସିଆରପି ଛକରୁ ଇସ୍କନ୍ ପର୍ଯ୍ୟନ୍ତ ଗାଡ଼ି ଚଳାଚଳ ଉପରେ ବାରଣ କରାଯାଇଛି। ରଥଗୁଡ଼ିକ ସିଆରପି ଛକ ଅତିକ୍ରମ ନକରିବା ପର୍ଯ୍ୟନ୍ତ କୌଣସି ଯାନବାହାନ କସ୍ତୁରବା ସ୍କୁଲ୍ ପାର୍ଶ୍ୱ ଏବଂ ନୟାପଲ୍ଲୀ ଅଣ୍ଡର ପାସରୁ ସିଆରପି ଛକ ଆଡ଼କୁ ସର୍ଭିସ୍ ରୋଡ୍ ଦେଇ ଯାତାୟତ କରିପାରିବ ନାହିଁ। ସେହିପରି ୨୫ ତାରିଖରେ ସୁନାବେଶ ଲାଗି ମଧ୍ୟ ଟ୍ରଫିକ କଟକଣା ଲାଗୁ କରାଯାଇଛି। ଏହି ଦିନ ସନ୍ଧ୍ୟା ୫ଟାରୁ ସୁନାବେଶ ଦର୍ଶନ ଶେଷ ହେବା ପର୍ଯ୍ୟନ୍ତ କଟକଣା ରହିବ।

# ଏମସିଏଲ୍‌ର ସୁରକ୍ଷା ବ୍ୟବସ୍ଥା ସମୀକ୍ଷା

**ସମ୍ବଲପୁର, ୧୩/୭(ନିପ୍ର):** କୋଲ୍ ଇଣ୍ଡିଆ କର୍ପୋରେଟ୍ ସେଫ୍ଟି ବୋର୍ଡର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଗତ ଜୁଲାଇ ୯ ରୁ ୧୨, ୨୦୨୬ ତାରିଖ ପର୍ଯ୍ୟନ୍ତ ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍ ଗସ୍ତ କରି ଏହାର ବିଭିନ୍ନ କାର୍ଯ୍ୟକ୍ଷମ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ଓ ଭିତ୍ତିଭୂମିର ସମୀକ୍ଷା କରିଛନ୍ତି। ଏମସିଏଲ୍‌ର ଅଧ୍ୟକ୍ଷ-ତଥା-ପ୍ରବନ୍ଧ ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ, କୋଲ୍ ଇଣ୍ଡିଆ ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ସୁରକ୍ଷା) ସି.ପି. ଗର୍ଗଙ୍କ ନେତୃତ୍ୱରେ ଆସିଥିବା ଏହି ପ୍ରତିନିଧି ଦଳକୁ ସ୍ୱାଗତ କରିଥିଲେ। ଯେଉଁଥିରେ ଏନ୍‌କେ ସିଂହ (ବି.ଏମ୍.ଏସ୍), ଅଖତର ଜାଭେଦ୍ ଓସମାନି (ଏଚ୍.ଏମ୍.ଏସ୍), ସି ଜେ ଜୋସେଫ୍ (ଏ.ଆଇ.ଟି.ୟୁ.ସି), ଜି କେ ଶ୍ରୀବାସ୍ତବ (ସି.ଆଇ.ଟି.ୟୁ) ଏବଂ ଆର୍ କେ ଶର୍ମା (ଆଇ.ଏମ୍.ଏମ୍.ଏ) ସାମିଲ ଥିଲେ। ଏହି ଚାରି ଦିନିଆ ଗସ୍ତ କାଳରେ ଟିମ୍ ଲଖନପୁର ଅଞ୍ଚଳର ହିମଗିର ବୁନ୍ଦିଆ ଭୂତଳ ଖଣି, ସମଲେଶ୍ୱରୀ ଓପନ୍ କାଷ୍ଟ ପ୍ରକଳ୍ପ, ବେସିକ୍ ଟ୍ରେନିଂ ଇନଷ୍ଟିଚ୍ୟୁଟ୍ ଓ ଗୋ ଅମୃତ ଗୋଶାଳା ଏବଂ ଓରିଏଣ୍ଟ ଅଞ୍ଚଳର ଚନ୍ଦ୍ରଶେଖର ଆଜାଦ ଇକୋ ପାର୍କ ପରିଦର୍ଶନ କରିଥିଲେ। ହିମଗିର ବୁନ୍ଦିଆ ଖଣିର ସୁବିକଶିତ ଭୂତଳ ଓ ଭୂପୃଷ୍ଠ ଭିତ୍ତିଭୂମି, ଇକୋ ପାର୍କର ପରିବେଶ ଅନୁକୂଳ ପଦକ୍ଷେପ ଏବଂ ସମଲେଶ୍ୱରୀ ଓସିପିରେ ଗ୍ରହଣ କରାଯାଇଥିବା ବିଭିନ୍ନ ସୁରକ୍ଷା ବ୍ୟବସ୍ଥାକୁ ସଦସ୍ୟମାନେ ଉଚ୍ଚ ପ୍ରଶଂସା କରିବା ସହ ସୁରକ୍ଷା ନିୟମାବଳୀର ଅନୁପାଳନକୁ ବୁଝିବା ପାଇଁ ସେମାନେ ବିଭାଗୀୟ ଏବଂ ଚୁକ୍ତିଭିତ୍ତିକ କର୍ମଚାରୀମାନଙ୍କ ସହ ମଧ୍ୟ ମତ ବିନିମୟ କରିଥିଲେ। ପ୍ରତିନିଧି ଦଳ ଲଖନପୁର ସ୍ଥିତ ବି.ଟି.ଆଇଠାରେ ଭର୍ଚୁଆଲ୍ ରିଆଲିଟି ଆଧାରିତ ସୁରକ୍ଷା ପ୍ରଶିକ୍ଷଣ ମଡ୍ୟୁଲ୍ ପରିଦର୍ଶନ କରିଥିଲେ ଏବଂ ଆଧୁନିକ ଜ୍ଞାନକୌଶଳ ମାଧ୍ୟମରେ ସୁରକ୍ଷା ସଚେତନତା ବୃଦ୍ଧି ପାଇଁ ଏମସିଏଲ୍‌ର ପ୍ରୟାସକୁ ବେଶ୍ ପ୍ରଶଂସା କରିଥିଲେ। ଏହା ସହିତ ବୋର୍ଡ ସଦସ୍ୟମାନେ ଗୋ ଅମୃତ ଗୋଶାଳାର ମଧ୍ୟ ପ୍ରଶଂସା କରିଥିଲେ।



# ଜୀବନକୁ ବାଜି ଲଗାଇ ରାଜପଥ ପାର ହେଉଛନ୍ତି ପଥଚାରୀ




**ନିରାକାରପୁର, ୧୩/୭(ନିପ୍ର):** ୧୬ ନମ୍ବର ଜାତୀୟ ରାଜପଥର ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଛକ ଏବେ ପଥଚାରୀଙ୍କ ପାଇଁ ପାଲଟିଛି ବିପଦପୂର୍ଣ୍ଣ। ସ୍ଥାନୀୟ ଲୋକେ ଓ ଯାତ୍ରୀମାନେ ସମୟ ବଞ୍ଚାଇବାକୁ ଯାଇ ସର୍ଟକଟ୍ ରାସ୍ତା ଆପଣାଉଥିବା ବେଳେ ପ୍ରତି ମୁହୂର୍ତ୍ତରେ ଜୀବନକୁ ବାଜି ଲଗାଇ ରାଜପଥ ଅତିକ୍ରମ କରୁଥିବା ଦେଖିବାକୁ ମିଳୁଛି। ଯେକୌଣସି ସମୟରେ ଏଠାରେ ଏକ ବଡ଼ ଧରଣର ଦୁର୍ଘଟଣା ଘଟିବାର ଆଶଙ୍କା ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ଜଙ୍କିଆ ଛକଠାରୁ ଅଣ୍ଡରପାସ୍ ପ୍ରାୟ ଅଧ କିଲୋମିଟର ଦୂରରେ ରହିଛି। ଫଳରେ ବସ୍‌ରେ ଯାତାୟାତ କରୁଥିବା ଯାତ୍ରୀ ଏବଂ ଜଙ୍କିଆ ପଟୁ ଛଣଗିରି ରାସ୍ତା ପାର୍ଶ୍ୱରେ ଥିବା ଦୋକାନ ବଜାରକୁ ଯିବା ଆସିବା କରୁଥିବା ସାଧାରଣ ଲୋକେ ଏତେ ବାଟବୁଲି ନଯାଇ ସିଧାସଳଖ ଜାତୀୟ ରାଜପଥ ପାର ହେଉଛନ୍ତି। ଏହି ଅଣ୍ଡରପାସ୍ ଦେଇ କେବଳ ଦୁଇଚକିଆ ଓ ଚାରିଚକିଆ ଗାଡ଼ି ଗୁଡ଼ିକ ସହଜରେ ଅତିକ୍ରମ କରୁଥିବା ବେଳେ ପାଦଚଲା ଲୋକଙ୍କ ପାଇଁ ଏହା ସମସ୍ୟା ସୃଷ୍ଟି କରୁଛି। ଯାହାଦ୍ୱାରା ଲୋକେ ବାଧ୍ୟ ହୋଇ ବିପଜ୍ଜନକ ଭାବେ ରାସ୍ତା ପାର ହେଉଛନ୍ତି। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ରାଜପଥ ମଝିରେ କୌଣସି ସୁରକ୍ଷା ବାରିକେଟ୍ ନାହିଁ। ଏହାର ସୁଯୋଗ ନେଇ ମଣିଷଙ୍କ ସହିତ ବହୁ ସଂଖ୍ୟାରେ ଗୃହପାଳିତ ପଶୁମାନେ ମଧ୍ୟ ଅତି ସହଜରେ ରାସ୍ତା ଏପାରି ସେପାରି ହେଉଛନ୍ତି। ଫଳରେ ଦ୍ରୁତଗତିରେ ଆସୁଥିବା ଗାଡ଼ି ଗୁଡ଼ିକ ସହ ଧକ୍କା ହୋଇ ପ୍ରାୟ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଜଙ୍କିଆ ଛକରେ ଏକ ଫୁଟ୍ ଓଭର ବ୍ରିଜ୍ ନିର୍ମାଣ କରିବାର ଜରୁରୀ ଆବଶ୍ୟକତା ରହିଛି।

### ||||||||||||||||||||| ଜଳ ସଂରକ୍ଷଣ ପ୍ରକଳ୍ପ କାମ ନିମ୍ନମାନର |||||||||||||||||||||

# ବନ ବିଭାଗର କାମରେ ନାହିଁ ସୂଚନାଫଳକ



**ସୋନପୁର, ୧୩।୭(ନିପ୍ର):** ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ବ୍ରାହ୍ମଣୀପାଲି-ରାଜପାଲି ନିକଟସ୍ଥ ବାରପାହାଡ଼ ପୀଠ ପାଦଦେଶରେ ନିର୍ମିତ ଜଳ ସଂରକ୍ଷଣ ପ୍ରକଳ୍ପ କାମ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ଆଉଟ୍‌ଲେଟ୍ କଂକ୍ରିଟ୍ ହେଡ୍ ୱାଲରେ ୨ଟି ଲମ୍ବା ଫାଟ ସୃଷ୍ଟି ହୋଇଥିବା ଏବେ ଦେଖିବାକୁ ମିଳିଛି। ବନ ବିଭାଗ ପକ୍ଷରୁ ମାତ୍ର ୧୦ ଦିନ ପୂର୍ବରୁ କଂକ୍ରିଟ୍ ଆଉଟ୍‌ଲେଟ୍ କାମ ସରିଥିବାବେଳେ ହେଡ୍ ୱାଲରେ ଫାଟ ସୃଷ୍ଟି ହେବା ପ୍ରକଳ୍ପର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। କାମ ନିମ୍ନମାନର ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରି ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ସୁବର୍ଣ୍ଣପୁର ବନଖଣ୍ଡ ନାରାୟଣପୁର ଫରେଷ୍ଟ ସେକ୍ସନର ଖରଗସାକନା ବିଟ୍‌ରେ ଏହି ପ୍ରକଳ୍ପ ନିର୍ମାଣ ହୋଇଛି। ସଂରକ୍ଷିତ ଜଙ୍ଗଲର ବାରପାହାଡ଼ ଖୋଲର ଝରଣା ଜଳକୁ ସଂରକ୍ଷଣ କରିବା ପାଇଁ ଏହା ନିର୍ମାଣ କରାଯାଇଛି। ପରବର୍ତ୍ତୀ ସମୟରେ ଉପରମୁଣ୍ଡରେ ଚେକ୍‌ଡ୍ୟାମ୍ ନିର୍ମାଣ, ପର୍ଯ୍ୟଟକଙ୍କ ପାଇଁ ପିକ୍‌ନିକ୍ ପିଣ୍ଡି ଓ ବ୍ୟାପକ ଚାରା ରୋପଣ ପାଇଁ ଯୋଜନା ରହିଛି। ତେବେ ଜଳ ସଂରକ୍ଷଣ ପ୍ରକଳ୍ପ ନିର୍ମାଣ ସରିବାକୁ ବସିଥିବାବେଳେ ଏ ପର୍ଯ୍ୟନ୍ତ ସ୍ୱଚ୍ଛତା ଦୃଷ୍ଟିରୁ ତଥା ଅଞ୍ଚଳବାସୀଙ୍କ ଅବଗତି ପାଇଁ ବନ ବିଭାଗ ପକ୍ଷରୁ ସୂଚନା ଫଳକ ଲଗାଯାଇନାହିଁ। ତେଣୁ ପ୍ରକଳ୍ପର ଅଟକଳ ମୂଲ୍ୟ ସମ୍ପର୍କରେ ଅଞ୍ଚଳବାସୀ ଜାଣି ପାରୁନାହାନ୍ତି। ସେହିପରି ବର୍ଷା ଋତୁ ଆରମ୍ଭରୁ ପ୍ରଥମ ବର୍ଷାରେ ପ୍ରକଳ୍ପର କଂକ୍ରିଟ୍ କାମରେ ଫାଟ ସୃଷ୍ଟି ହେଲାଣି। ଆଗକୁ ପ୍ରକଳ୍ପର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପାଇକବାହାଲ ପଞ୍ଚାୟତର ବାରପାହାଡ଼ରେ ଆରାଧ୍ୟ ଦେବତାଙ୍କ ପୀଠ ରହିଛି। ଏକ ଗୁମ୍ଫାରେ ବାରପାହାଡ଼ ଦେବତା ପୂଜା ପାଉଛନ୍ତି। ପ୍ରକୃତି କୋଳରେ ଏକ ମନୋରମ ପରିବେଶରେ ଥିବା ଉକ୍ତ ଅଞ୍ଚଳକୁ ପର୍ଯ୍ୟଟକମାନେ ଆସି ସୌନ୍ଦର୍ଯ୍ୟକୁ ଉପଭୋଗ କରନ୍ତି। ବାରପାହାଡ଼ ବୁଢ଼ାରାଜା ମଧ୍ୟ ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଥାଏ। ତେଣୁ ପୀଠ ଓ ସମ୍ପୃକ୍ତ ଅଞ୍ଚଳକୁ ବିକଶିତ କରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା। ଏ ସମ୍ପର୍କରେ ସୁବର୍ଣ୍ଣପୁର ବନଖଣ୍ଡ ଅଧିକାରୀ ନିମ୍ନମାନର କାମ ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। କାମରେ ବୈଷୟିକ ତ୍ରୁଟି ପାଇଁ ପ୍ରକଳ୍ପରେ ଫାଟ ସୃଷ୍ଟି ହୋଇଛି। ହେଡ ୱାଲରେ ୱିପ୍ ହୋଲ ନ ଥିବାରୁ ଏଭଳି ହୋଇଥିବା ସେ ସନ୍ଦେହ ପ୍ରକାଶ କରିଛନ୍ତି। ଉକ୍ତ ଫାଟକୁ ବନ୍ଦ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ତେବେ କାମ ଆରମ୍ଭରୁ ସୂଚନା ଫଳକ ଲଗାଇବା ଉଚିତ ଥିଲା। ଦାୟିତ୍ୱରେ ଥିବା ଅଧିକାରୀ କାହିଁକି ଲଗାଇନାହାନ୍ତି ସେ ବୁଝିବେ ବୋଲି କହିଛନ୍ତି।

## ଆମରଣ ଅନଶନ ବେଳେ ଚାମେଲି ଅସୁସ୍ଥ



ଭୁବନେଶ୍ୱର, ୧୩।୭(ନିପ୍ର): ଆମରଣ ଅନଶନବେଳେ ଚାମେଲି ଅସୁସ୍ଥ ହୋଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଆମରଣ ଅନଶନରେ ବସିଥିବା ସମୟରେ ଚାମେଲି ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ୨ ଦଫା ଦାବି ନେଇ ଭୁବନେଶ୍ୱର ଲୋୟର ପିଏମଜିରେ କେନ୍ଦ୍ରାପଡ଼ା ଜିଲ୍ଲା ତିଖିରି ପଞ୍ଚାୟତର ସରପଞ୍ଚ ଚାମେଲି ଓଝା ଆମରଣ ଅନଶନ ଚଳାଇଛନ୍ତି। ଚାମେଲିଙ୍କ ପ୍ରତି ହୋଇଥିବା ଅନ୍ୟାୟ ଓ ଅତ୍ୟାଚାରର ବିଚାର ଦାବି କରିଛନ୍ତି। ୨ ପ୍ରମୁଖ ଦାବି ମଧ୍ୟରେ ମହାକାଳପଡ଼ା ବିଡିଓ ରବି ନାରାୟଣ ଆଚାର୍ଯ୍ୟଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଏବଂ ମହାକାଳପଡ଼ା ଆଇଆଇସି ମାନସ ମଲ୍ଲିକଙ୍କ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ ରହିଛି। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆମରଣ ଅନଶନ ଜାରି ରହିବ ବୋଲି ଚାମେଲି କହିଛନ୍ତି। ସୁଚନାଯୋଗ୍ୟ, ତିଖିରୀ ସରପଞ୍ଚ ଚାମେଲୀ ଓଝା ସୋମବାରଠାରୁ ଲୋୟର ପିଏମଜିରେ ଆମରଣ ଅନଶନ ଆରମ୍ଭ କରିଛନ୍ତି। ସରପଞ୍ଚ ଭାବେ ଚାମେଲି ମହାକାଳପଡା ବ୍ଲକ କାର୍ଯ୍ୟାଳୟକୁ ଉନ୍ନୟନ କାର୍ଯ୍ୟ ବିଷୟରେ ବିଡିଓଙ୍କ ସହ ଆଲୋଚନା କରିବାକୁ ଆସିଥିବାବେଳେ ମହାକାଳପଡ଼ା ବ୍ଲକ କାର୍ଯ୍ୟାଳୟରେ କିଛି ଲୋକ ଚାମେଲିଙ୍କ ମୋବାଇଲ ଛଡ଼ାଇବା ସହ ଗାଳିଗୁଲଜ କରିଥିଲେ। ବିଡିଓ ଅଫିସରେ ତାଙ୍କ ଉପରେ ଆକ୍ରମଣ ହୋଇଥିବା ମଧ୍ୟ ସେ ଅଭିଯୋଗ କରିଥିଲେ।

**AFFIDAVIT**

By virtue of an affidavit sworn before the Executive Magistrate, Banpur, on dated 19/05/2026, I Anusuya Swain, W/O-Prabhata kumar Swain, At- Ranipada, Po-Kumaranga, Ps.-Banpur, Dist-Khordha, Odisha, Pin-752031, declare that, I have changed the name of my minor daughter from Riya Swain to Tejaswini Swain. Henceforth my daughter's name shall be known as Tejaswini Swain for all purposes.

**Sd-Anusuya Swain**

**AFFIDAVIT**

By virtue of an affidavit sworn before the Executive Magistrate, Banpur, dated 13/07/2026, I, Jhina Sundara, W/o- Sahadeb Sundara, At-Pankal, Po-Gambharimunda, Ps-Nachuni, Dist-Khordha, Odisha, Pin-752035, declare that, I have changed the name of my minor daughter from Puspanjali Sundara to Swety Sundara. Henceforth my daughter's name shall be known as Swety Sundara for all purposes.

**Sd-Jhina Sundara**

**AFFIDAVIT**

By virtue of an affidavit sworn before The Executive Magistrate, Bhadrak affidavit no.7927 dtd.03.07.2026, I Yasmin Bibi W/o-Sk. Ishaque At-Sahapur, Mathasahi, Po-Bhadrak(T) Dist-Bhadrak, Pin-756100, Odisha do here declare that, I have changed the name of my son's name from Sk. Aarish Quadri to Shaikh Anas Quadri. Henceforth he will be known as Shaikh Anas Quadri for all purposes.

**Sd/-Yasmin Bibi**

**AFFIDAVIT**

By virtue of an affidavit sworn before The Executive Magistrate, Bhadrak affidavit no.7926 dtd.03.07.2026, I Khamsatun Bibi W/o-Sk.Rosan At-Mathasahi, Po/Ps-Bhadrak, Dist-Bhadrak, Pin-756100 Odisha do hereby declare that, I have changed my name from Khusamatun Bibi to Khamsatun Bibi. Henceforth I shall be known as Khamsatun Bibi for all purposes.

**Sd/-Khamsatun Bibi**

**AFFIDAVIT**

By virtue of an affidavit No. 41 dated 10.04,2026 sworn before Executive Magistrate, Bhubaneswar, I Gitanjali Panda, wife of - Gagan Bihari Panda, resident of At-Baragada Brit Colony, PO-Badagada, PS-Badagada, Bhubaneswar, Dist-Khordha declare that, my actual name is **Gitanjali Panda** which is mentioned in my Aadhaar No.7627 1885 1642, but in my LIC Policy No. 574523746 my name has been mentioned as **Manjulata Panda** which is my nick name. I do hereby declare that both **Gitanjali Panda** and **Manjulata Panda** is one and same person. Henceforth, my name shall be corrected as **Gitanjali Panda** in my LIC Bond.

**Gitanjali Panda**

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ | ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ